ବର୍ଷ-୫୬ : ସଂଖ୍ୟା-୧୨ ଡିସେମ୍ବର, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ—୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀମାଙ୍କ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| 'କଳ୍ପନା' ପ୍ରସଙ୍ଗରେ | ... | ଶ୍ରୀମା | ... | ୬ |
| ନୂତନ ଯୁଗ ପାଇଁ ପ୍ରସ୍ତୁତି (୨) | ... | ଶେଖ ଅବଦୁଲ କାଶମ | ... | ୭ |
| ଜ୍ଞାନ ଓ ଜ୍ଞାନୀ | ... | ମନୋଜ ଦାସ | ... | ୧୪ |
| ସାଗରକୁ (କବିତା) | ... | ଶ୍ରୀଅରବିନ୍ଦ | ... | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୯) | ... | ... | ... | ୧୭ |
| ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? | ... | ରାମକୃଷ୍ଣ ଦାସ | ... | ୨୧ |
| ମା' ଆପଣ ଏମିତି କହିଛନ୍ତି ... (୬) | ... | ହୁତା ହିନ୍ଦୋଚା | ... | ୨୪ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୧) | ... | ପ୍ରପତ୍ତି | ... | ୨୮ |
| ବିନ୍ଦୁରେ ସେ ମହାସିନ୍ଧୁ (କବିତା) | ... | ସୁନାମଣି ରାଉତ | ... | ୩୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୪) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୨ |
| କାରା-ଜୀବନୀ (୯) | ... | ଉଲ୍ଲାସକର ଦତ୍ତ | ... | ୩୬ |
| ନୂତନ ଶିକ୍ଷାର ଆହ୍ୱାନ (୨୭) | ... | ଗୟାଧର ଦାଶ | ... | ୩୯ |
| ଦଶକର୍ମଧାରା (୧୨) | ... | ପ୍ରସାଦ ତ୍ରିପାଠୀ | ... | ୪୨ |
| ନିଆଁର ସନ୍ଧାନରେ | ... | ମନୋଜ ଦାସ | ... | ୪୫ |
| ଗାଁ ଭିତରେ ଚିତା | ... | ବନମାଳୀ ଆଚାର୍ଯ୍ୟ | ... | ୪୭ |
| ହରି ଯାହାକୁ ରଖନ୍ତି | ... | ... | ... | ୫୦ |
| ଦେବଦୂତ ସଂଖ୍ୟା | ... | ଧର୍ମକୁମାର ଶତପଥି | ... | ୫୨ |
| ସ୍ୱଧର୍ମ-ବିରୋଧୀ ଭୂମିକାରୁ ନିବୃତ ରହୁ ଚିକିତ୍ସା ବିଜ୍ଞାନ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଶାନ୍ତି ଓ ନିରବତା ଭିତରେ ପ୍ରତିଭାତ ହୁଅନ୍ତି ଶାଶ୍ୱତ । ଯଦି କୌଣସି କିଛି ଦ୍ୱାରା ତୁମେ ବିଚଳିତ ନହେବ, ତା'ହେଲେ ଶାଶ୍ୱତ ହେବେ ପ୍ରତିଭାତ; ସବୁ ଅବସ୍ଥାକୁ ସାମନା କଲାବେଳେ ସମ୍ପୂର୍ଣ୍ଣ ସମତା ରକ୍ଷା କର ଏବଂ ଶାଶ୍ୱତ ହେବେ ଉପନୀତ । ... ହେ ପ୍ରଭୁ, ତୁମ ସନ୍ଧାନରେ ବାହାରି ଆମେ ଅତି ବେଶୀ ତୀବ୍ରତା, ଅତି ବେଶୀ ଆୟାସ ପ୍ରୟୋଗ କରିବା ଉଚିତ ନୁହେଁ; ଆୟାସ ଓ ତୀବ୍ରତା ତୁମ ଆଗରେ ଗୋଟାଏ ଆବରଣରେ ପରିଣତ ହୁଏ; ତୁମକୁ ଦେଖିବା ନିମନ୍ତେ ଆମେ କାମନା ପୋଷଣ କରିବା ଉଚିତ ନୁହେଁ, ତାହା ମଧ୍ୟ ଗୋଟାଏ ମାନସିକ ଉତ୍ତେଜନା ଯାହା ତୁମ ଶାଶ୍ୱତ ଉପସ୍ଥିତିକୁ ତମସାବୃତ କରେ; କେବଳମାତ୍ର ସମ୍ପୂର୍ଣ୍ଣ ଶାନ୍ତି, ଅନୁଦ୍‌ବେଳତା ଏବଂ ସମତା ଭିତରେହିଁ ଯେମିତି ସବୁକିଛିହିଁ ତୁମେ ଓ ତୁମେହିଁ ସବୁକିଛି; ଏହି ପରିପୂର୍ଣ୍ଣ ବିଶୁଦ୍ଧ ଏବଂ ଶାନ୍ତ ବାତାବରଣରେ ସାମାନ୍ୟତମ ଚାଞ୍ଚଲ୍ୟହିଁ ତୁମ ପରିପ୍ରକାଶରେ ଏକ ବିଘ୍ନ । ବ୍ୟସ୍ତତା ବିନା, ଚଞ୍ଚଳତା ବିନା, ଉତ୍କଣ୍ଠା ବିନା ତୁମେ, କେବଳମାତ୍ର ତୁମେ, ବିନା ବିଶ୍ଳେଷଣ ବା ବିନା ସ୍ଥୂଳାୟନରେ; ତୁମେ ବିଦ୍ୟମାନ କୌଣସି ସମ୍ଭାବ୍ୟ ସନ୍ଦେହ ବିନା, ଯେହେତୁ ସବୁ ହୋଇଛି ଏକ ପୁଣ୍ୟମୟ ଶାନ୍ତି ଏବଂ ପବିତ୍ର ନିରବତାରେ ପରିଣତ ।

ଏବଂ ପୃଥିବୀର ସମସ୍ତ ଧ୍ୟାନ ତୁଳନାରେ ତାହା ମହତ୍ତର ।

ଡିସେମ୍ବର ୫, ୧୯୧୨ — ଶ୍ରୀମା



# ଶ୍ରୀମାଙ୍କ ବାଣୀ

Man carries within himself perfect power, perfect wisdom and perfect knowledge, and if he wants to possess them, he must discover them in the depth of his being, by introspection and concentration.

These divine qualities are identical at the centre, at the heart of all beings; this implies the essential unity of all, and all the consequences of solidarity and fraternity that follow from it.

(CWM, Vol. 2, p. 69) – The Mother

ମଣିଷ ନିଜ ଭିତରେ ବହନ କରୁଥାଏ ଅନାହତ ଶକ୍ତି, ଅନାହତ ପ୍ରଜ୍ଞା, ଏବଂ ଅନାହତ ଜ୍ଞାନ ଏବଂ ସେ ଯଦି ସେସବୁ ଆୟତ୍ତ କରିବାକୁ ଚାହେଁ, ତେବେ ସେ ଅନ୍ତର୍ବୀକ୍ଷଣ ଏବଂ ଏକାଗ୍ରତା ଯୋଗେ, ତା' ସତ୍ତାର ଗଭୀରରେ ସେସବୁ ଆବିଷ୍କାର କରିବା ଆବଶ୍ୟକ ।

ଏହି ଦିବ୍ୟଗୁଣ ସମୂହ ସବୁ ମଣିଷଙ୍କ କେନ୍ଦ୍ରସ୍ଥଳରେ, ସବୁ ମଣିଷଙ୍କ ହୃଦୟରେ ଅଭିନ୍ନ; ଏହା ସଭିଙ୍କ ଭିତରେ ଥିବା ମୌଳିକ ଐକ୍ୟ ଏବଂ ତାକୁ ଅନୁସରଣ କରୁଥିବା ତା'ର ଫଳ ସଂହତି ଓ ଭ୍ରାତୃଭାବର ସୂଚନା ଦିଏ ।

- ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୨୪)

## ଶ୍ରୀଅରବିନ୍ଦ

A witness to his high triumphant star,
Her godhead servitor to a crowned Idea,
He shall dominate by her a prostrate world;
A warrant for his deeds and his beliefs,
She attests his right divine to lead and rule.

ତା'ର ସମୁଚ୍ଚ ବିଜୟୀ ତାରକାର ଏକ ସାକ୍ଷୀ (ସେହି ଦେବୀ), ତାଙ୍କର ଦିବ୍ୟତା ମୁକୁଟମଣ୍ଡିତ ଏକ ବିଚାରର ସେବିକା, ତାଙ୍କରି ସହାୟତାରେ ସେ ଆଧିପତ୍ୟ ବିସ୍ତାର କରିବ ଅବନତ ପୃଥିବୀ ଉପରେ; ସେ ତା'ର କର୍ମରାଜି ଓ ବିଶ୍ୱାସଚୟର ଏକ ସମର୍ଥନକାରିଣୀ, ଦିଗ୍‌ଦର୍ଶନ ଦେବା ଓ ଶାସନ କରିବା ଲାଗି ତା'ର ଦିବ୍ୟ ଅଧିକାରର ଯଥାର୍ଥତାକୁ ସେ ପ୍ରମାଣ କରନ୍ତି ।

Or as a lover clasps his one beloved,
Godhead of his life's worship and desire,
Icon of his heart's sole idolatry,
She now is his and must live for him alone:
She has invaded him with her sudden bliss,
An exhaustless marvel in his happy grasp,
An allurement, a caught ravishing miracle.

ଅଥବା ପ୍ରେମିକଟିଏ ଯେପରି ତାହାର ଏକହିଁ ପ୍ରେମାସ୍ପଦାକୁ ଆଶ୍ଳେଷାବଦ୍ଧ କରିଥାଏ, ସେହିପରି ତା' ଜୀବନର ଉପାସନା ଓ ବାସନାର ଦେବୀ, ତା' ହୃଦୟର ଏକମାତ୍ର ଆରାଧ୍ୟା ପ୍ରତିମା ହୋଇ ସେ ରହିଥା'ନ୍ତି, ସଂପ୍ରତି ସିଏ ତାହାର ଓ କେବଳ ତାହାରି ପାଇଁ ସେ ଅବଶ୍ୟ ଜୀବନଧାରଣ କରିବେ : ତାଙ୍କର ସହସା ଆନନ୍ଦ ତାହାକୁ ଆକ୍ରାନ୍ତ କରି ଅଧିକାର କରି ନେଇଛି, ତା'ର ସୁଖମୟ ଆଲିଙ୍ଗନ ଭିତରେ ସେ ଥାଆନ୍ତି ଏକ ଅସରନ୍ତି ବିସ୍ମୟାନୁଭବ ହୋଇ, ଏକ ପ୍ରଲୋଭନ ତଥା ଅଧିଗତ ହୋଇଥିବା ମୋହମୁଗ୍ଧା ଅଲୌକିକତା ହୋଇ ।

Her now he claims after long rapt pursuit,
The one joy of his body and his soul:
Inescapable is her divine appeal,
Her immense possession an undying thrill,
An intoxication and an ecstasy:
The passion of her self-revealing moods,
A heavenly glory and variety,
Makes ever new her body to his eyes,
Or else repeats the first enchantment's touch,
The luminous rapture of her mystic breasts
And beautiful vibrant limbs a living field
Of throbbing new discovery without end.

ଦୀର୍ଘ ନିବିଷ୍ଟ ଅନୁଧାବନ ଅନ୍ତେ ସେ ଏବେ ତାଙ୍କୁ ପାଇବାକୁ ଦାବି କରି ବସେ, ତା'ର ଦେହ ଓ ତା'ର ଅନ୍ତରାତ୍ମାର ସେହିଁ ଏକମାତ୍ର ଆନନ୍ଦ : ଅନତିକ୍ରମଣୀୟ ତାଙ୍କର ଦିବ୍ୟ ଆକର୍ଷଣ, ତାଙ୍କର ବିପୁଳ ସମ୍ପଦ ଏକ ଅମର ଶିହରଣ, ଏକ ମାଦକତା ଏବଂ ଏକ ଉଲ୍ଲାସ : ଆତ୍ମ-ଉଦ୍ଭାସନକାରୀ ତାଙ୍କ ମିଜାଜ-ସକଳର ଆବେଗ, ଏକ ସ୍ୱର୍ଗୀୟ ମହିମା ତଥା ବୈଚିତ୍ର୍ୟ, ତା'ର ନୟନ ସମକ୍ଷରେ ତାଙ୍କର ତନୁଶ୍ରୀକୁ ନିତ୍ୟନୂତନ କରି ଗଢ଼ିତୋଳେ, ଅଥବା ପୁନରାବୃତ୍ତି କରେ ପ୍ରଥମ ସମ୍ମୋହନର ସ୍ପର୍ଶ, ତାଙ୍କର ରହସ୍ୟନିଗୂଢ଼ ବକ୍ଷଦେଶର ପ୍ରୋଜ୍ଜ୍ୱଳ ରଭସ ଏବଂ ଲାବଣ୍ୟଭରା ସ୍ପନ୍ଦିତ ଅଙ୍ଗରାଜି ସାଜିଥାଏ ସ୍ପନ୍ଦନମୟ ଅନ୍ତହୀନ ଆବିଷ୍କାରର ଏକ ଜୀବନ୍ତ କ୍ଷେତ୍ର ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ‘କଳ୍ପନା’ ପ୍ରସଙ୍ଗରେ

## ଶ୍ରୀମା

### କଳ୍ପନାର ଶକ୍ତି

ଯଦି ତୁମର ଖୁବ୍ ଶକ୍ତିଶାଳୀ କଳ୍ପନା ପ୍ରବଣତା ଥାଏ ଏବଂ ତୁମର କାମନାକୁ ବାସ୍ତବରେ ପରିଣତ କରିବା ପାଇଁ ତାହାକୁ ପୂର୍ଣ୍ଣ ରୂପଦେଇ ଗଢ଼ିପାର, ତା’ହେଲେ ତୁମେ ପୁଙ୍ଖାନୁପୁଙ୍ଖଭାବେ ତାହା କରିଚାଲ, ଯେପରିକି ତୁମର କାମ୍ୟ ବିଷୟଟି ଚମତ୍କାରଭାବେ ଏକ ରୂପ ଗ୍ରହଣ କରିପାରିବ ଏବଂ ସେହି ଉପଲବ୍ଧ ରୂପଟି ତା’ ଛାଏଁ ଛାଏଁ ତିଷ୍ଠି ରହିବ । ଆଉ, ଦେଖ ... ତୁମେ ବର୍ତ୍ତମାନ ନିଶ୍ଚିତ ରହିପାର – ଯଦି ତୁମେ ଦୀର୍ଘ ସମୟ ବଞ୍ଚି ରୁହ, ତେବେ ତୁମର କାମ୍ୟ ବସ୍ତୁଟି ବାସ୍ତବରେ ତୁମ ଜୀବନରେ ରୂପାୟିତ ହେବହିଁ ହେବ । ଏପରିକି ତାହା ତା’ ପରଦିନ ମଧ୍ୟ ସାକାର ହୋଇପାରେ – ଏପରିକି ପରମୁହୂର୍ତ୍ତରେ ମଧ୍ୟ ତାହା ହୋଇପାରେ । ଅନ୍ୟ ପକ୍ଷରେ ଏହା ବର୍ଷ ବର୍ଷ ଲାଗିପାରେ, ଶତାବ୍ଦୀ ଶତାବ୍ଦୀ ମଧ୍ୟ ଲାଗିପାରେ । କିନ୍ତୁ ଏକଥା ନିଶ୍ଚିତ ଯେ ଏହା ଦିନେ ନା ଦିନେ ସାକାର ହେବ । ଆଉ ଗୋଟିଏ କଥା ହେଲା – ତୁମେ ଯଦି ତୁମର ଏହି କଳ୍ପନାର ସାମର୍ଥ୍ୟ ସହିତ ତୁମର ସୃଜନଶୀଳ ପ୍ରାଣଶକ୍ତିକୁ ମିଶାଇ ଦେଇପାର, ତା’ହେଲେ ତୁମେ ଏହାକୁ ଏକ ଜୀବନ୍ତ ଶକ୍ତିରେ ପରିଣତ କରିଦେଇ ପାରିବ; ଏବଂ ଯେହେତୁ ସମସ୍ତ ଜୀବନ୍ତ ଶକ୍ତି ବାସ୍ତବରେ ରୂପାୟିତ ହେବା ଦିଗରେ ଗତି କରନ୍ତି, ସେହେତୁ ଏହା ପାର୍ଥିବ ଘଟନା ବା ପରିବେଶମାନଙ୍କ ଉପରେ ଏପରି ଚାପ ପକାଇବ ଯେ ତୁମର ସେହି କଳ୍ପନାର ବସ୍ତୁଟି ଖୁବ୍ ଶୀଘ୍ର ବାସ୍ତବରେ ରୂପାୟିତ ହେବାକୁ ବାଧ୍ୟ ହୋଇଯିବ । ...

ଯଦି ... ଜଣଙ୍କର କଳ୍ପନା କାମନା ନହୋଇ ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ଆସ୍ପୃହା ହୋଇଥାଏ ଏବଂ ସେ କ୍ରମଶଃ ସେଦିଗରେ ଅଗ୍ରଗତି କରି ଚାଲେ, ତେବେ ସେ ଦିନେ ଯାହା ପାଇବା ପାଇଁ କଳ୍ପନା କରିଥିଲା, ତାହା ନିଶ୍ଚୟ ଦିନେ ନା ଦିନେ ବାସ୍ତବରେ ଲାଭ କରିପାରିବ ।

### କଳ୍ପନା

ମୁଁ ତୁମକୁ କହି ରଖୁଛି, କେବେ ବି ନିରୁତ୍ସାହିତ ବୋଧ କର ନାହିଁ ଓ କେବେ ବି ନିରାଶ ହୋଇଯାଅ ନାହିଁ, କିନ୍ତୁ ତୁମର କଳ୍ପନା ସର୍ବଦା ଆଶାନ୍ୱିତ ହୋଇ ରହୁ ଏବଂ ଉଚ୍ଚତର **ସତ୍ୟ**କୁ ବହନ କରିବା ଲାଗି ଆନନ୍ଦରେ ନମନୀୟ ହୋଇ ରହୁ । ତା’ହେଲେ ଯାଇ ସେଇ ଉଚ୍ଚତର ସତ୍ୟ ତୁମ ଭିତରେ ତା’ର ସୃଜନଶୀଳ ଆଲୋକ ଧରି ରଖିବା ପାଇଁ ଆବଶ୍ୟକ ଗଠନମାନ ପାଇପାରିବ ।

କଳ୍ପନା ହେଲା ଏକ ଛୁରୀ ସଦୃଶ ଯାହା ଭଲ ଓ ମନ୍ଦ ଉଭୟ ଦିଗରେ ବ୍ୟବହୃତ ହୋଇପାରେ । ତୁମେ ଯଦି ସବୁବେଳେ ଏପରି ଏକ ଧାରଣା ଓ ଅନୁଭବ ଭିତରେ ରହିପାରିବ – ତା’ମାନେ, ତୁମେ ଯଦି ସବୁବେଳେ ମନେ ମନେ ଭାବିବ ଯେ ତୁମେ ରୂପାନ୍ତରିତ ହେବା ଦିଗରେ ଗତି କରୁଛ, ତା’ହେଲେ ତୁମେ ଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବ । ଯଦି, ଅନ୍ୟ ପକ୍ଷରେ ତୁମେ ଉତ୍ସାହହୀନ ହୋଇ ପଡ଼ିବ ଏବଂ ବିଳାପ କରି ବସିବ ଯେ ତୁମର କିଛି ଯୋଗ୍ୟତା ନାହିଁ କିଂବା ତୁମେ କୌଣସି ଉଚ୍ଚ ଉପଲବ୍ଧି କରିବା ପାଇଁ ଅସମର୍ଥ, ତା’ହେଲେ ତୁମେ ତୁମର ସତ୍ତାକୁ ବିଷାକ୍ତ କରିଦେବ । ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟଟିକୁ ତୁମେ ସଠିକ୍ ଭାବେ ଉପଲବ୍ଧି କରିବ ବୋଲି ମୁଁ ଏଇ କଥାଟିକୁ ବାରଂବାର ଅକ୍ଳାନ୍ତଭାବେ ତୁମକୁ କହି ଆସୁଛି ଯେ, ତୁମର ଯାହା କିଛି ଘଟୁପଛେ – ଭଗବାନଙ୍କ ଦୁହାଇ – ତୁମେ କେବେ ବି ଅବସନ୍ନ ହୋଇପଡ଼ିବ ନାହିଁ । ବରଂ ନିରବଚ୍ଛିନ୍ନ ଭାବେ ଆଶା ମଧ୍ୟରେ ବଞ୍ଚି ରୁହ ଏବଂ ସ୍ଥିର ସିଦ୍ଧାନ୍ତରେ ରୁହ ଯେ ଆମ୍ଭେମାନେ ଯାହା କରୁଛୁ ତାହା ନିଶ୍ଚେ ଦିନେ ସଫଳ ହେବ । ଅନ୍ୟ ଭାଷାରେ କହିଲେ, ଶ୍ରୀଅରବିନ୍ଦଙ୍କଠାରେ ବିଶ୍ୱାସ ରଖ – ସେହି ବିଶ୍ୱାସରେ ତୁମର ସମସ୍ତ ଶୁଭ କଳ୍ପନାଗୁଡ଼ିକ ଗଢ଼ିଉଠୁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ନୂତନ ଯୁଗ ପାଇଁ ପ୍ରସ୍ତୁତି
## (୨)
**ଶେଖ ଅବଦୁଲ କାଶମ**

ଅତିମାନସ ଚେତନା ଓ ଶକ୍ତିହିଁ ନୂତନ ଜଗତକୁ ସୃଷ୍ଟି କରିବ ଏବଂ ତାକୁ ବ୍ୟବସ୍ଥିତ କରିବା ସହ ଉତ୍ତରୋତ୍ତର ବିକାଶ ନିମିତ୍ତ ପ୍ରସ୍ତୁତ କରିବ । ଅତିମାନସର ଆବିର୍ଭାବ ଏବଂ ତାହାର କ୍ରମାଗତ କ୍ରିୟାଶୀଳତା ଏକ ଦୀର୍ଘ ଆୟାସସାଧ ପ୍ରକ୍ରିୟା ଏବଂ ଏହା ପାର୍ଥିବ ଚେତନାର ପ୍ରସ୍ତୁତି ଉପରେ ମୁଖ୍ୟତଃ ନିର୍ଭର କରେ । ଥରେ ମାଆଙ୍କୁ ପ୍ରଶ୍ନ କରାଯାଇଥିଲା – ''ଅତିମାନସ କିପରି କାର୍ଯ୍ୟ କରିବାକୁ ଯାଉଛି ? ଏହାକୁ ଗ୍ରହଣ କରିବା ନିମିତ୍ତ କ'ଣ କରାଯିବା ଉଚିତ ? ଏହା କେଉଁ ରୂପରେ ପ୍ରକାଶିତ ହେବ ?'' ଶ୍ରୀମା ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀଅରବିନ୍ଦଙ୍କ ରଚନାରୁ ଏକ ଉଦ୍ଧୃତି ଦେଇଥିଲେ – ''ଅତିମାନସ ଜଗତ୍ ଆମ ଭିତରେ ଭାଗବତ ସଂକଳ୍ପ ଦ୍ୱାରାହିଁ ଗଠିତ ବା ବିସୃଜିତ ହେବ, ଏହା ଏକ ନିରନ୍ତର ପ୍ରସାରଣ ଏବଂ ଆତ୍ମ-ପରିପୂର୍ଣ୍ଣତା ସାଧନର ପରିଣାମସ୍ୱରୂପ ("... as the result of a constant expansion and self-perfecting. ..." - CWSA, Vol. 15, p. 408) ସଂଘଟିତ ହେବ ।'' ବିଷୟଟି ବୁଝାଇବାକୁ ଯାଇ ମାଆ କହିଥିଲେ ଯେ ପ୍ରଥମତଃ ଆମର ଚେତନା ପ୍ରସାରିତ ହେବା ଆବଶ୍ୟକ ଏବଂ ଏକ ନିରବଚ୍ଛିନ୍ନ ବ୍ୟକ୍ତିଗତ ଅଗ୍ରଗତିହିଁ ଆମର ଧ୍ୟେୟ ଓ କର୍ତ୍ତବ୍ୟ ହେବା ଉଚିତ । ଅର୍ଥାତ୍ କିଛି ସମୟ ଲାଗି ଆସ୍ପୃହା ଟିକିଏ କରିଦେଲେ ଅଥବା ହଠାତ୍ ଉପରକୁ ଉଠିଯିବା ଲାଗି ସାମାନ୍ୟ ଟିକେ ଉଦ୍ୟମ କରିଦେଇ ତା'ପରେ ତନ୍ଦ୍ରା ବା ନିଷ୍କ୍ରିୟତା ମଧ୍ୟକୁ ଫେରି ଆସିଲେ, ତାହା ଦ୍ୱାରା ବିଶେଷ କିଛି ସୁଫଳ ମିଳିବ ନାହିଁ । ଅତିମାନସ ସତ୍ୟ-ଆଧାରିତ ସର୍ଜନା ଆମର ଏକମାତ୍ର ଭାବନା, ଏକମାତ୍ର ଇଚ୍ଛା ଓ ଏକମାତ୍ର ପ୍ରୟାସ ବା ବୃତ୍ତି ହେବା ଉଚିତ । ପାଞ୍ଚ ମିନିଟ ପାଇଁ ଅତିମାନସ ଶକ୍ତି ବିଷୟରେ ସ୍ମରଣ କରି ତା'ପରେ ଅନ୍ୟାନ୍ୟ ବିଷୟରେ ମଜ୍ଜି ରହିଲେ ଏହି କାର୍ଯ୍ୟ ହୋଇ ପାରିବ ନାହିଁ । ସତ୍ତାଗତ ଚେତନାର ନିତ୍ୟ ନିରନ୍ତର ପ୍ରସାରଣ ଏକାନ୍ତ ଅପରିହାର୍ଯ୍ୟ । ଆମକୁ ଏକ ନିମ୍ନ ସୀମିତ ଚେତନା ମଧ୍ୟରୁ ବାହାରି ଆସି ବୃହତ୍ତର ଚେତନା ମଧ୍ୟରେ ବଞ୍ଚିବାକୁ ହେବ । ଏଥିପାଇଁ ସତତ ଆସ୍ପୃହା କରିବାକୁ ହେବ । ମାଆ କହିଛନ୍ତି ଯେ ଅତିମାନସ ଚେତନା ମନୁଷ୍ୟମାନଙ୍କ ଉପରେ କାର୍ଯ୍ୟ କଲେ ତାହା ସେମାନଙ୍କର ଇଚ୍ଛାଶକ୍ତିକୁ ସଚେତନ ଭାବେ ହେଉ ବା ଅଚେତନ ଭାବେ ହେଉ ଭଗବାନଙ୍କ ଇଚ୍ଛା ଦିଗରେହିଁ ପରିଚାଳିତ କରିନେବ । କିନ୍ତୁ ଏହା ନିଶ୍ଚିତ ଯେ ଆମେ ଯଦି ଜାଗ୍ରତ୍ ଓ ଗ୍ରହଣଶୀଳ ହୋଇ ରହୁ ତାହାହେଲେ ଏହି କାର୍ଯ୍ୟଟି ତ୍ୱରାନ୍ୱିତ ହୋଇପାରିବ ।

ଆମେ ଗୁଡ଼ାଏ କଳ୍ପନା କରିନେଲେ ବା ଆଶା କରିଦେଲେ ଅଭୀଷ୍ଟ କାର୍ଯ୍ୟଟି ସିଦ୍ଧ ହୋଇଯିବ ନାହିଁ । ଭବିଷ୍ୟତର ସୃଷ୍ଟି ପାଇଁ ଆମର ହୃଦୟ ଓ ମନରେ ଏକ ତୀବ୍ର ଗତିଶୀଳତା, ପ୍ରଚଣ୍ଡ ପ୍ରବେଗ ଓ ଉଦ୍ଦୀପନା ଦୃଢ଼ୀଭୂତ ହୋଇ ରହିଥିବା ଉଚିତ । ନୂତନ ଜାତି ବିଷୟରେ ଯେଉଁ ସର୍ବୋଚ୍ଚ ଭାବନା ଆମ ଆଗରେ ରହିଛି ତାହାରି ଆଡ଼କୁ ଆମ ଭିତରେ ଆକୁଳ ଆନ୍ତରିକ ଆସ୍ପୃହା ତଥା ଏକ ପ୍ରକାରର ପ୍ରଦୀପ୍ତ ଗ୍ରହଣଶୀଳତା (enlightened receptivity) ରହିଥିବା ଆବଶ୍ୟକ ।

ପାର୍ଥିବ ଚେତନାର ଆମୂଳ ରୂପାନ୍ତର ନିମନ୍ତେ ଆମକୁ ଅବଚେତନା ଓ ନିଶ୍ଚେତନା ମଧ୍ୟକୁ ଓହ୍ଲାଇ କାର୍ଯ୍ୟ କରିବାକୁ ହେବ । ଶ୍ରୀମା ଶ୍ରୀଅରବିନ୍ଦ ଏହାର ବ୍ୟକ୍ତିଗତ ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି । ସାଧୁ ବା ସନ୍ଥଟିଏ ହେବା ଅପେକ୍ଷାକୃତ ସହଜ ବ୍ୟାପାର; ମାତ୍ର ଚେତନାର ମୌଳିକ ରୂପାନ୍ତର ସାଧନ ଏକ ଅତ୍ୟନ୍ତ ଦୁରୂହ କାର୍ଯ୍ୟ । ଏହା କେବଳ ମାନୁଷୀ ପ୍ରୟାସ ଦ୍ୱାରା ଆଦୌ ସମ୍ଭବ ହୋଇ ପାରିବ ନାହିଁ । ମନୁଷ୍ୟମାନଙ୍କ ଆବାହନ, ଆସ୍ପୃହା ଓ ସହଯୋଗିତା ତଥା ଦିବ୍ୟ ପରମା ଜନନୀଙ୍କ ଶକ୍ତି ଓ କୃପା ସମ୍ମିଳିତ ହେଲେ ଯାଇ ଏ ପୃଥିବୀରେ ଦିବ୍ୟ ଜୀବନ ପ୍ରତିଷ୍ଠିତ ହୋଇପାରିବ । ଶ୍ରୀଅରବିନ୍ଦ 'ମା' ପୁସ୍ତକରେ ସ୍ପଷ୍ଟ କରି ଦେଇଛନ୍ତି – ''କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତିହିଁ ଆବରଣ ଛିନ୍ନ କରିଦେଇ ପାରେ, ଆଧାରକୁ ଗଢ଼ିପାରେ; ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତିଃ, ଦିବ୍ୟ ଜୀବନ ଏବଂ ଅମର ଆନନ୍ଦ ।''

ଅବଚେତନା ଓ ନିଶ୍ଚେତନାର ଅନ୍ଧକାର ମଧ୍ୟରେ ଯେଉଁ ମିଥ୍ୟା ଗତିବୃତ୍ତିଗୁଡ଼ିକ ନିଜକୁ ଲୁଚାଇ ରଖିଛନ୍ତି ସେଗୁଡ଼ିକ ଉପରେ ଦିବ୍ୟ ଆଲୋକର ପ୍ରଖର ରଶ୍ମିକୁ କେନ୍ଦ୍ରୀଭୂତ କରିବାକୁ ହେବ । ସମଗ୍ର ଜଗତକୁ ବର୍ତ୍ତମାନ ବିଭ୍ରାନ୍ତି, ଦୁଃଖକ୍ଲେଶ, ବିଶୃଙ୍ଖଳା, ବିପର୍ଯ୍ୟୟ ଓ ଅଶାନ୍ତି ରୂପକ ଅମା-ଅନ୍ଧକାର ଘୋଟି ରହିଛି । ଏହା ମନୁଷ୍ୟମାନଙ୍କୁ ନିରାଶା ମଧ୍ୟକୁ ପ୍ରକ୍ଷେପିତ କରିବାକୁ ପ୍ରବୃତ୍ତ ହେଉଛି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁଠୁ ଉତ୍ତମ କାର୍ଯ୍ୟ ହେଲା ବାହାରର ଦୁଃଖଦାୟକ ଶୋଚନୀୟ ଘଟଣାଗୁଡ଼ିକ ବିଷୟରେ ବ୍ୟତିବ୍ୟସ୍ତ ନ ହୋଇ ନିଜ ଭିତରେ ଚେତନାର ବିକାଶ ଲାଗି ସତତ ପ୍ରୟାସ କରିଚାଲିବା । ଶ୍ରୀଅରବିନ୍ଦଙ୍କ ଭାଷାରେ, ‘‘The one thing is to hold on and to hold out till the hour of light has come.’’ (CWSA, Vol. 35, p. 222)

ଅର୍ଥାତ୍, ‘‘ଆଲୋକର ଅଭ୍ୟୁଦୟ ହେବା ପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟଧାରଣପୂର୍ବକ ଆପଣାର ପ୍ରୟାସରେ ଦୃଢ଼ ହୋଇ ରହିବାକୁ ହେବ ।’’

ନୂତନ ଜଗତ ଭିତରୁହିଁ ନିର୍ମିତ ହୋଇ ଆସିବ, ବାହାରୁ ନୁହେଁ । ପରଦାର ଅନ୍ତରାଳରେ ଉତ୍ତମ ବସ୍ତୁସକଳ ରୂପାୟିତ ହେବାରେ ଲାଗିଛନ୍ତି । ବାହାରକୁ କେବଳ ଅନ୍ଧକାରହିଁ ଉତ୍କଟ ହୋଇ ରହିଛି । ତେଣୁ ନିରାଶ ହେବାର କାରଣ ନାହିଁ । ୧୯୬୧ ମସିହା ନବବର୍ଷ ବାଣୀରେ ଶ୍ରୀମା କହିଥିଲେ – ‘‘This wonderful world of delight waiting at our gates for our call, to come down upon earth.’’

(CWM, Vol. 15, p. 173)

ଅର୍ଥାତ୍, ‘‘ଏକ ବିସ୍ମୟକର ଆନନ୍ଦର ଜଗତ୍ ଆମର ଦ୍ୱାରଦେଶରେ ପ୍ରତୀକ୍ଷା କରୁଅଛି । ଆମର ଆବାହନ ମାତ୍ରେ ତାହା ପୃଥିବୀ ଉପରକୁ ଓହ୍ଲାଇ ଆସିବ ।’’

କିନ୍ତୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମକୁ ଯଥାର୍ଥ ମାର୍ଗ ବା ଯଥାର୍ଥ ବସ୍ତୁଟିକୁ ବାଛି ନେବାକୁ ହେବ । ଅନ୍ୟଥା ଆମେ ଅନିଶ୍ଚୟତା ଓ ସଙ୍କଟ ମଧ୍ୟରେ ଯାଇ ପଡ଼ିବା, ଆମର ଅଗ୍ରଗତି ଅବରୁଦ୍ଧ ହୋଇ ଯାଇପାରେ, ଦୁର୍ଗତି ଓ ବିନାଶ ବି ଘଟିପାରେ । କାରଣ ବର୍ତ୍ତମାନ ଦେବ ମୁହୂର୍ତ୍ତରେ ସତ୍ୟ ସହିତ କୌଣସି ସାଲିସ କରାଯାଇ ପାରିବ ନାହିଁ । ସତ୍ୟକୁ ନେଇ କୌଣସି ଚତୁରତା ବା ଛଳନା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ମା’ କହନ୍ତି – ‘‘The hour has come when a choice has to be made, radical and definitive.’’ (CWM, Vol. 15, p. 167)

ଅର୍ଥାତ୍, ‘‘ସମୟ ଆସିଛି ଯେତେବେଳେ ଆମେ ଚରମ ଓ ଚୂଡ଼ାନ୍ତ ଭାବେ, ନିର୍ଣ୍ଣୟାତ୍ମକ ଓ ନିଶ୍ଚୟାତ୍ମକ ଭାବେ ପରମ ସତ୍ୟକୁହିଁ ବାଛିନେବାକୁ ପଡ଼ିବ ।’’ ଆମେ ଏ କ୍ଷେତ୍ରରେ ଆଉ କୌଣସି କାଳବିଳମ୍ବ କରିବା, ଟାଳଟୁଳ କରିବା ବା ସମୟ ଅପଚୟ କରିବା କଦାପି ନିରାପଦ ହେବ ନାହିଁ । ମା’ କହନ୍ତି – ‘‘There’s an impression that not a single minute should be lost, that we should constantly, constantly cling to the Divine to compel his descent here. Otherwise... otherwise it’s terrible.’’

(Mother's Agenda, Vol. 12, p. 61)

ଅର୍ଥାତ୍, ‘‘ଆମେ ଗୋଟିଏ ମିନିଟ ସମୟ ମଧ୍ୟ ନଷ୍ଟ ନକରି ଭଗବାନଙ୍କୁହିଁ ଆଶ୍ରୟ କରି ରହିବା, ତାଙ୍କ ପ୍ରତି ନିରନ୍ତର ବିଶ୍ୱସ୍ତ ହୋଇ ରହିବା । ତାହାହେଲେ ସେ ନିଶ୍ଚିତ ଭାବେ ଆମ ମଧ୍ୟକୁ ଅବତରଣ କରି ଆସିବେ । ଅନ୍ୟଥା ... ପରିସ୍ଥିତି ଭୟଙ୍କର ହୋଇପାରେ ।’’

ଦେବ ମୁହୂର୍ତ୍ତର ଅନିବାର୍ଯ୍ୟ ଅଲଂଘନୀୟ ଦାବିକୁ ଆମେ ଆଉ ଉପେକ୍ଷା କରିପାରିବା ନାହିଁ । ସାଧକ ଶ୍ରୀ ନଳିନୀକାନ୍ତ ଗୁପ୍ତ କହିଥିଲେ – ‘‘... It is the Supreme Lord's decree – it is bound to happen. Those who cling to Truth survive, those who make alliance with Falsehood perish; man has no other way than to make a choice, consciously or unconsciously. It is an inevitable stage; ...’’

(The Mother Abides Final Reflections, 1973-1983, p. 57)

ଅର୍ଥାତ୍, ‘‘... ପରମ ପ୍ରଭୁ ଯାହା ନିର୍ଦ୍ଧାରିତ କରିଦେଇଛନ୍ତି, ତାହା ଅବଶ୍ୟମ୍ଭାବୀ ଅଟେ । ଯେଉଁମାନେ ସତ୍ୟ ପ୍ରତି ବିଶ୍ୱସ୍ତ ରହିଥା’ନ୍ତି, ସେମାନେ ବଞ୍ଚିଯା’ନ୍ତି, ଆଉ ଯେଉଁମାନେ ମିଥ୍ୟାତ୍ୱ ସହ ସମ୍ବନ୍ଧ ରଖନ୍ତି ସେମାନେ ବିନାଶପ୍ରାପ୍ତ ହୁଅନ୍ତି । ସଚେତନ ଭାବେ ହେଉ ବା ଅଚେତନ ଭାବେ ହେଉ ଯଥାର୍ଥ ପଥଟିକୁ ବାଛିନେବା ବ୍ୟତୀତ ମନୁଷ୍ୟ ପାଇଁ ଅନ୍ୟ ଗତି ନାହିଁ । ଏହା ଏକ ଅନିବାର୍ଯ୍ୟ ପର୍ଯ୍ୟାୟ । ...’’

ବର୍ତ୍ତମାନ ଅସଂଖ୍ୟ ମିଥ୍ୟା-ରୂପ ମଧ୍ୟରୁ ଗୋଟିକର ବି

ଆବରଣ ଯଦି ଆମେ ଖୋଲିଦେଇ ପାରୁ, ତାହା ସ୍ୱତଃ ଏକ ବିଜୟ ରୂପେ ପରିଗଣିତ ହେବ । ଭୁଲ୍ ଗତିବୃତ୍ତିର ପ୍ରତ୍ୟେକ ସ୍ୱୀକାରୋକ୍ତି ଦ୍ୱାରା ଗୋଟିଏ ଗୋଟିଏ ଅନ୍ଧକାର ଶକ୍ତି ଧ୍ୱଂସପ୍ରାପ୍ତ ହେବ ।

ଜଣେ ସାଧକ ମାଆଙ୍କୁ ପଚାରିଲେ – ''ଅତିମାନସ ମୋ ଭିତରକୁ ଅବତରଣ କରି ଆସିବା ପାଇଁ କେଉଁ ଅନୁକୂଳ ପରିବେଶ ସାହାଯ୍ୟ କରିବ ତାହା ମୁଁ ଜାଣିପାରେ କି ?'' ମା'ଙ୍କ ଉତ୍ତର ଥିଲା – ''ଚେତନାରେ ଉନ୍ନତି ନିମନ୍ତେ ସମସ୍ତ ପ୍ରକାର ଆନ୍ତରିକ ଆଧ୍ୟାତ୍ମିକ ପ୍ରଚେଷ୍ଟା ଗୋଟିଏ ଗୋଟିଏ ପ୍ରସ୍ତୁତି ଅଟେ ।''

ନୂତନ ଜଗତ୍ ପାଇଁ ପ୍ରସ୍ତୁତ ହେବାକୁ ହେଲେ ପ୍ରଥମ କାମ ହେଲା, ଆମ ପ୍ରକୃତିର ନିଷ୍ଠାହୀନତାକୁ ପରିତ୍ୟାଗ କରିବା । ଅତିମାନସର ଆବିର୍ଭାବ ପରେ ଶଠତା, ପ୍ରବଞ୍ଚନା, ଦୋମୁହାଁପଣ ଓ ଛଳନା ଲାଗି ଆଉ କୌଣସି ସ୍ଥାନ ରହିପାରିବ ନାହିଁ । ଏଗୁଡ଼ିକ ଗୋଟି ଗୋଟି କରି ମୂଳୋତ୍ପାଟିତ ହେବେ । 'ମା' ପୁସ୍ତକରେ ଶ୍ରୀଅରବିନ୍ଦ ଏ ବିଷୟରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସତ୍ୟ ଏବଂ ମିଥ୍ୟା, ଆଲୋକ ଏବଂ ଅନ୍ଧକାର, ଆତ୍ମଦାନ ଓ ସ୍ୱାର୍ଥପରତା, ଉଭୟଙ୍କୁ ଭଗବାନଙ୍କ ନିମିତ୍ତ ନିବେଦିତ ମନ୍ଦିର ମଧ୍ୟରେ ଏକ ସଙ୍ଗେ ବାସ କରିବାକୁ ଦିଆଯିବ ନାହିଁ । ସେ ସତର୍କ କରି ଦେଇଛନ୍ତି – ''ସତ୍ୟକୁ ଯଦି ଆହ୍ୱାନ କର ଅଥଚ ଯଦି ତୁମ ମଧ୍ୟରେ ଏପରି କିଛି ଥାଏ ଯାହା ଅସତ୍ୟକୁ, ଅଜ୍ଞାନକୁ, ଅବିଦ୍ୟାକୁ ବରଣ କରେ କିଂବା ଏସବୁକୁ ନିଃଶେଷରେ ବାହାର କରିଦେବା ପାଇଁ ଅନ୍ତତଃ ଅନିଚ୍ଛୁକ ହୁଏ, ତେବେ ତୁମ ମଧ୍ୟରେ ଶତ୍ରୁର ଆକ୍ରମଣ-ପଥ ସବୁ ସମୟରେ ଖୋଲା ରହିବ; ଭାଗବତ କରୁଣା ବି ଧୀରେ ଧୀରେ ଅପସରି ଯିବ ।'' ସୁତରାଂ ଆମକୁ ସମ୍ପୂର୍ଣ୍ଣ ଶୁଦ୍ଧ, ସ୍ୱଚ୍ଛ ଓ ଆନ୍ତରିକ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଆମଠାରୁ ଯାହା ଆଶା କରନ୍ତି ତାହା ହେଲା – ସାନନ୍ଦ ସମର୍ଥ ସହଯୋଗୀ ଆତ୍ମସମର୍ପଣ, ସତ୍ୟ-ଜ୍ଞାନ-ଦୀପ୍ତ ଶିଷ୍ୟର ଆନୁଗତ୍ୟ ଏବଂ ଭଗବାଙ୍କ ଏକନିଷ୍ଠ ସେବକର ଆନୁଗତ୍ୟ ।

ଆମେ ବର୍ତ୍ତମାନ ଯେଉଁ କାଳ ପର୍ଯ୍ୟାୟରେ ଅବସ୍ଥାନ କରୁଛୁ ତାହା ପୃଥିବୀ ଇତିହାସରେ ଏକ ଛକ ଜାଗା ବୋଲି ମାଆ କହନ୍ତି । ଏହା ଦୃଢ଼ ନିଷ୍ପତ୍ତି ନେବାର ସମୟ । ଚତୁର୍ଦ୍ଦିଗରେ ଦୁଃସହ କ୍ଷୋଭ, ନାନା ଅସ୍ଥିର ପ୍ରତ୍ୟାଶା ଓ ଆଶଙ୍କା ମୁଣ୍ଡ ଟେକି ରହିଛି । କ'ଣ ଘଟିବାକୁ ଯାଉଛି ବୋଲି ସମସ୍ତଙ୍କ ଭିତରେ ବ୍ୟାକୁଳତାଭରା ପ୍ରଶ୍ନ । ଏଥିପାଇଁ ମା'ଙ୍କର ଗୋଟିଏ ଉତ୍ତର – ''ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତି ଦେଇପାରନ୍ତା ।'' ଅଧିକାଂଶ ମନୁଷ୍ୟ ସାଧାରଣ ଜୀବନର ତୁଚ୍ଛ ବ୍ୟାପାରଗୁଡ଼ିକ ଭିତରେ ବ୍ୟସ୍ତ ରହିଛନ୍ତି । କ୍ଷୁଦ୍ର କାମନାବାସନାଗୁଡ଼ିକର ପରିତୃପ୍ତି ପାଇଁ ସେମାନେ ଉଦ୍‌ଗ୍ରୀବ । କିନ୍ତୁ ଦୁଃଖ, ନୈରାଶ୍ୟ ଓ ଅନିଶ୍ଚୟତାଭରା ସାଧାରଣ ଗତାନୁଗତିକ ଜୀବନ ଭିତରୁ ବାହାରି ଆସି ସେମାନେ ଯଦି ଆଧ୍ୟାତ୍ମିକ ଜୀବନକୁ ସମ୍ପୂର୍ଣ୍ଣରୂପେ ଆପଣେଇ ନିଅନ୍ତେ ତାହାହେଲେ ପାର୍ଥିବ ଜୀବନର ଚିତ୍ର ବଦଳି ଯାଆନ୍ତା । କୌଣସି ଧ୍ୱଂସକାରୀ ଶକ୍ତି ମାନବ ସଭ୍ୟତାକୁ ବିନଷ୍ଟ କରି ପାରନ୍ତା ନାହିଁ । ମାଆଙ୍କ ମତରେ କେତେକ ବ୍ୟକ୍ତି ଯଦି ଖାଣ୍ଟି ସୁନା ହୋଇ ପାରନ୍ତେ, ଅର୍ଥାତ୍ ସମ୍ପୂର୍ଣ୍ଣ ଶୁଦ୍ଧ, ଆନ୍ତରିକ ଓ ସମର୍ପିତ ହୋଇ ପାରନ୍ତେ ତାହାହେଲେ ପୃଥିବୀରେ ଦିବ୍ୟ ଜୀବନ ପ୍ରତିଷ୍ଠା ସହଜ ହୋଇଯାଆନ୍ତା । ମାଆ ଆମଠାରୁ ଦୁର୍ବାର ସାହସ ଓ ବୀରତ୍ୱ ଆଶା କରୁଛନ୍ତି । ବାଧାବିଘ୍ନଗୁଡ଼ିକ ସହିତ ସଂଗ୍ରାମ କରିବା ପାଇଁ ବୀର ଯୋଦ୍ଧା ହେବାକୁ ଆମକୁ ଆହ୍ୱାନ କରୁଛନ୍ତି । ମନୁଷ୍ୟ ନିଜର ଅପୂର୍ଣ୍ଣତାଗୁଡ଼ିକୁ ବହୁତ ଭଲ ପାଏ । ତା'ର ମନ-ପ୍ରାଣ-ଶରୀରଗତ ପ୍ରକୃତି ଉଚ୍ଚତର ଦିବ୍ୟବିଧାନ ବିରୋଧରେ ବିଦ୍ରୋହ କରୁଥାଏ । ତାହା ହିଁ ମୁଖ୍ୟ ସମସ୍ୟା ।

ଥରେ ମା'ଙ୍କୁ ପ୍ରଶ୍ନ କରାଯାଇଥିଲା – ''ପୃଥିବୀର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆମେ କହିପାରିବା ଯେ ଯାହା ସବୁଠୁ ଖରାପ କଥା ତାହା ଘଟିସାରିଛି । ଆମେ ସେହି ଦିନକୁ ଅପେକ୍ଷା କରିଛୁ ଯେତେବେଳେ ପରମ ପ୍ରଭୁ ପୃଥିବୀକୁ ନିଜର ବାହୁଦ୍ୱୟରେ ତୋଳି ନେବେ ଏବଂ ଏ ପୃଥିବୀ ରୂପାନ୍ତରିତ ହୋଇଯିବ । ସେହି ସୁଦିନଟି ପାଖେଇ ଆସୁଛି କି ?'' ମା'ଙ୍କ ଉତ୍ତର ଥିଲା – ''ହଁ, ସମ୍ଭବତଃ ଏହାହିଁ ବର୍ତ୍ତମାନ ଘଟିବାରେ ଲାଗିଛି । କିନ୍ତୁ ଏହା ମାନବୀୟ ମାପକାଠି ଅନୁସାରେ ହେଉ ନାହିଁ ।

''ଭଗବାନଙ୍କ ଗୋଟିଏ ମୁହୂର୍ତ୍ତର ଅର୍ଥ ହେଉଛି ବୋଧହୁଏ ଆମ ମନୁଷ୍ୟମାନଙ୍କ ପାଇଁ ତାହା ଅନେକ ଅନେକ ବର୍ଷ ।''

ମା'ଙ୍କ ଏପରି କହିବାର ତାତ୍ପର୍ଯ୍ୟ ହେଲା ଆମକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ । "The Synthesis of Yoga" ଗ୍ରନ୍ଥରେ ଶ୍ରୀଅରବିନ୍ଦ ଯୋଗର ଯେଉଁ ଚାରୋଟି ଆବଶ୍ୟକ ଉପାଦାନ (ଶାସ୍ତ୍ର, ଗୁରୁ, ଉତ୍ସାହ ଓ କାଳ) ସମ୍ପର୍କରେ କହିଛନ୍ତି ତନ୍ମଧ୍ୟରେ 'କାଳ' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ

ବିଷୟ । ଆମେ ଆନ୍ତରିକ ଭାବେ ସାଧନା କରି ଚାଲିବା । କିନ୍ତୁ ଏହାର ଫଳ ଓ ସିଦ୍ଧି ଭଗବାନଙ୍କ ହାତରେ । ସେ ତାଙ୍କର ଇଚ୍ଛା ଅନୁସାରେ ଯଥା ସମୟରେ ଦିବ୍ୟ ପରିପୂର୍ଣ୍ଣତା ଆଣିଦେବେ, ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ଅସୀମ ଧୈର୍ଯ୍ୟ ସହିତ ଅନ୍ତହୀନ ଅଧ୍ୟବସାୟ ଆବଶ୍ୟକ ।

କୌଣସି ଅଲୌକିକତା ଦ୍ୱାରା ପ୍ରକୃତିର ରୂପାନ୍ତର ସାଧନ ବା ନୂତନ ଜଗତର ପ୍ରତିଷ୍ଠା ହେବ ନାହିଁ । ଏ କ୍ଷେତ୍ରରେ ମା' କୌଣସି ଅଲୌକିକ କାର୍ଯ୍ୟ (miracles)ର ସହାୟତା ନେବାକୁ ପସନ୍ଦ କରୁ ନଥିଲେ । ସେ କହୁଥିଲେ – "I do not like these showy miracles – they most often end pitifully.

"Under the pressure of the Force, the first effect is a dangerous swelling of the egos.

"In front of all that, there is only one attitude to take –

"Do your best and leave the result to the Lord." (CWM, Vol. 17, p. 231)

ଅର୍ଥାତ୍, ''ମୁଁ ପ୍ରଦର୍ଶନଧର୍ମୀ ଏହି ଅଲୌକିକ କାର୍ଯ୍ୟସବୁକୁ ପସନ୍ଦ କରେ ନାହିଁ । ସେଗୁଡ଼ିକ ଅନେକ ସମୟରେ ଶୋଚନୀୟ ପରିଣାମ ସୃଷ୍ଟି କରିଥାଏ ।

''ଦିବ୍ୟଶକ୍ତିର ଚାପ ଫଳରେ ଯେଉଁ ପ୍ରଥମ ପ୍ରଭାବ ଦେଖାଯାଉଛି ତାହା ହେଲା ଲୋକମାନଙ୍କର ଅହଂଗୁଡ଼ିକ ଭୟଙ୍କର ଭାବେ ସ୍ଫୀତ ହୋଇଯାଉଛି ।

''ଏ ପରିସ୍ଥିତିରେ ଯେଉଁ ଏକମାତ୍ର ମନୋଭାବ ପୋଷଣ କରାଯିବା ଉଚିତ ତାହା ହେଉଛି ତୁମକୁ ଦିଆଯାଇଥିବା କର୍ମକୁ ସର୍ବୋତ୍ତମ ଭାବେ କରିବା ଏବଂ ଫଳାଫଳକୁ ଭଗବାନଙ୍କ ହସ୍ତରେ ଛାଡ଼ିଦେବା ।''

ଯେତେବେଳେ ମନୁଷ୍ୟମାନଙ୍କ ଲାଗି ସମୟଟି କଠିନ ଓ କଷ୍ଟକର ହୋଇଉଠେ ସେତେବେଳେ ତାହାକୁ ସୁଯୋଗ ରୂପେ ଗ୍ରହଣ କରିବାକୁ ହେବ । ଏପରି ଦୁଃସହ ସମୟ ଆମକୁ ଏଇ ଶିକ୍ଷା ଦେବାକୁ ଆସିଥାଏ ଯେ ଆମକୁ ଆମର ସୀମିତତାଗୁଡ଼ିକୁ ଶୀଘ୍ର ଅତିକ୍ରମ କରିଯିବା ଉଚିତ । କିନ୍ତୁ ପ୍ରଶ୍ନ ହେଲା, ଆମେ କିପରି ନିଜର ସୀମିତତାଗୁଡ଼ିକୁ ଅତିକ୍ରମ କରିପାରିବା ? ଏଥିପାଇଁ ଆମକୁ ପ୍ରଥମେ ଗଭୀରଭାବେ ଅନୁଭବ କରିବାକୁ ହେବ ଯେ ଆମ ଭିତରର ସୀମିତତା ଓ ଦୁର୍ବଳତାଗୁଡ଼ିକ ଆମକୁ ନିମ୍ନଜଗତର ଦୁଃଖକ୍ଲେଶ ଓ ଅଜ୍ଞାନ ଭିତରେ ବାନ୍ଧି ରଖିଛନ୍ତି । ଏଗୁଡ଼ିକ ଆମକୁ ଆମର ବିଶାଳତମ ସମ୍ଭାବନା ଓ ଦିବ୍ୟ ଭବିତବ୍ୟତାରୁ ବଞ୍ଚିତ କରୁଛନ୍ତି । ଯେଉଁଦିନ ଏସବୁ ବିଷୟରେ ଆମର ମୋହମୁକ୍ତି ଘଟିବ, ଯେଉଁଦିନ ଆମେ ଏହି ଦୟନୀୟ ସ୍ଥିତିକୁ ନେଇ ଅତିଷ୍ଠ ଅନୁଭବ କରିବା ସେଦିନ ସେହି ସୀମିତତାଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଆମ ଭିତରେ ଦୃଢ଼ ସଂକଳ୍ପ ସୃଷ୍ଟି ହେବ । ମାଆ ଥରେ କହିଥିଲେ –

''... so long as you are not thoroughly disgusted with things as they are, and have to make an effort to reject them, you are not ready for the supramental realisation.''

(CWM, Vol. 3, p. 128)

ଅର୍ଥାତ୍, ''ଯେତେଦିନ ପର୍ଯ୍ୟନ୍ତ ତୁମେ ବସ୍ତୁସକଳକୁ ନେଇ ସମ୍ପୂର୍ଣ୍ଣ ଅତିଷ୍ଠ ଓ ବିରକ୍ତ ନ ହୋଇଛ ଏବଂ ତୁମକୁ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରିବାକୁ ପଡୁଛି ସେତେଦିନ ପର୍ଯ୍ୟନ୍ତ ତୁମେ ଅତିମାନସ ସିଦ୍ଧି ସକାଶେ ପ୍ରସ୍ତୁତ ହୋଇ ନାହଁ ।''

ଆମକୁ ତୀବ୍ର ଭାବରେ ଅନୁଭବ କରିବାକୁ ହେବ ଯେ ବର୍ତ୍ତମାନର ଜଗତ୍ କୁତ୍ସିତତା, ନିର୍ବୋଧତା, ପାଶବିକତା ଓ ଅସହ୍ୟ ଦୁଃଖଯନ୍ତ୍ରଣାରେ ପରିପୂର୍ଣ୍ଣ । ଏହା ଆମର ସ୍ୱଭାବ, ସ୍ୱଧର୍ମ ଓ ଯଥାର୍ଥ ସ୍ୱରୂପର ଆଦୌ ଯୋଗ୍ୟ ଓ ଅନୁକୂଳ ନୁହେଁ । ସୁତରାଂ ଆମେ ଆଉ ଅଧିକ କାଳ ଏହି ଦୁର୍ଗତି ଓ ଅସହାୟତାକୁ ନେଇ ବଞ୍ଚିବା ଲାଗି ରାଜି ହେବୁ ନାହିଁ । ଆମକୁ ଏହି ଯାବତୀୟ ଦାସତ୍ୱରୁ ଅବଶ୍ୟ ମୁକ୍ତ ହେବାକୁ ପଡ଼ିବ, ଏକ ଉଚ୍ଚତର ସତ୍ୟ ଅନୁସାରେହିଁ ଜୀବନ ବଞ୍ଚିବାକୁ ହେବ ।

ସୁତରାଂ ବର୍ତ୍ତମାନ ପରିସ୍ଥିତିରେ ଆମକୁ ଏକସଙ୍ଗେ ଦୁଇ ପ୍ରକାର ବିଚାରଧାରା ଓ ଅନ୍ତର୍ବୋଧକୁ ନେଇ ଯାତ୍ରା କରିବାକୁ ହେବ ।

୧) ବର୍ତ୍ତମାନର ଜଗତ୍ କୁତ୍ସିତତା, ପାଶବିକତା ଓ ଦୁଃଖଯନ୍ତ୍ରଣାରେ ପରିପୂର୍ଣ୍ଣ ହୋଇଥିବାରୁ ଏହାର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ । ଏହି ପରିବର୍ତ୍ତନ ଆଣିବାକୁ ହେଲେ ପ୍ରଥମେ ଆମକୁ ନିଜର ଅଯୋଗ୍ୟତା, ଅସାମର୍ଥ୍ୟ ଓ ସୀମିତତା ସମ୍ପର୍କରେ ସଚେତନ ହେବାକୁ ପଡ଼ିବ । ଆମକୁ ଜାଣିବାକୁ ହେବ ଯେ ଭଗବାନଙ୍କ ସହାୟତା ଓ ହସ୍ତକ୍ଷେପ

ବିନା ଆମେ ଏହି ପରିବର୍ତ୍ତନକୁ ସମ୍ଭବ କରିପାରିବୁ ନାହିଁ ।

୨) ଆମେ ନିଜ ଅନ୍ତର ଭିତରେ ଅନୁଭବ କରିବା ଆବଶ୍ୟକ ଯେ ଭଗବାନହିଁ ସବୁକିଛି, ତାଙ୍କ ଛଡ଼ା ଅନ୍ୟ କିଛିର ଅସ୍ତିତ୍ୱ ନାହିଁ । ଏହି ଜଗତ୍ ହେଉଛି ବିବର୍ତ୍ତନଶୀଳ ଏବଂ ଭଗବାନ୍ ସ୍ୱୟଂ ଏହି ବିବର୍ତ୍ତନକୁ ପରିଚାଳିତ କରୁଛନ୍ତି । ତେଣୁ ନୂତନ ଜଗତର ପ୍ରତିଷ୍ଠା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

ଏଇ ଦୁଇ ପ୍ରକାର ଅନୁଭବ ଆମକୁ ଅଗ୍ରଗତି ଲାଗି ପ୍ରଚୋଦିତ କରିବ । ଏହା ଆମକୁ ଏକ ଦିଗରେ ନୈରାଶ୍ୟରୁ ମୁକ୍ତ କରିବ ଏବଂ ଅନ୍ୟ ଦିଗରେ ସକାରାତ୍ମକ ମନୋବୃତ୍ତି ସହ ଆଗକୁ ବଢ଼ିବା ଲାଗି ଶକ୍ତି ଯୋଗାଇବ ।

ମା' କହନ୍ତି ଯେ ଆମେ ବର୍ତ୍ତମାନ ପୃଥିବୀ ଇତିହାସର ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଆସି ପହଞ୍ଚିଛୁ । ଏହା ଅତିମାନବର ଆଗମନ ଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛି ଏବଂ ଏଥିଯୋଗୁଁ ଜୀବନର ପୁରୁଣା ଧାରା ତା'ର ମୂଲ୍ୟ ହରାଇ ବସୁଛି । ଭବିଷ୍ୟତ୍ ଯେଉଁ ନୂତନ ଦାବିସବୁ ଆମ ଆଗରେ ବାଢ଼ି ଦେଉଛି ତାହା କଷ୍ଟସାଧ ହେବା ସତ୍ତ୍ୱେ ଆମକୁ ସାହସର ସହିତ ଭବିଷ୍ୟତର ମାର୍ଗରେ ଆଗେଇ ଯିବାକୁ ହେବ । ଆଗରୁ ଯେଉଁ ତୁଚ୍ଛତାଗୁଡ଼ିକୁ ବରଦାସ୍ତ କରାଯାଉଥିଲା, ତାହାକୁ ଆଉ ବରଦାସ୍ତ କରାଯିବ ନାହିଁ । ଯାହାସବୁ ଉଜ୍ଜ୍ୱଳ ସମ୍ଭାବନା ରୂପେ ଆସୁଛି ସେସବୁକୁ ଗ୍ରହଣ କରିବା ନିମିତ୍ତ ଆମେ ଆପଣାକୁ ବିସ୍ତୃତତର କରିବା ଏକାନ୍ତ ପ୍ରୟୋଜନ (''The pettinesses once tolerable, are tolerable no longer. We must widen ourselves to receive what is going to come.'' - The Mother, *CWM, Vol. 16, p. 429*)

୧୯୭୦ ମସିହାର ନବବର୍ଷ ବାଣୀରେ ଶ୍ରୀମା କହିଥିଲେ – ''The world is preparing for a big change. Will you help ?'' ଏହି ବାଣୀର ତାତ୍ପର୍ଯ୍ୟ ବୁଝିବା ଲାଗି ଜଣେ ମା'ଙ୍କୁ ପଚାରିଲେ – ''What is this great change that you speak of ? And how can we be of any help to it ?''

ଅର୍ଥାତ୍, ''ମା', ତୁମେ କେଉଁ ବିରାଟ ପରିବର୍ତ୍ତନ କଥା କହୁଛ ? ଏବଂ ଆମେ କିପରି ଏହାର ସହାୟକ ହୋଇ ପାରିବୁ ?''

ମା'ଙ୍କ ଉତ୍ତର ଥିଲା – ''This great change is the appearance on earth of a new race that will be to man what man is to the animal. The consciousness of this new race is already at work on earth to give light to all who are capable of receiving it and heeding it.''

(CWM, Vol. 16, p. 417)

ଅର୍ଥାତ୍, ''ଏହି ବିରାଟ ପରିବର୍ତ୍ତନଟି ହେଉଛି – ଏହି ପୃଥିବୀରେ ଏକ ନୂତନ ଜାତିର ଅଭ୍ୟୁଦୟ ଘଟିବ । ପଶୁ ତୁଳନାରେ ମନୁଷ୍ୟ ଯେମିତି ଏକ ନୂତନ ସୃଷ୍ଟି, ସେମିତି ମନୁଷ୍ୟ ତୁଳନାରେ ଏହି ନୂତନ ସୃଷ୍ଟିଟି ସମ୍ପୂର୍ଣ୍ଣ ଏକ ନୂତନ ଜାତି ରୂପେ ପ୍ରକାଶିତ ହେବ । ସେହି ନୂତନ ଜାତିର ଚେତନା ପୃଥିବୀରେ କାର୍ଯ୍ୟ କରିବା ଆରମ୍ଭ କରିଦେଇଛି । ଯେଉଁମାନେ ଗ୍ରହଣଶୀଳ ଓ ମନୋଯୋଗୀ ସେମାନେ ଏଇ ଚେତନାକୁ ଗ୍ରହଣ କରିବାକୁ ସମର୍ଥ ହେବେ ।''

ଚେତନାର ପରିବର୍ତ୍ତନହିଁ ମନୁଷ୍ୟଜାତିର ସକଳ ସମସ୍ୟାର ସମାଧାନ ଆଣିଦେବ । ''ଚେତନାର ପରିବର୍ତ୍ତନ'' – ଏହି ବିଷୟଟିକୁ ବୁଝାଇବାକୁ ଯାଇ ମାଆ କହିଥିଲେ – ''Passing from the general ignorant human consciousness to the yogic consciousness founded on the knowledge of the Divine Presence.'' (CWM, Vol. 16, p. 403)

ଅର୍ଥାତ୍, ''ଏହା ହେଉଛି ଅଜ୍ଞାନମୟ ସାଧାରଣ ମାନୁଷୀ ଚେତନାରୁ ଏକ ଯୌଗିକ ଚେତନା ମଧ୍ୟକୁ ପରିବର୍ତ୍ତନ, ଯାହା ଭାଗବତ ଉପସ୍ଥିତିର ସଂଜ୍ଞାନତା ଉପରେ ପ୍ରତିଷ୍ଠିତ ।''

ଚେତନାର ପରିବର୍ତ୍ତନ ଏକ ସମୟସାପେକ୍ଷ ବ୍ୟାପାର । ଏଥିପାଇଁ ନିଷ୍ଠା ଓ ଆସ୍ପୃହା ସହ ସାଧନା କରି ଚାଲିବାକୁ ହେବ । କିନ୍ତୁ ଆମେ ଅଧିକାଂଶ ମନୁଷ୍ୟ କ୍ଷିପ୍ରଗତିରେ ସାଧନାର ଫଳ ଲାଭ କରିବା ଲାଗି କାତର ହୋଇଥାଉ । ଥରେ ମା'ଙ୍କୁ ଜଣେ କହିଲେ – ''କୃଷ୍ଣଙ୍କ କୃପା ଯୋଗୁଁ ଅର୍ଜୁନ ଆଖିପିଛୁଳାକେ ବିଶ୍ୱଗତ ଭଗବାନ୍ ଓ ବିରାଟ ପୁରୁଷଙ୍କୁ ଉପଲବ୍ଧି କଲେ । କେଡ଼େ ଉତ୍ତମ ଗୁରୁ ଏବଂ ଉତ୍ତମ ଶିଷ୍ୟ !'' ଏହାର ଉତ୍ତରରେ ମା' କହିଲେ – "Speed is not necessarily a sign of superiority.

"These 'instantaneous' conversions are most often the result of many lives of preparation." (CWM, Vol. 16, p. 387)

ଅର୍ଥାତ୍, ''କ୍ଷିପ୍ରତା ଯେ ଶ୍ରେଷ୍ଠତ୍ୱର ଲକ୍ଷଣ, ଏପରି ନୁହେଁ । ଏହି ତାତ୍‌କ୍ଷଣିକ ପରିବର୍ତ୍ତନସବୁ ଅନେକ ସମୟରେ ବହୁବର୍ଷର ପ୍ରସ୍ତୁତିର ଫଳସ୍ୱରୂପ ଆସିଥାଏ ।''

ଆମେ ଯେ ଏକ ଅସାଧାରଣ ବା ଅଦ୍ୱିତୀୟ ମୁହୂର୍ତ୍ତରେ ଏହି ପୃଥିବୀପୃଷ୍ଠରେ ବର୍ତ୍ତମାନ ଅବସ୍ଥାନ କରୁଅଛୁ ଏବଂ ଏହା ଯେ ଏକ ଅପୂର୍ବ ସୁଯୋଗ, ଏହି କଥାଟିକୁ ଆମକୁ ନିତ୍ୟ ସ୍ମରଣରେ ରଖିବାକୁ ହେବ ବୋଲି ମା' ଆମକୁ ସଚେତନ କରିଦେଇଛନ୍ତି । ଏଇ ଧାରଣାଟିକୁ ନେଇ ଆମେ ଶୋଇବାକୁ ଯିବା ଉଚିତ ଏବଂ ଏଇ ଅବବୋଧକୁ ନେଇ ନିଦରୁ ଉଠିବା ଉଚିତ । ଅର୍ଥାତ୍, ଏହି ମହାନ୍ ସତ୍ୟକୁ ପୃଷ୍ଠଭୂମିରେ ରଖି ଆମକୁ ସକଳ କାର୍ଯ୍ୟ କରିବାକୁ ହେବ । ଏତିକି କରିପାରିଲେ ଆମେ ଆମ ଅଗ୍ରଗତିକୁ ରୋକି ନେଉଥିବା ବାଧାଗୁଡ଼ିକ ଉପରେ ବିଜୟ ଲାଭ କରିବାକୁ ଶକ୍ତି ଲାଭ କରିପାରନ୍ତେ ।

ଯେଉଁ ପରମ ସତ୍ୟକୁ ଶ୍ରୀମାଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଅବତରଣ କରାଇ ଆଣିଛନ୍ତି ତାକୁ ଉପଲବ୍ଧି କରିବା ଏକ ଆୟାସସାଧ କାର୍ଯ୍ୟ । ପ୍ରଥମେ ସେଇ ନୂତନ ସତ୍ୟକୁ ବରଣ କରିବାକୁ ହେବ, ତା'ର କ୍ରିୟା ପ୍ରତି ସମ୍ମତି ଓ ସହଯୋଗ ପ୍ରଦାନ କରିବାକୁ ହେବ । ସତ୍ୟର ଉପଲବ୍ଧି ହେଉଛି ଶ୍ରେଷ୍ଠତମ ବିଜୟ । ଏହି ବିଜୟ ଲାଭ କରିବା ପାଇଁ ଆମ ପ୍ରତ୍ୟେକଙ୍କୁ ପ୍ରକୃତ ଯୋଦ୍ଧା ହେବାକୁ ପଡ଼ିବ, ଏପରି ଜଣେ ଯୋଦ୍ଧା ଯିଏ କୌଣସି କିଛିକୁ ଭୟ କରୁ ନଥିବ, ଶତ୍ରୁକୁ ନୁହେଁ କି ମୃତ୍ୟୁକୁ ନୁହେଁ, କାହାକୁ ବି ସେ ଭୟ କରୁ ନଥିବ । କେହି ଆମକୁ ସାହାଯ୍ୟ କରୁ ବା ବିରୋଧ କରୁ, ଏହି ଶରୀର ରହୁ ବା ଚାଲିଯାଉ, ଆମର ସଂଘର୍ଷ ଆଗେଇ ଚାଲିବ, ତାହାହେଲେ ପରିଶେଷରେ ବିଜୟ ସୁନିଶ୍ଚିତ ।

ଅଗ୍ରଗତି ପଥରେ ଆତ୍ମସନ୍ତୋଷ ଭାବ ଏକ ବଡ଼ ପ୍ରତିବନ୍ଧକ । ମାଆ କହନ୍ତି – ''... not to be satisfied with what one is, how one is, what one does, what one knows or thinks one knows; but to have a constant aspiration for something more, something better, for a greater light, a vaster consciousness, a truer truth and a more universal goodness. And over and above all this, a goodwill which never fails.''

(CWM, Vol. 8, p. 205)

ଅର୍ଥାତ୍, ''ଜଣେ ନିଜେ ଯାହା ଓ ଯେପରି ହୋଇ ରହିଛି ସେଥିରେ ସେ ସନ୍ତୁଷ୍ଟ ହୋଇଯିବ ନାହିଁ, ସିଏ ଯାହା କରୁଛି, ଯାହା ଜାଣିଛି ବା ଜାଣିଛି ବୋଲି ଭାବୁଛି, ସେଥିରେ ସେ ସନ୍ତୁଷ୍ଟ ହୋଇ ରହିଯିବ ନାହିଁ, ବରଂ ଅପେକ୍ଷାକୃତ ଅଧିକ କିଛି ପାଇଁ, ଅଧିକତର ମଙ୍ଗଳ ପାଇଁ, ଏକ ବୃହତ୍ତର ଆଲୋକ, ଏକ ବିଶାଳତର ଚେତନା, ଏକ ବାସ୍ତବତର ସତ୍ୟ ଏବଂ ଏକ ଅଧିକ ବିଶ୍ୱଗତ ମଙ୍ଗଳ ନିମିତ୍ତ ଅବିରତ ଆସ୍ପୃହା କରିବ । ଏବଂ ସର୍ବୋପରି, ଏପରି ଏକ ଶୁଭେଚ୍ଛା ରଖିବ ଯାହା କେବେ ନିଷ୍ଫଳ ହୁଏ ନାହିଁ ।''

ଭୌତିକ ବସ୍ତୁ ପ୍ରତି ମୋହ ଓ ଆସକ୍ତି ମନୁଷ୍ୟକୁ ଅତୀତ ସହ ବାନ୍ଧି ରଖେ । ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ଆଡ଼କୁ ସେ ଆଖି ଫେରାଇ ଦେଖିପାରେ ନାହିଁ । ତା' ଭିତରେ କୌଣସି ଆସ୍ପୃହା ଓ ଗତିଶୀଳତା ଜାଗି ଉଠେ ନାହିଁ । ମୋହ ଓ ଆସକ୍ତି ଅପେକ୍ଷା ଆସ୍ପୃହାର ଅଭାବ ମନୁଷ୍ୟର ଜୀବନକୁ ଅଧିକ ପରିମାଣରେ ଅର୍ଥହୀନ ଓ ଅନ୍ତଃସାରଶୂନ୍ୟ କରିଦିଏ । ମାଆ କହନ୍ତି – ''I have come to this conclusion, that it is not this necessity which hinders people from consecrating themselves to an inner realisation, but that it is a dullness, a tamas, a lack of aspiration, a miserable laxity, an I-don't-care attitude, and that those who face even the hardest conditions of life are sometimes the ones who react most and have the intensest aspiration.'' (CWM, Vol. 8, p. 161)

ଅର୍ଥାତ୍, ''ମୁଁ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ ଭୌତିକ ଆସକ୍ତି (ଯଥା : ଖାଦ୍ୟ, ବସ୍ତ୍ର, ବାସଗୃହ, ଅର୍ଥ ଆଦିକୁ ନେଇ ବ୍ୟସ୍ତବିବ୍ରତ ହୋଇ ରହିବା) ବ୍ୟକ୍ତିମାନଙ୍କୁ ଏକ ଆନ୍ତର ଉପଲବ୍ଧି ନିମନ୍ତେ ଉଦ୍ୟମଶୀଳ ହେବାରୁ ବିରତ କରୁ ନାହିଁ, ବରଂ ଏକ ପ୍ରକାର ଶିଥିଳତା ବା ଉଦାସୀନତା, ଆସ୍ପୃହାର ଅଭାବ, ଏକ ଶୋଚନୀୟ ଆଳସ୍ୟ ଓ ମନ୍ଥରତା ଏବଂ ଏକ ଯତ୍ନହୀନତା ବା ବେପରୁଆ ଭାବହିଁ ସେମାନଙ୍କୁ ସେହି ଉଦ୍ୟମଶୀଳତାରୁ ନିବୃତ୍ତ କରି ରଖୁଛି । ଯେଉଁମାନେ ଜୀବନରେ ସବୁଠୁ ଅଧିକ କଷ୍ଟକର ପରିସ୍ଥିତିରେ ରହିଛନ୍ତି ସେମାନେହିଁ ସବୁଠୁ ଯଥାର୍ଥ ପ୍ରତିକ୍ରିୟା ଦେଖାଇଥା'ନ୍ତି ଏବଂ ସବୁଠୁ ଅଧିକ ତୀବ୍ର ଆସ୍ପୃହା ପୋଷଣ କରିଥା'ନ୍ତି ।''

ତାମସିକ ଅହଙ୍କାର ଓ ରାଜସିକ ଅହଙ୍କାର ଏହି ଉଭୟହିଁ ଦିବ୍ୟତ୍ୱର ପରିପନ୍ଥୀ । ତାମସିକ ଅହଙ୍କାରର ଅର୍ଥ ହେଉଛି – ‘‘ମୁଁ ପାପୀ, ମୁଁ ଦୁର୍ବଳ, ମୁଁ ଅସମର୍ଥ, ମୋର କଦାପି ଉନ୍ନତି ହେବ ନାହିଁ, ମୋ ଦ୍ୱାରା କୌଣସି ସାଧନା ମୋଟେ ହୋଇପାରିବ ନାହିଁ, ମୁଁ ଦୁଃଖୀ, ମୋ ଭଳି ଅପାରଗଟାକୁ ଭଗବାନ୍ ମୋଟେ ଗ୍ରହଣ କରିବେ ନାହିଁ ’’ ... ଇତ୍ୟାଦି ଅବାନ୍ତର ଭାବନାଗୁଡ଼ିକୁ ମନରେ ସ୍ଥାନ ଦେବା । ଅନ୍ୟ ପକ୍ଷରେ, ରାଜସିକ ଅହଙ୍କାର ଦାମ୍ଭିକତାର ଭାଷା ବ୍ୟବହାର କରେ । ସେ କହେ – ‘‘ମୁଁ ବଡ଼, ମୁଁ ପରାକ୍ରମୀ, ମୋ ଭଳି ଜ୍ଞାନୀ ଓ ସାମର୍ଥ୍ୟବାନ୍ ବ୍ୟକ୍ତି ଆଉ କେହି ନାହାନ୍ତି । ସମଗ୍ର ପୃଥିବୀ ମୋର ଭୋଗର ଭୂମି, ମୋ ବିନା ସହାୟତାରେ କେହି କିଛି କରି ପାରିବେନି’’ ... ଇତ୍ୟାଦି ମିଥ୍ୟାଭିମାନକୁ ପାଳିପୋଷି ଏକ ଫମ୍ପାଜୀବନ ବଞ୍ଚିବା ହେଉଛି ରାଜସିକ ଅହଙ୍କାରର ଲକ୍ଷଣ । ଅହଙ୍କାରୀ ମନୁଷ୍ୟ ନୁହେଁ, ଏକ ନମ୍ର ନମନୀୟ ସମର୍ପିତ ମନୁଷ୍ୟହିଁ ଭଗବାନଙ୍କ କାମରେ ଲାଗି ପାରିବ । ଶ୍ରୀଅରବିନ୍ଦ ଏକ ପତ୍ରରେ ଲେଖିଥିଲେ – ‘‘I do not want tens of thousands of disciples, it will be enough if I can not get as instruments of God one hundred complete men free from petty egoism.’’

(Mother India : Sep. 1992)

ଅର୍ଥାତ୍, ‘‘ମୁଁ ହଜାର ହଜାର ଶିଷ୍ୟ ଚାହେଁ ନାହିଁ । ଯଦି ତୁଚ୍ଛ ଅହଂକାରରୁ ମୁକ୍ତ ହୋଇଥିବା ଶହେ ଜଣ ପୂର୍ଣ୍ଣ ମାନବଙ୍କୁ ଭଗବାନଙ୍କ ଯନ୍ତ୍ର ରୂପେ ପାଇପାରେ, ତାହାହିଁ ଯଥେଷ୍ଟ ହେବ ।’’

ଅତିମାନସ ଆମଠାରୁ ଦାବି କରେ ପରମ ଆନ୍ତରିକତା । ଆଂଶିକ ନିଷ୍ଠା, ଆଂଶିକ ସମର୍ପଣ ଆମକୁ ଲକ୍ଷ୍ୟ ଆଡ଼କୁ ବେଶୀ ଦୂର ନେଇ ପାରିବ ନାହିଁ । ପ୍ରତି ପଦକ୍ଷେପରେ ଅନେକ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ । ଯାତ୍ରାପଥର ପ୍ରତିଟି ମୋଡ଼ରେ ଅତର୍କିତ ଆକ୍ରମଣର ଆଶଙ୍କା ରହିଛି । ସୁତରାଂ ସର୍ବଦା ଭଗବାନଙ୍କ ପ୍ରତି ଏକାନ୍ତ ବିଶ୍ୱସ୍ତ ଓ ଅନୁଗତ ହୋଇ ନରହିଲେ ଆମେ ପଥବିଚ୍ୟୁତ ହୋଇ ଯାଇପାରୁ । ସାମାନ୍ୟତମ ତ୍ରୁଟିବିଚ୍ୟୁତି ମଧ୍ୟ ଆମକୁ ଭୟଙ୍କର ବିପଦ ମଧ୍ୟକୁ ଟାଣି ନେଇପାରେ । ତେଣୁ ଆମ ସତ୍ତା ଭିତରେ କୌଣସି ପ୍ରକୃତିଗତ ବିରୋଧାଭାସ ନ ରହିବା ଉଚିତ । ବ୍ୟକ୍ତିଗତ ଧାରଣା, ଅଭିରୁଚି ଓ ଆସକ୍ତିଗୁଡ଼ିକରୁ ଆମକୁ ସମ୍ପୂର୍ଣ୍ଣ ମୁକ୍ତ ହେବାକୁ ପଡ଼ିବ । ଛୋଟ ଛୋଟ ବାଧାବିଘ୍ନ, ଛୋଟ ଛୋଟ ଅସୁବିଧା ବା ଅସ୍ୱସ୍ତି ଦ୍ୱାରା ଆମେ କଦାପି ସମ୍ମୋହିତ ହେବା ନାହିଁ । ବାଧାକୁ ଦେଖି ଡରିଯିବା ନାହିଁ କିଂବା ତାକୁ ଅତିରଞ୍ଜିତ କରିବା ନାହିଁ । ଆମେ ଜାଣି ରଖିବା ଯେ ଦିବ୍ୟ ଶକ୍ତି ଯେକୌଣସି ଦୁର୍ଦମନୀୟ ବାଧାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ, ତେଣୁ ବିଜୟ ସୁନିଶ୍ଚିତ । ଭଗବାନ୍ ଯେହେତୁ ସବୁଠି ବିଦ୍ୟମାନ ଅଛନ୍ତି, ଆମର ସହାୟତା ପାଇଁ ସର୍ବଦା ଜଗିରହିଛନ୍ତି, ତେଣୁ ଆମର ଭୟ କରିବାର କୌଣସି କାରଣ ନାହିଁ ।

ଶ୍ରୀମା ଆମକୁ ଆଶ୍ୱାସବାଣୀ ଶୁଣାଇଛନ୍ତି – ‘‘The transformation is going to be: nothing will ever stop it, nothing will frustrate the decree of the Omnipotent. Cast away all diffidence and weakness and resolve to endure bravely awhile before the great day arrives when the long battle turns into an everlasting victory.’’

(CWM, Vol. 13, p. 21)

ଅର୍ଥାତ୍, ‘‘ରୂପାନ୍ତର କାର୍ଯ୍ୟ ନିଶ୍ଚିତ ଭାବେ ସିଦ୍ଧ ହେବ; କିଛି ବି ତାକୁ ବନ୍ଦ କରି ନପାରେ, ସର୍ବଶକ୍ତିମାନ୍‌ଙ୍କ ବିଧାନ ଓ ଆଦେଶକୁ କୌଣସି ଶକ୍ତି ବିଫଳ କରିପାରିବ ନାହିଁ । ସୁତରାଂ ସମସ୍ତ ଭୀରୁତା, ଆତ୍ମପ୍ରତ୍ୟୟହୀନତା ଓ ଦୁର୍ବଳତାକୁ ଦୂରକୁ ଫିଙ୍ଗିଦିଅ, ଏବଂ ସେହି ମହାନ୍ ଦିବସ ଆସିବା ପୂର୍ବରୁ କିଛିକାଳ ଲାଗି ସାହସର ସହିତ ସବୁକିଛିକୁ ସହ୍ୟ କରିଯାଅ । ସେହି ସୁଦିନଟି ଆସୁଛି ଯେତେବେଳେ କି ଏହି ଦୀର୍ଘକାଳୀନ ସମର ଚିରସ୍ଥାୟୀ ବିଜୟରେ ପରିଣତ ହେବ ।’’

(କ୍ରମଶଃ) ❑

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜର ଆତ୍ମା ସହ ଯୁକ୍ତ ହୋଇ ପରମଙ୍କ ମଧ୍ୟରେ ନିମଗ୍ନ ହୋଇ ରହିବା ।

– ଶ୍ରୀମା

# ଜ୍ଞାନ ଓ ଜ୍ଞାନୀ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୧

"There are two allied powers in man: knowledge and Wisdom. Knowledge is so much of the truth, seen in a distorted medium, as the mind arrives at by groping; Wisdom what the eye of divine vision sees in the spirit."

(*Thoughts and Aphorisms,* Sri Aurobindo)

ଅର୍ଥାତ୍, ''ମଣିଷ ଭିତରେ ରହିଛନ୍ତି ଦୁଇ ପରସ୍ପର ସହଯୋଗୀ ଶକ୍ତି : ଜ୍ଞାନ ଓ ପ୍ରଜ୍ଞା । ଗୋଟିଏ ବିକୃତ ମାଧ୍ୟମ ଦେଇ ଦେଖି ସତ୍ୟର ଯେତିକି ମାତ୍ରାକୁ ମନ ଅଣ୍ଡାଳି ଅଣ୍ଡାଳି ନିରୂପଣ କରିପାରେ, ତାହାହିଁ ଜ୍ଞାନ; ଦିବ୍ୟଦୃଷ୍ଟି ଆତ୍ମା ଜରିଆରେ ଯାହା ଦେଖିପାରେ, ତାହାହିଁ ପ୍ରଜ୍ଞା ।''

ଆମେ ସାଧାରଣତଃ ଜ୍ଞାନ ଶବ୍ଦ ଦ୍ୱାରା ଉଭୟ Knowledge ଏବଂ Wisdom କୁ ବୁଝାଇ ଥାଉ । କିନ୍ତୁ Wisdom ପାଇଁ ରହିଛି ଅଧିକ ଉପଯୁକ୍ତ ଶବ୍ଦ : ପ୍ରଜ୍ଞା । ଆମେ 'ପ୍ରଜ୍ଞା' ହିଁ ବ୍ୟବହାର କରିବା ।

ଶ୍ରୀମାଙ୍କୁ ଜଣେ ପ୍ରଶ୍ନ କରିଛନ୍ତି, ଜ୍ଞାନ ଓ ପ୍ରଜ୍ଞା ପରସ୍ପର ସଂପର୍କିତ କାହିଁକି ? ଶ୍ରୀମା ବୁଝାଇଛନ୍ତି, ଉଭୟ ଶକ୍ତି ଆମକୁ ଅଜ୍ଞାନ-ଅନ୍ଧାରରୁ ଆଲୋକ ଦିଗରେ ନେଇଯିବା ସକାଶେ ଉଦ୍ଦିଷ୍ଟ । ଜ୍ଞାନ ମନ ଦ୍ୱାରା ମିଳିପାରୁଥିବା ସ୍ଥଳେ ପ୍ରଜ୍ଞା ଲାଭ କରିବାର ମାଧ୍ୟମ ଆମର ଆତ୍ମା ।

'ବିକୃତ ମାଧ୍ୟମ' ବୋଇଲେ କ'ଣ ? ଶ୍ରୀଅରବିନ୍ଦଙ୍କ ଅଭିବ୍ୟକ୍ତିର ଅର୍ଥ ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ । ମନ ଏକ ଅସଂପୂର୍ଣ୍ଣ ବା ଅପରିଣତ ମାଧ୍ୟମ । ଏହା ସଂପୂର୍ଣ୍ଣ ସତ୍ୟ ଜାଣିବାରେ ଅକ୍ଷମ । ଏହା ଗୋଟିଏ ସ୍ତରର ଅର୍ଥ । ଅନ୍ୟ ଏକ ସ୍ତରରେ – ସମଗ୍ର ଜୀବନହିଁ ଯେହେତୁ ଅଜ୍ଞାନ-ଅଧ୍ୟୁଷିତ, ପୃଥିବୀର ସମଗ୍ର ବାତାବରଣ ମଧ୍ୟ ବିକୃତ ବୋଲି କୁହାଯାଇପାରେ । ପୃଥିବୀର ଘଟଣାବଳିର ବିଶ୍ଳେଷଣ ଜରିଆରେ ସତ୍ୟରେ ଉପନୀତ ହେବା ସହଜ ନୁହେଁ । ଏଠାରେ ସତ୍ୟ ବୋଇଲେ ଆଧ୍ୟାତ୍ମିକ ସତ୍ୟ – ପରମ ସତ୍ୟକୁ ବୁଝାଯାଉଛି ।

ମନର ଅପାରଗତା ସଂପର୍କରେ ଶ୍ରୀମା ଏକ ଚିତ୍ରକଳ୍ପ ଦେଇଛନ୍ତି । ସୂର୍ଯ୍ୟାଲୋକ ଉଜ୍ଜ୍ୱଳ ଶୁଭ୍ର । କିନ୍ତୁ ସେ ଆଲୋକ ବହୁବିଧ ରଙ୍ଗରେ ବିଚ୍ଛୁରିତ ହୋଇପାରେ । ସେତେବେଳେ ଆମ ଦୃଷ୍ଟି ସେସବୁ ରଙ୍ଗକୁ ଏକତ୍ର କରି ତା'ର ପୂର୍ଣ୍ଣ ଅବିଭାଜିତ ରୂପ ଦେଖିପାରିବା ସମ୍ଭବପର ହୁଏ ନାହିଁ । ସତ୍ୟର ପ୍ରକୃତ ରୂପ ସେହି ସୂର୍ଯ୍ୟାଲୋକ ଭଳି । କିନ୍ତୁ ମନ ତା'ର ନିଜସ୍ୱ ସୀମିତତା, ନିଜସ୍ୱ ଧାରଣା, ଅବଚେତନ ପ୍ରଭାବ ଇତ୍ୟାଦି ଜରିଆରେ ଦେଖିବା ବେଳକୁ ତାକୁ ଛିନ୍ନ ଭିନ୍ନ କରି ପକାଏ ।

*

ଭାରତର ପ୍ରାଜ୍ଞ ଲୋକକଥା ମନର ଏହି ସୀମାବଦ୍ଧତାକୁ ଯେଉଁ କାହାଣୀ ମାଧ୍ୟମରେ ଦର୍ଶାଇଛି, ତାହା ଅତ୍ୟନ୍ତ ଜନପ୍ରିୟ । କେତେଜଣ ଅନ୍ଧ, ହାତୀ କ'ଣ ଜାଣିବାକୁ ଉତ୍ସୁକ । ଜଣେ ତା'ର ପେଟରେ ହାତ ବୁଲାଇ ହାତୀ ଗୋଟାଏ କାନ୍ଥ ଭଳି ବୋଲି ଧାରଣା କରିବା ବେଳକୁ ଅନ୍ୟ ଜଣେ ତା' ଗୋଡ଼ କୁଣ୍ଢାଇ ହାତୀକୁ ଖମ୍ବବତ୍ ପ୍ରାଣୀ ଭଳି ଏବଂ ଅନ୍ୟ ଜଣେ ତା' ଦାନ୍ତରେ ହାତ ବୁଲାଇ ହାତୀ ଏକ ଶକ୍ତ ଗୋଜିଆ ଅସ୍ତ୍ର ଭଳି ବୋଲି ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଭୁଲ୍ ନକରିବା ସତ୍ତ୍ୱେ ପ୍ରତ୍ୟେକେ ସତ୍ୟଠାରୁ ବହୁ ଦୂରରେ ।

ଜ୍ଞାନର ମଧ୍ୟ ବହୁ ପର୍ଯ୍ୟାୟ ରହିଛି । ଜଣକର ଜ୍ଞାନ ଥିବା ସତ୍ତ୍ୱେ ସେ ଜ୍ଞାନୀ ହୋଇ ନପାରେ । ମୋର ଏ କଥାଟି କାହା କାହାକୁ ବିଚିତ୍ର ଲାଗିପାରେ । ଯାହାର ଧନ ଅଛି ସେ ଧନୀ ନ ହେବା ଯେପରି ଅବାସ୍ତବ, ଯାହାର ଜ୍ଞାନ ଅଛି ସେ ଜ୍ଞାନୀ ନ ହେବା ଅବାସ୍ତବ ନୁହେଁ କି ? କଥାଟି ସରଳ କରିଦେବା ନିମନ୍ତେ ଗୋଟାଏ କାହାଣୀର ଆଶ୍ରୟ ନେବି :

ଧରନ୍ତୁ ଲୋକଟିର ନାମ ଜଗୁ । ଫାଶ ବସାଇ ସେ ଥରେ ଥରେ ଶୁଆ ସାରି ଧରେ; ସେଗୁଡ଼ିକୁ ବିକ୍ରି କରେ । ଦିନେ ତା' ଫାଶରେ ପଡ଼ିଲା ଗୋଟାଏ ସୁନ୍ଦର ଶୁଆ । ଜଗୁ ତାକୁ ଧରିବା

ମାତ୍ରେ ସେ କହିଲା, ''ବାବୁ ! ତୁମେ ମୋତେ ଧରି କ'ଣ ଲାଭ ପାଇବ ?''

''ବିକ୍ରି କରି ଦୁଇ ପଇସା ପାଇବି ।'' ଉତ୍ତର ଦେଲା ଜଗୁ ।

''ଦୁଇ ପଇସା ତୁମେ ସୁଖ ପାଇଁ ଆୟ କରିବ ତ ? ଠିକ୍ ଅଛି । ମୋତେ ଛାଡ଼ି ଦିଅ । ମୁଁ ତୁମକୁ ଏମିତି ତିନୋଟି ଜ୍ଞାନ ଦାନ କରିବି, ଯାହା ତୁମକୁ ବହୁତ ଦୁଃଖ ଏଡ଼ାଇ ଯିବାରେ ସାହାଯ୍ୟ କରିବ ।''

''ମୋତେ ବୋକା ବୋଲି ଭାବିଲ କି ? ବେଶ୍ । ଆଗେ ସେ ତିନୋଟି ଜ୍ଞାନ ଦିଅ । ତେଣିକି ମୁଁ ବିଚାର କରିବି ।'' – କହିଲା ଜଗୁ ।

''ଶୁଣ । ଯାହା ଚାଲିଯାଇଛି, ତାହା ପାଇଁ ପସ୍ତେଇବ ନାହିଁ । ଏହା ପ୍ରଥମ ଜ୍ଞାନ । ଯାହା ଅବାସ୍ତବ ବୋଲି ବୁଝୁଥିବ, ସେଥିରେ ପରତେ ଯିବ ନାହିଁ । ତୃତୀୟରେ, ଯାହା ଅକ୍ତିଆର କରିବା ସମ୍ଭବ ନୁହେଁ, ତାହା ଅକ୍ତିଆର କରିବାକୁ ଚେଷ୍ଟା କରିବ ନାହିଁ'', ପକ୍ଷୀ କହିଲା ।

''ହାଃ ହାଃ !'' ହସିଲା ଜଗୁ । ''ତୁମେ ମୋତେ ଏହି ଜ୍ଞାନ ଦେଉଛ ? ଏ ଜ୍ଞାନ କ'ଣ ମୋର ନଥିଲା ?'' ସେ ଏମିତି ଆସ୍ଫାଳନ କରିବା ଭିତରେ ପକ୍ଷୀଟି ତା'ହାତରୁ ହଠାତ୍ ଖସି ପଳେଇଲା । ଜଗୁ ଚମକି ପଡ଼ି ଅନେଇଲା ବେଳକୁ ପକ୍ଷୀ ଯାଇ ଗୋଟାଏ ଗଛଡାଳରେ ବସିଛି ।

''ତୁମକୁ ମୁଁ ଦେଇଥିବା ଜ୍ଞାନ ଆଗରୁ ଜଣାଥିଲା ପରା ! ତା' ହେଲେ ତ ତୁମେ ଟିକିଏ ସତର୍କ ଭାବରେ ମୋତେ ତୁମ କବ୍‌ଜାରେ ରଖିପାରିଥିଲେ ତୁମ ଭାଗ୍ୟ ବଦଳି ଯାଇଥା'ନ୍ତା । ତୁମକୁ ଜଣା ନାହିଁ, ମୋ ପେଟରେ ଗୋଟାଏ ବଡ଼ ଆତ ଆକାରର ହୀରା ଅଛି । ତା'ର ମୂଲ୍ୟ କୋଟିଏ ଟଙ୍କା ।'' – ପକ୍ଷୀ କହିଲା ।

ଜଗୁ ଆଗକୁ ଖେପିଯାଇ ହାତ ବଢ଼ାଇ ପକ୍ଷୀକୁ ଧରିବାକୁ ଚେଷ୍ଟା କଲା । କିନ୍ତୁ ପକ୍ଷୀ ଗୋଟାଏ ଉପର ଡାଳକୁ ଉଡ଼ିଯାଇ ବସିଲା ଓ ହସିଲା । ଜଗୁ ତହୁଁ ଗଛ ଚଢ଼ିଲା । କିନ୍ତୁ ସେ ଯେତିକି ଉପରକୁ ଉଠୁଥାଏ, ପକ୍ଷୀଟି ସେତିକି ଅଧିକରୁ ଅଧିକ ଉପର ଡାଳକୁ ପଳାଇ ଯାଉଥାଏ । ଶେଷରେ ପକ୍ଷୀ ଯାଇ ସବା ଉପର ଡାଳରେ ବସିଲା । ଜଗୁ ତାକୁ ଧରିବା ମାନସରେ ଠିକ୍ ତା' ତଳ ଡାଳକୁ ଉଠନ୍ତେ ସେ ଗୋଟିକ ଭାଙ୍ଗିଗଲା । ଜଗୁ ଆସି ପଡ଼ିଲା ତଳେ ଗୋଟିଏ କଣ୍ଟା ବୁଦା ଉପରେ । ଦେହ ହାତ ଚିରି ହୋଇଗଲା ।

ପକ୍ଷୀ ଉଡ଼ିଯାଇ ତା' ମୁଣ୍ଡ ଉପରେ ଚକ୍କର ଦେଇ କହିଲା, ''ତୁମେ ଏଥର କିଛି ବୁଝିଲ ? ମୁଁ ଦେଇଥିବା ଜ୍ଞାନ ତୁମର ଅଛି ବୋଲି ତୁମେ କହୁଥିଲ । ବାସ୍ତବରେ ତୁମର ସେ ଜ୍ଞାନ ଥିଲେ ବି ତୁମେ ସେ ଜ୍ଞାନରେ ଜ୍ଞାନୀ ନଥିଲ । ଯାହା ଚାଲିଯାଇଛି, ତାକୁ ନେଇ ପସ୍ତେଇବା କଥା ନୁହେଁ । ମୁଁ ତୁମ ହାତରୁ ଖସିଯିବା ପରେ ବି ତୁମେ ମୋତେ ଧରିବାକୁ ଚେଷ୍ଟା କରି ପ୍ରମାଣ କଲ ଯେ ତୁମର ସେ ଜ୍ଞାନ ପ୍ରକୃତରେ ନାହିଁ । ଯାହା ଅସମ୍ଭବ, ସେଥିରେ ବିଶ୍ୱାସ କରିବା କଥା ନୁହେଁ । ଅଥଚ ତୁମେ ମୋ ଭଳି ଟିକି ପକ୍ଷୀ ପେଟରେ ଆତ ଆକାରର ହୀରା ଖଣ୍ଡ ଥିବା କଥା ବିଶ୍ୱାସ କଲ । ଯାହା ତୁମ ଅକ୍ତିଆର ବାହାରେ, ତାକୁ ଅକ୍ତିଆର କରିବାକୁ ଚେଷ୍ଟା କରିବା କଥା ନୁହେଁ । ମୁଁ ପକ୍ଷୀ । ସହଜରେ ଗୋଟାଏ ଡାଳରୁ ତହିଁ ଉପରର ଡାଳକୁ ଯାଇ ଉଡ଼ି ପଳାଇଯାଇ ପାରିବି । ତୁମେ କେମିତି ଭାବୁଥିଲ ମୋତେ ଗଛ ଚଢ଼ି ଧରିପାରିବ ?''

କାହାଣୀଟିର ସମାପ୍ତି ଏହିଠାରେ । ଏ କାହାଣୀର ଶିକ୍ଷା ସାମାଜିକ ଜୀବନ ପ୍ରତି ପ୍ରଯୁଜ୍ୟ, ଆଧ୍ୟାତ୍ମିକ ଜୀବନ ପ୍ରତି ନୁହେଁ । ଜଗୁ ଯାହାକୁ ନିଜର ଜ୍ଞାନ ବୋଲି ମନେ କରୁଥିଲା, ତାହା ଜ୍ଞାନର ଏକ ଧାରଣା ମାତ୍ର । ଜ୍ଞାନୀ ସିଏ, ଯିଏ ନିଜ ଜ୍ଞାନ ଉପଲବ୍ଧି କରିଥାଏ; ଅର୍ଥାତ୍ ସେହି ଅନୁସାରେ ଆଚରଣ କରେ । ମିଥ୍ୟା ଓ ଦୁର୍ନୀତି ମନ୍ଦ, ଏ ଜ୍ଞାନ ପ୍ରାୟ ସମସ୍ତ ଲୋକଙ୍କର ରହିଛି । ପୁଣି ଅପେକ୍ଷାକୃତ ଆଉଟିକେ ବିକଶିତ ଚେତନାର ମଣିଷ ମାତ୍ରେ ଜାଣନ୍ତି ଯେ ଯେଉଁ ସୁଖଲାଭ ଆଶାରେ ମଣିଷ ମିଥ୍ୟାଚାର ଓ ଦୁର୍ନୀତିର ପଥ ଅନୁସରଣ କରେ, ସେ ସୁଖ ତାକୁ ଫାଙ୍କିଦେଇ ଖସିଯାଏ । ଆହୁରି ମାତ୍ରାଏ ଅଧିକ ବିକଶିତ ଚେତନାର ଲୋକେ ଜାଣନ୍ତି କି ସେଭଳି ପଥରୁ ସୁଖ ମିଳିବା ତ ଦୂରର କଥା ସେ ପଥରେ ଯାଇ ଚେତନାର ଯେଉଁ ଅଧଃପତନ ଘଟେ ତାହା ଜଣକୁ ଅଜ୍ଞାନ ଅନ୍ଧକାର ଭିତରକୁ ଟାଣି ନେଇଯାଏ । ଅଜ୍ଞାନହିଁ ଅଧିକାଂଶ ଦୁଃଖ ଯନ୍ତ୍ରଣାର ଭିତ୍ତି ହୋଇଥିବା ସ୍ଥଳେ ଜଣେ ଯେଉଁ ଆଶାରେ ମିଥ୍ୟା ଓ ଦୁର୍ନୀତିର ପଥ ଧରିଥାଏ, ସେ ଆଶାର ବିପରୀତ ଫଳହିଁ ତାକୁ ମିଳେ; ଅର୍ଥାତ୍ ସୁଖ ବଦଳରେ ମିଳେ ଦୁଃଖ ।

କିନ୍ତୁ ଏ ତିନି ପର୍ଯ୍ୟାୟର ଜ୍ଞାନ ମଧ୍ୟ ଜଣକୁ ଜ୍ଞାନୀ ନ କରିପାରେ । ଅନ୍ୟ ଭାଷାରେ କହିଲେ, ଜଣେ ନିଜ ଜ୍ଞାନକୁ ନିଜ ଜୀବନରେ କାର୍ଯ୍ୟକାରୀ କରୁ ନଥାଇ ପାରେ । ତେଣୁ

ସେ ଜ୍ଞାନୀ ନୁହେଁ । ଯଦି ସେ କାର୍ଯ୍ୟକାରୀ କରୁଥିବ, ସେ ଅବଶ୍ୟ ଜ୍ଞାନୀ ।

କିନ୍ତୁ ଶ୍ରୀଅରବିନ୍ଦ ଏଠାରେ ଯେଉଁ ପ୍ରଜ୍ଞା କଥା କହୁଛନ୍ତି, ତାହା ଏପରିକି ଏଭଳି ଜ୍ଞାନୀର ଆୟତ୍ତର ମଧ୍ୟ ଊର୍ଦ୍ଧ୍ୱରେ । କେବଳ ଆତ୍ମଦର୍ଶୀହିଁ ତାହା ଲାଭ କରିପାରେ । ତାହା ପ୍ରତ୍ୟକ୍ଷ ସତ୍ୟଜ୍ଞାନ ।

[‘ପ୍ରଜ୍ଞା-ପ୍ରଦୀପିକା’ ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୩ - ୬] ❑

# ସାଗରକୁ

## ଶ୍ରୀଅରବିନ୍ଦ

ହେ ପ୍ରଚଣ୍ଡ ଧୂସର ସାଗର,
ମୋ ପାଇଁ ଆଣିଛ ବାର୍ତ୍ତା, ମହାଭୟଙ୍କର ।
ତାଙ୍କ ସୁବିଶାଳ ପୃଷ୍ଠୋପରି
ତୁମ ଉତ୍ତାଳ ତରଙ୍ଗ କରନ୍ତି ବହନ,
ଅତଳତଳ ସ୍ପର୍ଶ ଗହ୍ୱର ।
ତା’ ମଧ୍ୟେ କଦବା ଦୃଶ୍ୟମାନ ଏକ ଅସ୍ପଷ୍ଟ ଶୀର୍ଣ୍ଣତରୀ ।
ମୁଁ ଶୁଣୁଛି ତୁମର ଗର୍ଜନ
‘‘କୂଳରେ କାହିଁକି ବୃଥା କାଳକ୍ଷେପଣ
ଭୀତତ୍ରସ୍ତ ତୋ’ ନୟନ
ଦେଖୁଛି ଫେନିଳ ଚୂଡ଼ା ଛୁଇଁ ଯାଏ ଗଗନ ?
ଏ କ୍ଷୁଦ୍ର ନଗଣ୍ୟ ତରୀ
ପ୍ରବଳ ତରଙ୍ଗାଘାତେ ଯାଉଅଛି ଭାସି ।
ମରଣ ଆସିବ ଯଦି,
ତା’ପରେ ସହସ୍ରାଧିକ ରହିବେନି ବାକି ?
ମୋ ଆହ୍ୱାନ ସମ୍ମୁଖୀନ
ହୁଅ, କାପୁରୁଷସମ କୂଳ ସହ ରହନା ସଂଲଗ୍ନ ।
କରି ଅବତରଣ ଏବଂ ଜାଣ
ବିପଦ ଓ ଜୟ ମଧ୍ୟେ କି ଉଲ୍ଲାସପୂର୍ଣ୍ଣ ।’’
ହଁ, ବୁଝିଛି ହେ ବିଶାଳ ବାରିଧି,
ତୁମଠାରୁ ଶକ୍ତ ପ୍ରତିଘାତ କରିପାରେ ମୁହିଁ ।
ତୁମ ଶୀର୍ଷେ କରି ଆରୋହଣ;
କରିପାରେ ନଭ ସହ ଛଳନାର ପ୍ରେମାଳାପ ।
ବୁଡ଼ିପାରେ ମୁଁ ଗଭୀରେ
ଜାଣିବାକୁ କୋଳାହଳପୂର୍ଣ୍ଣ ପୃଥିବୀର ନିମ୍ନ ଦେଶେ ।
ନିରାପଦ ସ୍ଥାନେ ନଷ୍ଟ
କରିବିନି, ଭାଗବତ ଯୋଜନାକୁ କାଳକ୍ଷେପେ
ବିରାଟାତ୍ମା ମାନବର,
ଅନନ୍ତ ଭଗବାନ୍ ଚରମ ଲକ୍ଷ୍ୟ ତା’ର ।
ସେଥିପାଇଁ ରଚି ବ୍ୟୂହ,
ସମ୍ମୁଖରେ ରଖି ଦୁଃଖ ବିପଦ ସାଗର
ଦିଅନ୍ତି କଷ୍ଟ ଏବଂ ପରାଜୟ,
ପାଦରେ ଛନ୍ଦନ୍ତି ତାଙ୍କ ଫାଶ ମହାକାୟ ।
ପଠାନ୍ତି ପ୍ରବଳ ବୃଷ୍ଟି
ଝଡ଼ ଝଞ୍ଜାର ଭୀଷଣ ଆକ୍ରମଣ ସହ, ବାର୍ତ୍ତା **ତାଙ୍କ**
ମଣିଷ ପାରିବ ଦିନେ
ଜୟ କରି ଦୁଃଖ କଷ୍ଟ, ହୋଇବ ସମ୍ରାଟ
ସମାସ୍କନ୍ଦ ତା ବିରାଟ
ଅଜେୟ ଆତ୍ମା ସହ, ଲଘି ପ୍ରତିକୂଳ ଭାଗ୍ୟ ।
ଚାହିଁ ଦେଖ ଥରେ, ମୋର ସ୍ୱର୍ଗକୁ
ଊର୍ଦ୍ଧ୍ୱାରୋହଣ, ହେ ବିପୁଳ ନିର୍ମମ ସାଗର ।
ଧରି ତୁମର କେଶର
ହେ ସିଂହ, ଅବଜ୍ଞାରେ କରିବି ଦମନ;
କିଂବା ବୁଡ଼ି ଅଭ୍ୟନ୍ତରେ
ତୁମ ଲବଣାକ୍ତ ଅତଳସ୍ପର୍ଶୀ ଗହ୍ୱରେ,
ସହିବି ତୁମର ଭାର,
ମୋ **ବିଧାତା** ପରି ମୁହିଁ ଅନମନୀୟ ।
ମୁଁ ଆସୁଛି, ହେ ସାଗର,
କଳିବାକୁ ମୋ ବିପୁଳ ସତ୍ତା ତୁମ ସହ ।

[ଶ୍ରୀଅରବିନ୍ଦଙ୍କ ରଚିତ **“To the Sea”** କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୯)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (ଗ) :

ସୁଭାଷ ଚନ୍ଦ୍ର ବୋଷଙ୍କର* ଜନୈକ ଘନିଷ୍ଠ ବଂଧୁ ଥିଲେ ଆଶ୍ରମର ଅନ୍ତେବାସୀ ଦିଲୀପ କୁମାର ରାୟ । ୧୯୩୩ରେ ସେ ଦିଲୀପଙ୍କୁ ଅନୁନୟପୂର୍ବକ ଏହି ମର୍ମରେ ଏକ ପତ୍ର ଲେଖିଥିଲେ : ''ତୁମେ ତୁମର 'ସାଧନ କୋଠରି'('yogic cell') ତ୍ୟାଗ କରି ମୋ ପାଖକୁ ଚାଲିଆସ । କାରଣ ମୁଁ ମୋ ଉଦ୍ଦେଶ୍ୟ ସାଧନରେ ଏପରି ଜଣେ ବିଶ୍ୱସ୍ତ ବନ୍ଧୁକୁ ଆବଶ୍ୟକ କରେ ଯିଏକି ସମଗ୍ର ପୃଥିବୀରେ ଭାରତର ପ୍ରତିନିଧିତ୍ୱ କରିପାରିବ । ଏଥିନିମିତ୍ତ ତୁମର ସେହି 'ସାଧନ କୋଠରି'ଟିକୁ ଯଥେଷ୍ଟ ମାତ୍ରାରେ ଏକ ବିଶ୍ୱାସଯୋଗ୍ୟ କ୍ଷେତ୍ର ବୋଲି ନିଶ୍ଚିତ ରୂପେ କହିହେବ ନାହିଁ । ଯଦିଓ ଶ୍ରୀମା ତୁମକୁ ଆଶ୍ରମର ଏକ ପୁରାତନ ଉତ୍କୃଷ୍ଟ ଔପନିବେଶିକ ବାସଭବନକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରିପାରିବା ନିମିତ୍ତ ବନ୍ଦୋବସ୍ତ କରି ଦେଇଛନ୍ତି । ଏବଂ ତୁମେ ସେଠାରେ ଜଣେ ରାଜପୁତ୍ର ସଦୃଶ ଜୀବନଯାପନ କରୁଛ ଏବଂ ତୁମର ସ୍ୱାଭାବିକ ପ୍ରତିଭାସମ୍ପନ୍ନ ପ୍ରବୃତ୍ତିସବୁର ପୂର୍ଣ୍ଣ ପରିପ୍ରକାଶ ଘଟାଇବାରେ ମୁକ୍ତ ଭାବରେ ଅନୁକୂଳ ପରିବେଶମାନ ସୃଷ୍ଟି କରିପାରିଛ ।''

ଦିଲୀପ ମଧ୍ୟ ନିଜ ତରଫରୁ ସୁଭାଷ ଚନ୍ଦ୍ରଙ୍କୁ କେବେ କେବେ ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ମନୋନିବେଶ କରିବାକୁ ପ୍ରବର୍ତ୍ତାଉ ଥିଲେ । କିନ୍ତୁ ଏପରି ଭାବରେ ଜଣକୁ ପ୍ରବର୍ତ୍ତାଇବା ବିଷୟରେ ଶ୍ରୀଅରବିନ୍ଦ କସ୍ମିନ୍‌କାଳେ ଆଗ୍ରହ ପ୍ରକାଶ କରୁ ନଥିଲେ । ନୀରଦବରଣଙ୍କର 'Correspondence with Sri Aurobindo' ଗ୍ରନ୍ଥରେ ଆମେ ଉପରୋକ୍ତ ବିଷୟରେ ପୁନଃପୁନଃ ଶ୍ରୀଅରବିନ୍ଦଙ୍କର ସମୁଚିତ ମନ୍ତବ୍ୟର ସୂଚନା ପାଉ । ସେ ଏହି ମର୍ମରେ ପ୍ରାୟ ଲେଖୁଥିଲେ : ''ସାଧାରଣତଃ 'ମହାନ୍' ବ୍ୟକ୍ତିଗଣ କ୍ୱଚିତ୍ ଅନାସକ୍ତ, ନମନୀୟ ତଥା ଗ୍ରହଣଶୀଳ ସ୍ୱଭାବର ହୋଇଥା'ନ୍ତି । ବାହାର ଦୁନିଆର ଜନସାଧାରଣଙ୍କ ଦୃଷ୍ଟିରେ ସେମାନେ ଯେତେ 'ମହାନ୍' ବୋଲି ସର୍ବାଗ୍ରେ ପ୍ରତୀୟମାନ ହୋଇ ଉଠୁଥିଲେ ମଧ୍ୟ ପୂର୍ଣ୍ଣ ସମର୍ପିତ ଓ ଆତ୍ମତ୍ୟାଗୀର ଯୌଗିକ ଜୀବନକୁ ସ୍ୱେଚ୍ଛାରେ ବରଣ କରିନେବାରେ ସେମାନେ ହୁଏତ ସର୍ବଶେଷ ବ୍ୟକ୍ତି ହୋଇଥା'ନ୍ତି ।''

(Georges Van Vrekhem : 'Beyond Man' p. 234-235)

ସୁଭାଷ ଚନ୍ଦ୍ର ବ୍ରିଟିଶ-ଭାରତର ବାହାରେ ରହି ଭାରତର ସ୍ୱାଧୀନତା ସକାଶେ ଫୌଜ ଗଠନ କରିବାରେ ତୀବ୍ର ଆଗ୍ରହୀ ହୋଇ ୧୯୪୧ରେ ଜର୍ମାନୀରେ ପହଞ୍ଚି ଥିଲେ । ଏବଂ ଦେଶାତ୍ମବୋଧକ ବେତାର-ବାର୍ତ୍ତାରେ ଭାରତବାସୀଙ୍କୁ ତୀବ୍ର ଭାବରେ ଅନୁପ୍ରାଣିତ କରୁଥିଲେ । ହିଟ୍‌ଲର କିନ୍ତୁ ନିଜର ଦୁରଭିସନ୍ଧିକୁ ଗୋପନ ରଖି ବୋଷଙ୍କୁ ପ୍ରଥମେ ପ୍ରଥମେ ସାହାଯ୍ୟ, ସହାନୁଭୂତି ଦେଖାଉ ଥିଲେ । ୧୭ ଫେବ୍ରୁଆରୀ ୧୯୪୧ରେ କିନ୍ତୁ ହିଟ୍‌ଲର ବ୍ରିଟିଶ ସାମ୍ରାଜ୍ୟର କେନ୍ଦ୍ରସ୍ଥଳ ଭାରତ

* ସୁଭାଷ ଚନ୍ଦ୍ର ବୋଷ ('ନେତାଜୀ' ନାମରେ ସୁପରିଚିତ) : (ଜନ୍ମ : ୨୩ ଜାନୁଆରୀ, ୧୮୯୭ – ୧୯୪୫ ମସିହା ଅଗଷ୍ଟ ୧୮ରୁ ନିଖୋଜ) : ଛାତ୍ରାବସ୍ଥାରୁ ସେ ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଏବଂ ପରିଶେଷରେ ଚିତ୍ତରଞ୍ଜନ ଦାସଙ୍କର ଦେଶାତ୍ମବୋଧ ଚେତନାରେ ତୀବ୍ର ଭାବରେ ଅନୁପ୍ରାଣିତ ହୋଇଥିଲେ । କେମ୍ବ୍ରିଜରୁ ଆଇ.ସି.ଏସ. ପାସ କରି ସ୍ୱେଚ୍ଛାରେ ସେଥିରୁ ଇସ୍ତଫା ଦେଇଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନରେ ଜଣେ ନୈଷ୍ଠିକ ବିପ୍ଳବୀ ନେତା ହିସାବରେ ସେ ପ୍ରାୟ ପ୍ରତ୍ୟେକ ଭାରତବାସୀଙ୍କର ଚିରସ୍ମରଣୀୟ । ଉଦ୍ଦେଶ୍ୟ ତାଙ୍କର ଥିଲା ପବିତ୍ର, ମହାନ୍ କିନ୍ତୁ ଏବେ ଆମେ ବିନମ୍ର ସହକାରେ କହିପାରୁ ଯେ ତାଙ୍କ ପନ୍ଥା ଥିଲା କିଞ୍ଚିତ୍ ଅଦୂରଦର୍ଶୀ । ... ତଥାପି ଆଜି କେବଳ ଭାରତ ଇତିହାସରେ ନୁହେଁ, ଏସିଆର ନେତୃବୃନ୍ଦଙ୍କ ମନ ଓ ହୃଦୟରେ ତାଙ୍କ ନିମିତ୍ତ ଏକ ଅଲିଭା ସମ୍ମାନ ଦେଦୀପ୍ୟମାନ ରହିଛି ।

— ସଂଗ୍ରାହକ

ଆକ୍ରମଣ କରିବା ସକାଶେ ପ୍ରସ୍ତୁତ ରହିବାକୁ ଗୋପନରେ ଆଦେଶନାମା ଜାରି କରି ଦେଇଥିଲେ । ... ପରବର୍ତ୍ତୀ କାଳରେ ଦଲିଲପତ୍ରରୁ ପ୍ରମାଣିତ ହୋଇଛି ଯେ ହିଟ୍‌ଲର ବହୁପୂର୍ବରୁ ଭାରତକୁ ଆକ୍ରମଣ କରି ଜୟ କରିବାର କଳ୍ପନା ରଖିଥିଲା ।* ହିଟ୍‌ଲର ପରିଶେଷରେ ସୁଭାଷ ଚନ୍ଦ୍ରଙ୍କର ମହାନ୍ ଉଦ୍ଦେଶ୍ୟ – ଜର୍ମାନୀରୁ ସଶସ୍ତ୍ର ଭାରତ ବାହିନୀ ସହିତ ଭାରତକୁ ଆକ୍ରମଣ କରିବାର ଅଭିପ୍ରାୟକୁ ଅଗ୍ରାହ୍ୟ କରି ଦେଇଥିଲା । ତେଣୁ ପଶ୍ଚିମପଟରୁ ବ୍ରିଟିଶ-ଭାରତକୁ ଆକ୍ରମଣ କରିବାର କଳ୍ପନା ତ୍ୟାଗ କରି ସୁଭାଷ ଚନ୍ଦ୍ର ପୂର୍ବପଟକୁ ମୁହାଁଇ ଥିଲେ – ହିଟ୍‌ଲରର ମିତ୍ରଶକ୍ତି ଜାପାନ ଅଭିମୁଖେ ।

୧୯୪୨ ମସିହାର ପ୍ରାରମ୍ଭରେ ସୁଭାଷ ଚନ୍ଦ୍ର ଟୋକିଓରେ ପହଞ୍ଚି ଥିଲେ । ସେ ଜାପାନ ଅଧିନାୟକଙ୍କୁ ଭେଟି ନିଜର ଅଭିପ୍ରାୟ ବ୍ୟକ୍ତ କଲେ । ଜାପାନ ଅଧିନାୟକ ତତ୍‌କ୍ଷଣାତ୍ ବିବେଚନା କରିନେଲେ ଯେ ଏହି ବ୍ୟକ୍ତିଙ୍କ ସହାୟତାରେ ଭାରତ ପ୍ରତି ଆମର ମୂଳ ଉଦ୍ଦେଶ୍ୟ ସାଧନ (ଅର୍ଥାତ୍ ଭାରତ-ଅଧିକାର) ଅତ୍ୟନ୍ତ ସଫଳ ହୋଇ ଉଠିବ । ତେଣୁ ସୁଭାଷଙ୍କୁ ସହାୟତା କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଲେ ।

ପ୍ରକୃତରେ କହିବାକୁ ଗଲେ ଜର୍ମାନ୍ ସଦୃଶ ଜାପାନ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବରେ କେବେହେଲେ ଅନ୍ୟ କୌଣସି ତୃତୀୟ ପକ୍ଷଙ୍କ ମାଧ୍ୟମରେ ଭାରତକୁ ନିଜର ଅଧୀନକୁ ଆଣିବା ଚାହୁଁ ନଥିଲା । ଦୁହେଁ କେବେହେଲେ ସ୍ୱପ୍ନରେ ବି ଚାହୁଁ ନଥିଲେ ଯେ ନିଜ ହାତରୁ ବିପକ୍ଷ ଅଧୀନକୁ ଭାରତ ଚାଲିଯାଉ ବୋଲି – ଏପରିକି ସୁଭାଷଙ୍କ ଅଧୀନକୁ ବି ନୁହେଁ । ... ଯଥାର୍ଥରେ ଜର୍ମାନ୍ ଓ ଜାପାନ – ଦୁହେଁ ସୁଭାଷଙ୍କର 'ଫୌଜ'କୁ ମର୍ମେ ମର୍ମେ ହେୟଜ୍ଞାନ କରୁଥିଲେ ଏବଂ ସେମାନଙ୍କୁ ପଳାତକ ଓ ନିଜ ମାତୃଭୂମିର ବିଶ୍ୱାସଘାତକ ବୋଲି ଭାବୁଥିଲେ ।

(ତତ୍ରୈବ : ପୃ. ୨୩୪)

ବିଶ୍ୱଯୁଦ୍ଧ ଆରମ୍ଭ ପୂର୍ବରୁ ଭାରତରୁ କତିପୟ ସ୍ୱଦେଶପ୍ରେମୀ ନେତା ଭାରତରୁ ପଳାଇଯାଇ ଜାପାନ ସହାୟତାରେ ସିଙ୍ଗାପୁରରେ ନିଜର ଗୋଷ୍ଠୀ ପ୍ରସ୍ତୁତ କରିବାରେ ପ୍ରୟାସ ଚଳାଇଥିଲେ । ଏମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରାସବିହାରୀ ବୋଷ । ସୁଭାଷ ଚନ୍ଦ୍ର ଏମାନଙ୍କ ସହିତ ସିଙ୍ଗାପୁରରେ ଜାପାନ ସହାୟତାରେ 'ଆଜାଦ୍ ହିନ୍ଦ୍ ଫୌଜ' (I. N. R.) ଗଠନ କଲେ । ଏଥର କିନ୍ତୁ ଏହି ଫୌଜଟି କେବଳ ଯୁଦ୍ଧରେ ବନ୍ଦୀ ହୋଇ ରହିଥିବା ଭାରତୀୟଙ୍କୁ ନେଇ ଗଠିତ ହୋଇ ନଥିଲା, ରାସବିହାରୀଙ୍କ ଦ୍ୱାରା ଇତିପୂର୍ବରୁ ଗଠିତ ନୈଷ୍ଠିକ ଭାରତୀୟ ଦେଶପ୍ରେମୀମାନଙ୍କୁ ନେଇ ମଧ୍ୟ ଗଠିତ ହୋଇଥିଲା । ସୁଭାଷ ଚନ୍ଦ୍ର ଏହାର ମୁଖ୍ୟ ହିସାବରେ ନିର୍ବାଚିତ ହୋଇ 'ନେତାଜୀ' ନାମରେ ସୁପରିଚିତ ହୋଇ ଉଠିଲେ । ... ପୁନଶ୍ଚ ସେ ଯୁଦ୍ଧରେ ବନ୍ଦୀ ହୋଇଥିବା ଭାରତୀୟ** ସୈନ୍ୟ ଶିବିରସବୁକୁ ଯାଇ ସ୍ୱେଚ୍ଛାରେ ତାଙ୍କ 'ଫୌଜ'ରେ ଯୋଗ ଦେବାକୁ ଅନୁରୋଧ କଲେ । ସର୍ବତ୍ର ଭାରତୀୟମାନଙ୍କୁ ପ୍ରଦତ୍ତ ଅଭିଭାଷଣରେ ଜାପାନ ସମ୍ବନ୍ଧରେ ଭୂରି ଭୂରି ପ୍ରଶଂସା କରୁଥିଲେ । ଇତିପୂର୍ବରୁ ବ୍ରିଟିଶ ଓ ଆମେରିକା ବିରୋଧରେ ଯୁଦ୍ଧ କରି ଜାପାନ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ନିଜର ଅଧିକାରକୁ ଆଣି ସାରିଥିଲା । ବର୍ତ୍ତମାନ ଜାପାନ ସୈନ୍ୟମାନଙ୍କ

---

* ଜନୈକ ସୋଭିଏତ୍ ପ୍ରଫେସରଙ୍କର ଏକ ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତିକାରେ ପ୍ରକାଶ ପାଇଥିଲା : ଜର୍ମାନୀ ପୃଥିବୀର ସାର୍ବଭୌମତ୍ୱ ଅର୍ଜନ କରିବା ପରେ ହିଟ୍‌ଲର ଭାରତକୁ ତା'ର ନାଜି ସାମ୍ରାଜ୍ୟର ଏକ ମୁଖ୍ୟ ଅଂଶସ୍ୱରୂପ ବ୍ୟବହାର କରିବ – ଏପରି ଥିଲା ତା'ର ଦୂରଦୃଷ୍ଟି ।

(Georges Van Vrekhem : 'Beyond Man' p. 238)

** ସେତେବେଳେ ହିଟ୍‌ଲରର 'ଅକ୍ଷଶକ୍ତି' ଓ ବ୍ରିଟିଶର 'ମିତ୍ରଶକ୍ତି' ଦୁହେଁ ଜୀବନ-ମୃତ୍ୟୁର ଯୁଦ୍ଧରେ ତୀବ୍ର ଭାବରେ ସଂପୃକ୍ତ ହୋଇ ରହିଥିଲେ । ସେତେବେଳକୁ ଭାରତୀୟ ଉପମହାଦେଶର ଦଶ ଲକ୍ଷରୁ ଅଧିକ ନିଷ୍ଠାପର ସୈନ୍ୟ ସର୍ବାନ୍ତଃକରଣରେ ବ୍ରିଟିଶକୁ ସାହାଯ୍ୟ କରି ଲଢ଼ାଇ କରୁଥିଲେ ଏବଂ ପ୍ରତି ମାସ ପଚାଶ ହଜାରରୁ ଅଧିକ ଭାରତୀୟ ସୈନ୍ୟ ନୂତନ କରି ତାଲିକାଭୁକ୍ତ ହେଉଥିଲେ । ତଥାପି ବ୍ରିଟିଶ ଆଶୁ ପ୍ରୟୋଜନୀୟତା ଦୃଷ୍ଟିରୁ ଅଧିକ ଭାରତୀୟଙ୍କ ସାହାଯ୍ୟ ଆବଶ୍ୟକ କରୁଥିଲା । ଏହି ଯୁଦ୍ଧରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟମାନଙ୍କ ମଧ୍ୟରୁ ସୁଭାଷ ଚନ୍ଦ୍ର ସ୍ୱେଚ୍ଛାସେବକବୃନ୍ଦଙ୍କୁ ନିର୍ବାଚନ କରୁଥିଲେ, ଯେଉଁମାନଙ୍କୁ ନେଇ ପରେ ତାଙ୍କର 'ଭାରତୀୟ ଜାତୀୟ ସେନାବାହିନୀ' (I.N.R.) ଗଠିତ ହୋଇଥିଲା । ପ୍ରକାଶ ଥାଉକି ବ୍ରିଟିଶ ଏହି ବିଷମ ପରିସ୍ଥିତିରେ ପଡ଼ି ଭାରତବର୍ଷକୁ 'କ୍ରିପ୍‌ସ ମିସନ୍' ପଠାଇଥିଲା ।

(Georges Van Vrekhem : 'Beyond Man' p. 252 ଦ୍ରଷ୍ଟବ୍ୟ)

ସହିତ 'ଆଜାଦ୍ ହିନ୍ଦ୍ ଫୌଜ' ସମ୍ମିଳିତ ହୋଇ ଯୁଦ୍ଧରେ ଅଗ୍ରସର ହୋଇଥିଲେ । ଜାପାନ ଅଧିକୃତ ବ୍ୟାଙ୍କକ ଓ ସାଇଗନକୁ ପରିଦର୍ଶନରେ ଯାଇ ସୁଭାଷ ଚନ୍ଦ୍ର ଅଧିକ ସଭାସମିତିରେ ଭାଷଣ ଦେବା ସଙ୍ଗେ ସଙ୍ଗେ ଜାପାନୀ କମାଣ୍ଡରଗଣ ତଥା ସରକାରଙ୍କର ଉଚ୍ଚପଦାଧିକାରୀବୃନ୍ଦଙ୍କ ସହିତ ସାକ୍ଷାତ୍ କରି ଦୀର୍ଘ ଆଲୋଚନାରେ ଭାରତ ପ୍ରତି ନିଜର ଅଭିପ୍ରାୟରେ ସହାୟତା ଲୋଡ଼ିଥିଲେ ।

ପୁନଶ୍ଚ ଭାରତର ତଦାନୀନ୍ତନ ରାଜନୈତିକ ସ୍ଥିତିରେ ଯେତେବେଳେ ଗାନ୍ଧିଜିଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଭାରତବାସୀଙ୍କୁ କେବଳ ଏହି ମର୍ମରେ ପରାମର୍ଶ ଦେଉଥିଲେ ଯେ ବ୍ରିଟେନ୍‌ର ଯୁଦ୍ଧ-ପ୍ରୟାସରେ ଆଦୌ ସହାୟତା ନକରି ଅହିଂସା ପନ୍ଥା ଅବଲମ୍ବନ କରିବାକୁ, ସେତେବେଳେ ବିଦେଶରେ ରହି ସୁଭାଷ ଚନ୍ଦ୍ରଙ୍କ ନେତୃତ୍ୱରେ ଭାରତବାସୀଙ୍କୁ ପୂର୍ଣ୍ଣପ୍ରାଣରେ ସକ୍ରିୟ ଓ ସଶସ୍ତ୍ର ପ୍ରତିରୋଧପୂର୍ବକ ସ୍ୱଦେଶରୁ ବ୍ରିଟିଶ ସରକାରଙ୍କୁ ହଟାଇ ଦେବାକୁ ଆହ୍ୱାନ କରା ଯାଉଥିଲା ।

୧୯୪୨ ମସିହାର ପ୍ରାରମ୍ଭ କାଳରେ ଜାପାନ ଯେତେବେଳେ ଇଂଲଣ୍ଡ ଓ ଆମେରିକା ବିରୋଧରେ ଯୁଦ୍ଧ କରି ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରର ବିସ୍ତୃତ ଅଞ୍ଚଳକୁ ଅଧିକାରରେ ଆଣି ମାଲେସିଆ ଓ ଡଚ୍ ଇଷ୍ଟଇଣ୍ଡିଜ୍‌କୁ ଅତିକ୍ରମ କରିଗଲା ଏବଂ ସମୁଦ୍ର ଉପକୂଳବର୍ତ୍ତୀ ଭାରତ ଆଡ଼କୁ ଅଗ୍ରସର ହେବାକୁ ଆରମ୍ଭ କଲା ସେତେବେଳେ ଭାରତବାସୀଙ୍କ ପକ୍ଷରେ ଅଧିକ ଭୟାନକ ଓ ଜଟିଳ ପରିସ୍ଥିତି ଉପୁଜିଥିଲା । ଅଧିକାଂଶ ଭାରତୀୟ ସେମାନଙ୍କର ତ୍ରୁଟିପୂର୍ଣ୍ଣ ଜ୍ଞାନଗରିମା ତଥା ଅର୍ଦ୍ଧଜ୍ଞାନରୁ ଏହାର ପ୍ରଭାବ ହୃଦୟଙ୍ଗମ କରିବା ସହ ଗଭୀର ଭାବରେ ଆଶାପୋଷଣ କରିବାକୁ ଲାଗିଲେ ଯେ ଜାପାନୀ ସୈନ୍ୟବାହିନୀଙ୍କ ସହାୟତାରେ I. N. R. ସହିତ ସୁଭାଷ ଚନ୍ଦ୍ରଙ୍କର 'ଚଲୋ ଦିଲ୍ଲୀ' ଅଭିଯାନରେ ସୁନିଶ୍ଚିତ ବିଜୟ ଘଟିବ ଏବଂ ଭାରତରେ ବ୍ରିଟିଶ ରାଜତନ୍ତ୍ରର ଅବିଳମ୍ବେ ପତନ ଘଟିବ । ... ଶ୍ରୀଅରବିନ୍ଦଙ୍କର କିନ୍ତୁ ଉପରୋକ୍ତ ପରିକଳ୍ପନାରେ ବିନ୍ଦୁମାତ୍ର ସନ୍ଦେହ ନଥିଲା ଯେ ଜାପାନୀମାନଙ୍କ ସହାୟତାରେ ଭାରତର ସ୍ୱାଧୀନତା ଲାଭ କରିବା ପନ୍ଥାଟି କେବେହେଲେ ଭାରତ-ସମସ୍ୟାର ସମୁଚିତ ସମାଧାନ ନୁହେଁ ।

ଇତିମଧ୍ୟରେ I. N. R. ଏବଂ ଜାପାନୀ ସୈନ୍ୟବାହିନୀ ବର୍ମା ଅଧିକାର କରି ନେଇଥିଲେ । ସୁଭାଷ ଚନ୍ଦ୍ର ରେଙ୍ଗୁନରୁ ବେତାର ବାର୍ତ୍ତାରେ ଭାରତବାସୀଙ୍କୁ ତାଙ୍କର ପ୍ରସିଦ୍ଧ ଭାଷଣ 'ଚଲୋ ଦିଲ୍ଲୀ'ରେ କହିଥିଲେ : ''ବନ୍ଧୁଗଣ ! ବର୍ତ୍ତମାନ ଅଗ୍ନି ପରୀକ୍ଷାର ବେଳ ଉପସ୍ଥିତ । ବନ୍ଦିନୀ ଭାରତମାତାର ମୁକ୍ତି ପାଇଁ ତା'ର ଚରଣ କମଳ ତଳେ ଆମ ସମସ୍ତଙ୍କୁ ଆତ୍ମବଳି ଦେବାକୁ ହେବ । ସ୍ୱାଧୀନତାର ମୂଲ୍ୟ ହେବ ରକ୍ତ ! ଦିଲ୍ଲୀର ପଥ ହେବ ଆମ ପାଇଁ ସ୍ୱର୍ଗର ପଥ । ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଆମେ ଆଗେଇ ଯିବା ଦିଲ୍ଲୀର ପଥରେ । ଏଥିରେ ଭଗବାନ୍ ଆମର ପୂର୍ଣ୍ଣ ସହାୟକ ହେବେ । ...''

(ଡକ୍ଟର ବିବୁଧରଂଜନ : 'ନିଖୋଜ ନେତାଜୀ'; ପୃ. ୧୩)

ଇତିପୂର୍ବରୁ ଜାପାନ ସୈନ୍ୟବାହିନୀ ବର୍ମାରେ ପ୍ରତିଷ୍ଠିତ ରହି ଭାରତର ଉତ୍ତର-ପୂର୍ବାଞ୍ଚଳର ସୀମାନ୍ତ ବେଙ୍ଗଲ ତଥା ବିଶାଖାପାଟଣା ଉପରେ ବୋମା ବର୍ଷଣ ଆରମ୍ଭ କରିଦେଇଥିଲା । ପରବର୍ତ୍ତୀ ବୋମା ନିକ୍ଷେପ ମାନ୍ଦ୍ରାଜ ଓ ପଣ୍ଡିଚେରୀ ଉପରେ ହୋଇପାରେ ବୋଲି ଆଶଙ୍କା ରହିଥିଲା । ଆଶ୍ରମର ସୁରକ୍ଷା ପାଇଁ ଅନ୍ତେବାସୀଙ୍କର ଯଥୋଚିତ ଉଦ୍ୟମ ଚାଲୁ ରହିଥିଲା ।

୨୫ ମେ ୧୯୪୧ରେ ଏକ ଚୂଡ଼ାନ୍ତ ଜରୁରିକାଳୀନ ପରିସ୍ଥିତିରେ ଶ୍ରୀମା ତାଙ୍କର ପ୍ରଦତ୍ତ 'ବାଣୀ'ରେ ଏହି ମର୍ମରେ ଘୋଷଣା କରିଥିଲେ :

''ଏବେ ପୃଥିବୀର ପରିସ୍ଥିତି ସଙ୍କଟପୂର୍ଣ୍ଣ । ଭାରତର ଭାଗ୍ୟ ମଧ୍ୟ ଅନିଶ୍ଚିତ । ... ଭାରତବାସୀ ତଥା ଭାରତରେ ସକ୍ରିୟ ଥିବା ଶକ୍ତିରାଜି କିନ୍ତୁ ନିଜ ଉପରେ ଆସୁରିକ ଶକ୍ତିରାଜିର ପ୍ରଭାବସବୁକୁ ଆମନ୍ତ୍ରଣ କରିବାର ପନ୍ଥାରେ ସକ୍ରିୟ ରହିଛନ୍ତି । ଏହିସବୁ ପନ୍ଥା ଅବଲମ୍ବନ କରିବା ଦ୍ୱାରା ସେମାନେ ଦେଶକୁ ନିରାପତ୍ତା ପ୍ରଦାନ କରୁଥିବା ଶକ୍ତିରାଜି ପ୍ରତି ଗୋପନରେ ବିରୋଧାଚରଣ କରି ବିଶ୍ୱାସଘାତକତା କରୁଛନ୍ତି ।

''ଯଦି ଭାରତ ବିପଜ୍ଜନକ ଅବସ୍ଥାରେ ରହିଛି, ପଣ୍ଡିଚେରୀ ମଧ୍ୟ ଏହି ବିପଦ-ମଣ୍ଡଳରୁ ବହିର୍ଭୂତ ହୋଇ ରହିଥିବାର ଆଶାପୋଷଣ କରାଯାଇ ନପାରେ । ଏହା ଭାରତର ଅନ୍ୟାନ୍ୟ ଅଞ୍ଚଳର ଭାଗ୍ୟ ସହିତ ନିଶ୍ଚିତ ରୂପେ ଅଂଶୀଦାର ରହିବ । ଏଥିନିମିତ୍ତ ମୁଁ ସର୍ତ୍ତବିହୀନ ସୁରକ୍ଷା ଦେଇ ପାରିବି ନାହିଁ । ... ଜର୍ମାନର ନାଜି (କିଂବା ତାଙ୍କୁ ସହାୟତା କରୁଥିବା 'ଅକ୍ଷଶକ୍ତି') ପ୍ରତି କୌଣସି ସହାନୁଭୂତି ବା ସହାୟତା କରୁଥିବା ଭାରତୀୟଙ୍କ ସକାଶେ ମୋର ସୁରକ୍ଷାର ବଳୟ ସ୍ୱାଭାବିକ ରୂପେ ବିଚ୍ଛିନ୍ନ ହୋଇଉଠିବ । ... ଭଗବାନ୍

ସେହିମାନଙ୍କୁ ସୁରକ୍ଷା ଦେଇଥା'ନ୍ତି କେବଳ ଯେଉଁମାନେ ସର୍ବାନ୍ତଃକରଣରେ ତାଙ୍କ ପ୍ରତି ବିଶ୍ୱସ୍ତ ରହିଥା'ନ୍ତି । ...''

(MCW, Vol. 13, pp. 125-126)

(ପ୍ରକାଶ ଥାଉକି ଏହି ଧରଣର ବିଭ୍ରାନ୍ତ ଓ ସଂକଟପୂର୍ଣ୍ଣ ପରିସ୍ଥିତି ଉପୁଜିଥିବା ବେଳେ ବେଙ୍ଗଲରେ ବାସ କରୁଥିବା ଶ୍ରୀମା ଶ୍ରୀଅରବିନ୍ଦଙ୍କର ଗୃହୀ ଭକ୍ତବୃନ୍ଦ ଅନନ୍ୟୋପାୟ ହୋଇ ନିଜର ବାସସ୍ଥାନ ତ୍ୟାଗପୂର୍ବକ ସପରିବାରରେ ଆଶ୍ରମକୁ ଆସି ଶ୍ରୀମା'ଙ୍କର ଆଶ୍ରୟ ପ୍ରାର୍ଥୀ ହୋଇଥିଲେ । ...)

ବର୍ତ୍ତମାନ ଆମେ ଭାରତ ତଥା ପୃଥିବୀର ତଦାନୀନ୍ତନ ପରିସ୍ଥିତି ସମ୍ବନ୍ଧେ ଆଲୋକପାତ କରିବୁ । ଭାରତରେ କଂଗ୍ରେସର ଦେବାଳିଆ ନୀତି ଅବଲମ୍ବନ ଫଳରେ ଆଂଶିକ ଭାବରେ ଉପୁଜି ଥିଲା ଅଚଳ ଅବସ୍ଥା; ଯେଉଁ ସ୍ଥିତିରୁ ଅତିକ୍ରମି ଆସିବା ଅସମ୍ଭବ ଥିଲା । ପୁନଶ୍ଚ ୧୯୪୧ର ଫେବ୍ରୁଆରୀ ମଧ୍ୟଭାଗରୁ ବ୍ରିଟେନ୍ ତଥା 'ମିତ୍ରଶକ୍ତି'ଙ୍କର ଅବସ୍ଥା ମଧ୍ୟ ଅସୁରକ୍ଷିତ ହୋଇ ଉଠିଥିଲା । ୧୯୪୨ର ମାର୍ଚ୍ଚ ଆଡ଼କୁ ଆମେରିକା ଓ ଜାପାନ ପରସ୍ପରଙ୍କ ମଧ୍ୟରେ ଜୀବନ-ମୃତ୍ୟୁର ସଙ୍କଟାପନ୍ନ ଯୁଦ୍ଧ ଚଳାଇ ଥିଲେ । ଫ୍ରାନ୍ସ, ଇଂଲଣ୍ଡ ଓ ଡଚ୍ ଔପନିବେଶିକ ଅଧିକୃତ ଅଞ୍ଚଳକୁ ଜାପାନ ସମ୍ପୂର୍ଣ୍ଣ ରୂପେ ନିଜ ଅଧୀନକୁ ନେଇ ସାରିଥିଲା । ଜାପାନ ସୈନ୍ୟବାହିନୀ ଭାରତ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୀରଦର୍ପରେ ଆଗେଇ ଚାଲିଥିଲେ । ... ଏହିପରି ପରିସ୍ଥିତି ଉପୁଜିଥିବା ବେଳେ ଭାରତ ତଥା ପୃଥିବୀକୁ ଉଦ୍ଧାର କରିବା ସକାଶେ ପରମପ୍ରଭୁ ହସ୍ତକ୍ଷେପ କଲେ — ଇଂଲଣ୍ଡରୁ ୧୧ ମାର୍ଚ୍ଚ, ୧୯୪୨ ମସିହାରେ ଭାରତ ପାଇଁ 'କ୍ରିପ୍ସ୍ ପ୍ରସ୍ତାବ' ବା 'କ୍ରିପ୍ସ ମିସନ୍'ର ସୂତ୍ରପାତ ହେଲା ।

ଇଂଲଣ୍ଡର ତଦାନୀନ୍ତନ ପ୍ରଧାନ ମନ୍ତ୍ରୀ ଚର୍ଚିଲ ସ୍ୱଭାବତଃ ଥିଲେ ଜଣେ ରକ୍ଷଣଶୀଳ, କଠୋର ସାମ୍ରାଜ୍ୟବାଦୀ । ସେ କିନ୍ତୁ ଏହି ଯୁଦ୍ଧକାଳୀନ ପରିସ୍ଥିତିରେ ଅଭୂତପୂର୍ବ ଭାବରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଦିବ୍ୟ ଶକ୍ତି ପ୍ରୟୋଗରେ ଏକ ବଳିଷ୍ଠ ଓ ଉପଯୁକ୍ତ ମାଧ୍ୟମ ହୋଇ ଉଠିଥିଲେ । ସେ ଉପରୋକ୍ତ ସଂକଟପୂର୍ଣ୍ଣ ପରିସ୍ଥିତିରେ ପ୍ରତ୍ୟାଦିଷ୍ଟ ହୋଇ ସିଦ୍ଧାନ୍ତ ନେଲେ ଯେ ସାର୍ ଷ୍ଟାଫୋର୍ଡ଼ କ୍ରିପ୍ସଙ୍କୁ ଭାରତକୁ ପଠାଇ ନିଜର ପ୍ରସ୍ତାବ ସମ୍ବନ୍ଧେ ଆଲୋଚନା କରିବେ । କ୍ରିପ୍ସ ଜଣେ ଉଦାରଚେତା ରାଜନୈତିକ ତଥା ସାମାଜିକ ସଂସ୍କାରକ ରୂପେ ସୁପରିଚିତ ଥିଲେ । ପ୍ରତିଟି ଜଟିଳ ପରିସ୍ଥିତିରେ ସେ ତାଙ୍କର ସ୍ୱଭାବସୁଲଭ ସୁପରାମର୍ଶଦାତାର ମୁଖପାତ୍ର ରୂପେ ପ୍ରସିଦ୍ଧ ଥିଲେ । ଚର୍ଚିଲ ତାଙ୍କର ସୁପରିକଳ୍ପିତ ପ୍ରସ୍ତାବ ସହିତ ଏହି ବ୍ୟକ୍ତିଙ୍କୁ ନିର୍ବାଚନ କରି ଭାରତକୁ ପଠାଇଲେ; ଯାହାକି ଭାରତ ତଥା ପୃଥିବୀ ଇତିହାସରେ 'କ୍ରିପ୍ସ ମିସନ୍' ନାମରେ ପରିଚିତ ।

ନିମ୍ନରେ ଆମେ ଚର୍ଚିଲଙ୍କର ଦୁଇଟି ଭାଷଣର ମର୍ମାନୁବାଦ ବର୍ଣ୍ଣନା କରୁଛୁ :

୧୩ ଅକ୍ଟୋବର ୧୯୪୨ରେ ବ୍ରିଟିଶ ଲୋକସଭାରେ ଚର୍ଚିଲ ପ୍ରକାଶ୍ୟ ଭାବରେ ଘୋଷଣା କରିଥିଲେ : ''ମୁଁ ଏହି କଥାଟି ଉପରେ ଗୁରୁତ୍ୱ ଦେଇ କହିବାକୁ ଚାହେଁ — ବେଳେ ବେଳେ ମୋର ଏପରି ଅନୁଭବ ହୁଏ ଯେ ପଥପ୍ରଦର୍ଶକ ରୂପେ ଏକ ସକ୍ରିୟ ହସ୍ତକ୍ଷେପ (a feeling of interference) ମୋତେ ମୋର ପ୍ରତିଟି କର୍ମରେ ଆଗେଇ ନେଉଛି । ମୋର ମଧ୍ୟ ଏପରି ଅନୁଭୂତି ହୋଇଛି ଯେ ଆମର ଏକ ତ୍ରାଣକର୍ତ୍ତା ରହିଛନ୍ତି, କାରଣ ଆମେ ଏକ ମହାନ୍ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରି ଆମର କର୍ତ୍ତବ୍ୟ ପାଳନ କରି ଚାଲିଛୁ; ଆଉ ଯେତେଦିନ ପର୍ଯ୍ୟନ୍ତ ଆମେ ସେହି ମହାନ୍ ଉଦ୍ଦେଶ୍ୟ ସାଧନରେ ବିଶ୍ୱସ୍ତ ଭାବରେ ସକ୍ରିୟ ରହିଥିବୁ, ସେତେଦିନ ପର୍ଯ୍ୟନ୍ତ ଆମର ଏହି ତ୍ରାଣକର୍ତ୍ତା ଆମ ସହିତ ନିଶ୍ଚିତ ରୂପେ ବିରାଜମାନ ଥିବେ ।''

ପୁନଶ୍ଚ ଇତିପୂର୍ବରୁ ଚର୍ଚିଲ ଜାନୁଆରୀ ୧୯୪୧ରେ ଆନୁଷ୍ଠାନିକ ଭାବରେ ସୁସ୍ପଷ୍ଟ ଘୋଷଣା କରିଥିଲେ : ''ମୋର ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ ଆମେ ଅଦିବ୍ୟ ଶକ୍ତିରାଜି ଉପରେ ଏକ ଚୂଡ଼ାନ୍ତ ଓ ନିଶ୍ଚିତ ବିଜୟ ହାସଲ କରିବୁ ଏବଂ ଏହି ବିଜୟଟିହିଁ ହୋଇଉଠିବ ପରବର୍ତ୍ତୀ କାଳରେ ଆମେ ଆମ ନିଜ ଉପରେ ବିଜୟ ହାସଲ କରିବା ଉଦ୍ୟମରେ ଏକ ତୀବ୍ର ଉଦ୍ଦୀପକର ପ୍ରଭାବ ମାତ୍ର ।''

(Georges Van Vrekhem : 'Beyond Man' p. 241)

ପ୍ରତି ପଦକ୍ଷେପରେ ଦିବ୍ୟ ଶକ୍ତିର ମାଧ୍ୟମ ହୋଇ ଜଣେ ସାମ୍ରାଜ୍ୟବାଦୀ ରାଜନୈତିକ ନେତା ଏହାଠୁ ବଳି ଅସାଧାରଣ କଥା ଆଉ କ'ଣ ବା ଉଚ୍ଚାରଣ କରି ପାରିଥା'ନ୍ତେ !

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

# ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ?

## ରାମକୃଷ୍ଣ ଦାସ

ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ ?— ଏହି ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଜଟିଳ, ଗହନ ଏବଂ ଅଥଳ ସମୁଦ୍ର । ସେଠାରେ ମନ-ବୁଦ୍ଧି ପହଞ୍ଚିବା ସମ୍ଭବ ନୁହେଁ, କିନ୍ତୁ ଜାଣିବା କିଂବା ବୁଝିବାର ଏହାହିଁ ଆମ୍ଭମାନଙ୍କର ଯନ୍ତ୍ର । ଏହାଛଡ଼ା ଆମ୍ଭମାନଙ୍କ ପାଖରେ ଅନ୍ୟ ଉପାୟ ବି ନାହିଁ । ଆମ୍ଭମାନଙ୍କର ଏହି ସୀମିତ ମନବୁଦ୍ଧିରୂପକ ଯନ୍ତ୍ରରେ ଅସୀମକୁ ଜାଣିବା କିଂବା ବୁଝିବା ସମୁଦ୍ରକୂଳରେ ଛିଡ଼ା ହୋଇ ଆମ୍ଭର ଏହି ସ୍ଥୂଳ ନେତ୍ରରେ ତା'ର ବିସ୍ତୃତତା ଦେଖିବା ଏବଂ ତା'ର ଗଭୀରତାର ଥଳ ନେବା ସଦୃଶ ଅସମ୍ଭବ । ଅସମ୍ଭବ ବୋଲି ଯେ ଛାଡ଼ିଦେବା ତାହା ବି ଠିକ୍ ନୁହେଁ ।

ତେବେ ଏହି ମନ-ବୁଦ୍ଧିରେ ବୁଝିବାକୁ ହେଲେ ଗୋଟିଏ ମାତ୍ର ଉପାୟ ବିଶ୍ୱାସ । ଶ୍ରୀମାଶ୍ରୀଅରବିନ୍ଦଙ୍କ ବାକ୍ୟରେ ବିଶ୍ୱାସ କଲେ କିଂବା ପୂର୍ଣ୍ଣରୂପେ ନିଜକୁ ତାଙ୍କ ଚରଣରେ ସମର୍ପଣ କଲେ ତାଙ୍କରି କୃପାରୁ କିଛି ଅଂଶରେ ବୁଝିପାରିବା । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ଶ୍ରୀଅରବିନ୍ଦ ଯେଉଁ ଅତିମାନସ ଚେତନାରେ ବାସ କରୁଥିଲେ ଶ୍ରୀମା ମଧ୍ୟ ସେହି ଅତିମାନସ ଚେତନା ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଥିଲେ । ଉଭୟେ ଅତିମାନସ ଚେତନା ପ୍ରାପ୍ତ ହୋଇଥିବାରୁ ଉଭୟେ ଉଭୟଙ୍କୁ ବୁଝିବାରେ ସହଜ ହୋଇଥିଲା । ଯଦି ଶ୍ରୀମା'ଙ୍କୁ ବୁଝିବାକୁ ହୁଏ ତେବେ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେହି ବାକ୍ୟରେ ଆମେ ବିଶ୍ୱାସ କରିବା । ଯଦି ଶ୍ରୀଅରବିନ୍ଦଙ୍କୁ ଜାଣିବାକୁ ହୁଏ ତେବେ ତାଙ୍କ ବିଷୟରେ ଶ୍ରୀମା ଯାହା କହିଛନ୍ତି ସେଥିରେ ଆମେ ବିଶ୍ୱାସ କରିବା । ଅଥବା ସେମାନେ ନିଜ ନିଜ ସମ୍ବନ୍ଧେ କିଂବା ସେମାନଙ୍କ ନିଜ ନିଜ କର୍ମ ସମ୍ବନ୍ଧେ ଯାହାସବୁ କହିଛନ୍ତି ସେସବୁଥିରେ ବିଶ୍ୱାସ ସ୍ଥାପନ କରିବା । ସେମାନଙ୍କ ବାକ୍ୟରେ ବିଶ୍ୱାସ ରଖି ସେମାନଙ୍କ ପ୍ରଦର୍ଶିତ ଯୋଗମାର୍ଗରେ ପ୍ରବେଶ କରି ଅଗ୍ରସର ହେଲେ ଆମର ବିଶ୍ୱାସ ଅଧିକରୁ ଅଧିକ ଦୃଢ଼ ହେବ । କିନ୍ତୁ ସାଧନା ଦ୍ୱାରା ମାନସ-ଚେତନାକୁ ଅତିକ୍ରମ କରିଗଲେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କହିଥିବା ସତ୍ୟ କ୍ରମଶଃ ଉପଲବ୍ଧ ହୋଇପାରିବ ।

ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିହିଁ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ବିଶ୍ୱାସ ବିନା ଅଧ୍ୟାତ୍ମ ସିଦ୍ଧି ଅସମ୍ଭବ । କିନ୍ତୁ ବିଶ୍ୱାସ ସ୍ୱୟଂ ସତ୍ୟ ଏବଂ ତାହା ଅନ୍ତରାତ୍ମାର ଗୁଣ । ଆତ୍ମାର କିଂବା ଅନ୍ତରର ବିଶ୍ୱାସରେ ଭ୍ରାନ୍ତି ହୁଏ ନାହିଁ କିଂବା ବ୍ୟକ୍ତି କଦାପି ବିପଦରେ ପଡ଼େ ନାହିଁ । ସେହି ବିଶ୍ୱାସହିଁ ବ୍ୟକ୍ତିକୁ ସତ୍ୟ ମାର୍ଗରେ ପରିଚାଳିତ କରେ । ସ୍ୱାର୍ଥସାଧନ କିଂବା ମନ-ପ୍ରାଣରେ ସାଂସାରିକ ବସ୍ତୁ ପ୍ରାପ୍ତ ହେବା ସକାଶେ ବିଶ୍ୱାସ ଦ୍ୱାରା ବ୍ୟକ୍ତି ଭୁଲ୍ ମାର୍ଗରେ ପଡ଼ିପାରେ । ଆତ୍ମା ବା ହୃଦୟର ବିଶ୍ୱାସରେ ବ୍ୟକ୍ତି କେବେ ବି ବିପଥଗାମୀ ହୁଏ ନାହିଁ । ଆତ୍ମାର ବିଶ୍ୱାସ ସ୍ୱୟଂପ୍ରକାଶ । ତା' ପାଖକୁ ଭ୍ରମ ଆସିପାରେ ନାହିଁ । ଆତ୍ମାର ନିବାସ ହୃଦୟର ଗଭୀରରେ । ସେ ଭଗବାନଙ୍କ ସ୍ୱରୂପ, ଭଗବାନଙ୍କ ପ୍ରତିଭୂ ଅଥବା ଭଗବାନଙ୍କ ଅଂଶ; ସେ ଭଗବାନଙ୍କ ସହିତ ଅଭେଦ, ଏକ ଏବଂ ସ୍ୱୟଂ ଭଗବତ୍ ତତ୍ତ୍ୱ । ତା' ମଧ୍ୟରେ ଭଗବତ୍ ଜ୍ଞାନ ଏବଂ ଭଗବତ୍ ଗୁଣଧର୍ମ ବିଦ୍ୟମାନ ଥାଏ । ସେ ସର୍ବଥା ଏହି ମନ-ପ୍ରାଣ-ଶରୀରରେହିଁ ଭଗବତ୍ ଉପଲବ୍ଧି ଚାହେଁ । କିନ୍ତୁ ତା'ର ଅଧିକ ବିକାଶ ନ ହେବା ପର୍ଯ୍ୟନ୍ତ ସେ ମନ ଓ ପ୍ରାଣର ପଶ୍ଚାତରେ ଥାଏ । ତା'ର ଚାହିଁବା ପ୍ରକାଶ ପାଏ ମନ ଓ ପ୍ରାଣ ମଧ୍ୟଦେଇ । ମନ ଓ ପ୍ରାଣରେ ଅଧିକ କାମନାବାସନା, ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ଆତ୍ମାର ଚାହିଁବା ସେମାନଙ୍କ ମଧ୍ୟରେ ବିକୃତ ହୋଇଯାଏ । ଏହି ବିକୃତି ଯୋଗୁଁ ସେମାନେ ସର୍ବଥା ସାଂସାରିକ ଭୋଗବିଳାସ, ନାମଯଶଃ, ଅଧିକାର ଇତ୍ୟାଦି ଚାହାନ୍ତି । ଏପରିକି ଯେଉଁମାନଙ୍କର ସାଂସାରିକ ବିଷୟରେ ଅତ୍ୟଧିକ ବୁଦ୍ଧିର ବିକାଶ ହୋଇଥାଏ ସେମାନଙ୍କ ବୁଦ୍ଧି ସାଂସାରିକ କର୍ମଦକ୍ଷତାରେ ଲୋକଙ୍କୁ ଚକିତ କରିପାରେ, କିନ୍ତୁ ସେମାନେ ମଧ୍ୟ ଜୀବନର ଏକମାତ୍ର ଉଦ୍ଦେଶ୍ୟ ଯେ ଭଗବତ୍ ପ୍ରାପ୍ତି ତାହା ବୁଝିପାରନ୍ତି ନାହିଁ କିଂବା ଆତ୍ମା ତଥା ଭଗବାନଙ୍କୁ ବିଶ୍ୱାସ କରିପାରନ୍ତି ନାହିଁ । ଏହି କାରଣରୁ ଆତ୍ମାର ଚାହିଁବା କାର୍ଯ୍ୟ ସମ୍ପାଦନ କରିହୁଏ ନାହିଁ । ଭଗବାନଙ୍କ କୃପା କିଂବା କ୍ରମବିକାଶ ପ୍ରଣାଳୀରେ ଆତ୍ମାର ବିକାଶ ହେଲେ ସେ ସମ୍ମୁଖକୁ ଆସେ । ତେବେ ଯାଇ ତା'ର ଗୁଣଧର୍ମର ଚାପ ମନ-ବୁଦ୍ଧି ଉପରେ ପଡ଼େ ଏବଂ ମନ-ବୁଦ୍ଧି ଅଧ୍ୟାତ୍ମ ସତ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି ତଥା ବିଶ୍ୱାସ କରନ୍ତି ।

ଆତ୍ମାର ପ୍ରଭାବରେ ମନ ଓ ପ୍ରାଣ, ଭଗବାନଙ୍କୁ ସ୍ୱୀକାର କରିବା ଏବଂ ପ୍ରାପ୍ତ ହେବା ସକାଶେ ଦୃଢ଼ ସଂକଳ୍ପକୁହିଁ କୁହାଯାଏ କେନ୍ଦ୍ରୀୟ ସଂକଳ୍ପ । ଥରେ ଏହି କେନ୍ଦ୍ରୀୟ ସଂକଳ୍ପ ଆସିଲେ ବ୍ୟକ୍ତିର ପ୍ରଯତ୍ନ ବୈରାଗ୍ୟରେ ତଥା ଭଗବାନଙ୍କ ଉପରେ ଭରସା ଅନୁପାତରେ ବିଳମ୍ବ ବା ଶୀଘ୍ର ହୋଇପାରେ କିନ୍ତୁ ଭଗବତ୍ ପ୍ରାପ୍ତିର ଲକ୍ଷ୍ୟସିଦ୍ଧି ନିର୍ଦ୍ଧାରିତ ହୋଇଯାଏ । ଏହି କେନ୍ଦ୍ରୀୟ ସଂକଳ୍ପ ହେବା ପରେ ବି ଆତ୍ମା ସର୍ବଦା ସମ୍ମୁଖରେ ରହେ ନାହିଁ । ଆତ୍ମା ବାରଂବାର ସମ୍ମୁଖକୁ ଆସେ ଏବଂ ମନପ୍ରାଣ ପଶ୍ଚାତକୁ ଚାଲିଯାଏ । ମନ-ପ୍ରାଣ ସମ୍ମୁଖରେ ରହିବା ସମୟରେ ବିରୋଧୀ ଶକ୍ତିସବୁ ଏସବୁକୁ ଯନ୍ତ୍ର କରି ବାରଂବାର ଅବିଶ୍ୱାସ, ହତାଶା, ନିରାଶା, ବିଷାଦ, ଲୋଭ, ମୋହର ପ୍ରେରଣା ଦିଅନ୍ତି; କିନ୍ତୁ ଅଧ୍ୟାତ୍ମ ମାର୍ଗରୁ ସର୍ବଦା ବ୍ୟକ୍ତିକୁ ଟାଣିନେଇ ପାରନ୍ତି ନାହିଁ । ନାନାପ୍ରକାର ବାଧା ସୃଷ୍ଟି କରନ୍ତି, ଏପରିକି ଯେବେ ଅନ୍ଧକାର ଓ ଅଜ୍ଞାନର ମେଘ ଘୋଟି ଆସେ ସେତେବେଳେ ଭଗବାନ୍ କୃପା କରନ୍ତି, ଆତ୍ମା-ସୂର୍ଯ୍ୟକୁ ସମ୍ମୁଖକୁ ଆଣି ଅଜ୍ଞାନ ମୋହର ତିମିର ବିନାଶ କରିଦିଅନ୍ତି । ଆତ୍ମା ସ୍ଥାୟୀ ରୂପେ ସମ୍ମୁଖରେ ରହିବା ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଏହିପରି ସଂଘର୍ଷ ଚାଲିଥାଏ ।

ଆତ୍ମା ଜାଗ୍ରତ୍ ହେବା ପୂର୍ବରୁ ଯଦି ପ୍ରବଳ ଯୁକ୍ତି ଦ୍ୱାରା ବୁଦ୍ଧି ଭଗବତ୍ ତତ୍ତ୍ୱକୁ ସ୍ୱୀକାର କରିନିଏ, ତଥାପି ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରେ ନାହିଁ ବା ଗ୍ରହଣ କରିବାକୁ ପ୍ରୟାସ କରେ ନାହିଁ । କଦାଚିତ୍ ପାରିପାର୍ଶ୍ୱିକ ବାତାବରଣ ଓ ସାଙ୍ଗସାଥୀଙ୍କ ଚାପରେ ଯଦି ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରେ ତେବେ କିଛି ଦିନ ପରେ ତାକୁ ଫେରି ଆସିବାକୁ ପଡ଼େ । ଯଦି ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥାଏ, ସେ ବିରୋଧୀ ଶକ୍ତିଙ୍କ ପ୍ରେରଣାରେ ଅଧ୍ୟାତ୍ମ ମାର୍ଗ ଓ ଅଧ୍ୟାତ୍ମ ମାର୍ଗର ସାଙ୍ଗସାଥୀଙ୍କ ସମ୍ପର୍କ ତ୍ୟାଗ ନ କରେ, ତେବେ ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ତଥା ସେ ନିଷ୍ଠାର ସହିତ ଅଗ୍ରସର ହୋଇ ଲକ୍ଷ୍ୟସିଦ୍ଧି କରିପାରେ । ଯେଉଁମାନଙ୍କର ଅହଂ, ସ୍ୱାର୍ଥ, ନାମଯଶଃର ଦୃଢ଼ପାଶରେ ମନ-ବୁଦ୍ଧି ଆବଦ୍ଧ ଥା'ନ୍ତି ସେମାନଙ୍କ ସକାଶେ ଏହା ସମ୍ଭବ ହୁଏ ନାହିଁ ।

ମନ-ବୁଦ୍ଧି ସୀମିତ । ସେ କେବଳ ସାଂସାରିକ ସ୍ଥୂଳ ଦୃଶ୍ୟମାନ ବସ୍ତୁକୁହିଁ ବିଶ୍ୱାସ କରେ । ସୂକ୍ଷ୍ମ ବା ମନର ଉର୍ଦ୍ଧ୍ୱ ଚେତନା କିଂବା ଅଧ୍ୟାତ୍ମ ସତ୍ୟ ତା' ପକ୍ଷେ ଦୁରୂହ ପ୍ରତୀତ ହୁଏ । ତା'ର ଅର୍ଦ୍ଧଜ୍ଞାନ ଅଭ୍ରାନ୍ତ ନ ଥାଏ । ତା'ର ବିବେକର ଅଭାବ ଯୋଗୁଁ ଯଥାର୍ଥ-ଅଯଥାର୍ଥ ବୁଝିପାରେ ନାହିଁ । ଏହି କାରଣରୁ ମନ-ପ୍ରାଣର ବିଶ୍ୱାସ ବହୁତ ସମୟରେ ବିଫଳ ହୁଏ । ବୁଦ୍ଧିର ଯୁକ୍ତିରେ ସେ ଯେଉଁ ବସ୍ତୁକୁ ବିଶ୍ୱାସ କରିଥାଏ, ତା'ଠାରୁ ପ୍ରବଳ ଯୁକ୍ତି ହେଲେ ସେ ତା'କୁ ଅବିଶ୍ୱାସ କରିପାରେ । ଆଜି ଯେଉଁ ବସ୍ତୁକୁ ସତ୍ୟ ବୋଲି ଘୋଷଣା କରିଥାଏ, କିଛି ଦିନ ପରେ ତାହା ଅସତ୍ୟ ବୋଲି ପ୍ରମାଣିତ କରେ । ମନ-ପ୍ରାଣର ବିଶ୍ୱାସ ପଶ୍ଚାତରେ ସ୍ୱାର୍ଥ ଏବଂ ଅହଂ ଥାଏ । ସାଧାରଣତଃ ସେସବୁ ସାଂସାରିକ ବସ୍ତୁ ଚାହାନ୍ତି । ମନ-ପ୍ରାଣ କେବେ ବି ଅଧ୍ୟାତ୍ମ ସତ୍ୟ ବା ଭଗବାନଙ୍କୁ ଚାହାନ୍ତି ନାହିଁ । ଯଦି କଦାଚିତ୍ ଚାହାନ୍ତି ତେବେ ସେଥିରେ ସେସବୁର ସ୍ୱାର୍ଥ, ନାମଯଶଃ, ସାଂସାରିକ ସୁଖସୁବିଧାର ଆଶା ଥାଏ । ଅଧ୍ୟାତ୍ମ ସତ୍ୟ ବାହାନାରେ ସାଂସାରିକ ବସ୍ତୁ ସିଦ୍ଧ କରିବା ଚାହାନ୍ତି । କିଛିଦିନ ପରେ ଅଧ୍ୟାତ୍ମ ମାର୍ଗରୁ ଫେରିଯା'ନ୍ତି । ଆତ୍ମବିଶ୍ୱାସରେ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରୁ ଫେରିଯିବା ପ୍ରଶ୍ନ ନଥାଏ । ତା'ର ଲକ୍ଷ୍ୟପ୍ରାପ୍ତିରେ ଯେତେ ବିଳମ୍ବ ହେଉ, ଯେତେ ବାଧାବିପତ୍ତି ଆସୁ, ବାରଂବାର ବିଫଳତା ସହିତ ସଂଘର୍ଷ କରିବାକୁ ବି ହେଉ, କିନ୍ତୁ ସେ ପଶ୍ଚାତ୍ପଦ ହୁଏ ନାହିଁ । ତା'ର ସେହି ବାଧାବିପତ୍ତି ଓ ପ୍ରତିକୂଳ ଘଟଣା ଦ୍ୱାରା ବିକାଶ ଅଧିକରୁ ଅଧିକ ବଳବତୀ ହେଉଥାଏ । ଶେଷରେ ବିଶ୍ୱାସ ଏବଂ ଲକ୍ଷ୍ୟ ଏକ ହୋଇ ଉପଲବ୍ଧ ହୁଏ ।

ବ୍ୟକ୍ତି ଆନ୍ତରିକ ଆତ୍ମବିଶ୍ୱାସ ତଥା ମନ-ପ୍ରାଣର ବିଶ୍ୱାସରେ ପ୍ରଭେଦ ବୁଝେ ନାହିଁ; ବହୁ ସମୟରେ ମନ-ପ୍ରାଣର ବିଶ୍ୱାସରେ ତ୍ରୁଟି ଦେଖି ଆତ୍ମବିଶ୍ୱାସକୁହିଁ ଅନ୍ଧବିଶ୍ୱାସର ସଂଜ୍ଞା ଦେଇଥାଏ । ଯଥାର୍ଥରେ ଆତ୍ମବିଶ୍ୱାସ କେବେ ବି ଅନ୍ଧ ନୁହେଁ । ତାହା ସ୍ୱୟଂପ୍ରକାଶ । ସୂର୍ଯ୍ୟ ପାଖକୁ ଅନ୍ଧକାର ଆସି ନଷ୍ଟ ହୋଇଯିବା ସଦୃଶ ତା' ପାଖରେ ଭ୍ରମ ନଷ୍ଟ ହୋଇଯାଏ । ଅତୀତରେ ବିଶ୍ୱାସ ଦ୍ୱାରା ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିଥିବା ଘଟଣା ଆମ୍ଭେମାନେ ପ୍ରତ୍ୟକ୍ଷ ରୂପେ ଦେଖିବାକୁ ପାଉ । ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେତେ ଅଧ୍ୟାତ୍ମ ସତ୍ୟର ଉପଲବ୍ଧି, ଯେତେ ମହାପୁରୁଷ ଏବଂ ଋଷିମୁନିଙ୍କ ସତ୍ୟମାର୍ଗ ପ୍ରଦର୍ଶନ, ସେସବୁ କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରାହୋଇ ଆସୁଛି । ପରେ ତାହାର ସତ୍ୟ ଉପଲବ୍ଧ ହୋଇଛି ।

ଅଧ୍ୟାତ୍ମ ସତ୍ୟର ଉପଲବ୍ଧି କରିବାରେ ବିଶ୍ୱାସ ଛଡ଼ା ଅନ୍ୟ ପନ୍ଥା ନାହିଁ । ଭୌତିକ ବସ୍ତୁର ପ୍ରାପ୍ତିହିଁ ଅଧିକ ପରିମାଣରେ ବିଶ୍ୱାସ ଉପରେ ନିର୍ଭର କରେ । ଏପରିକି ଜଡ଼ବିଜ୍ଞାନ ନୂତନ

ବସ୍ତୁର ଆବିଷ୍କାର କରିବା ପୂର୍ବରୁ ନାନା ପ୍ରଣାଳୀର ପରୀକ୍ଷା କରିବାରେ ପ୍ରଥମରେ ଥାଏ ବୁଦ୍ଧିର ବିଶ୍ୱାସ । ପ୍ରଥମରେ ବ୍ୟକ୍ତି ବିଶ୍ୱାସ କରେ, ତା'ପରେ କାର୍ଯ୍ୟରେ ପ୍ରବେଶ କରେ ଏବଂ ପରୀକ୍ଷା କରେ । ବିଶ୍ୱାସ ତା'ର ମୂଳ ସ୍ୱରୂପରେ ଶୁଦ୍ଧ ଏବଂ ଆତ୍ମାର ଗୁଣଧର୍ମ । ଅନ୍ୟାନ୍ୟ ବସ୍ତୁ, ଯଥା : ଶୁଦ୍ଧ ପ୍ରେମ, ଶୁଦ୍ଧ ବ୍ୟକ୍ତିତ୍ୱ ଇତ୍ୟାଦି ଯେପରି ମନ-ପ୍ରାଣର ସଂସ୍ପର୍ଶରେ ବିକୃତ ହୋଇଛନ୍ତି, ସେହିପରି ଆତ୍ମାର ବିଶ୍ୱାସ ମନ-ପ୍ରାଣର ସଂସ୍ପର୍ଶରେ ଆସିଲେ ତା'ର ପରିଣାମରେ ବିକୃତି ଆସେ । ଅତଏବ ବିଶ୍ୱାସର ମୂଳ ସ୍ୱରୂପରେ କେବେ ବି ଭ୍ରମ ନଥାଏ, ଭ୍ରମ ଉତ୍ପନ୍ନ ହୁଏ ମନ-ପ୍ରାଣ ଦ୍ୱାରା ବ୍ୟବହୃତ ହେଲେ । ଅତଏବ ଆତ୍ମ-ବିଶ୍ୱାସରେ ଅଧ୍ୟାତ୍ମ ସତ୍ୟ କିଂବା ଭଗବତ୍ ଉପଲବ୍ଧି କରିବାରେ କେବେ ବି ଭ୍ରମ ଆସିପାରେ ନାହିଁ । ଯେଉଁମାନେ ସତ୍ୟ ଚାହାନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି, ସେହିମାନେ ମା'ଙ୍କୁ ଜାଣିବା ସକାଶେ ଶ୍ରୀଅରବିନ୍ଦଙ୍କ ବାକ୍ୟ ଓ ତାଙ୍କ ଲେଖାରେ ବିଶ୍ୱାସ କରିବେ ଏବଂ ସତ୍ୟର ଉପଲବ୍ଧି ମଧ୍ୟ କରିବେ । ଯେଉଁମାନେ ଆନ୍ତର ବିଶ୍ୱାସ ଛଡ଼ା ଅନ୍ୟ ଉପାୟରେ ବିଶ୍ୱାସ କରିବାକୁ ଚାହିଁବେ, ସେମାନଙ୍କୁ ବିଶ୍ୱାସ କରିଥିବା ବ୍ୟକ୍ତିଙ୍କ ଉପଲବ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ପ୍ରଥମରେ ଆମ୍ଭେମାନେ ବିଚାର କରିବା ଶ୍ରୀମା କିଏ ? ପରେ ଆଲୋଚନା କରିବା ଶ୍ରୀମାଙ୍କର କାର୍ଯ୍ୟ କ'ଣ ଏବଂ ତାଙ୍କର କାର୍ଯ୍ୟ ସେ ଶେଷ କରିଛନ୍ତି କି ନାହିଁ ? ଏହି ବିଷୟ ଜାଣିବା ସକାଶେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ଲେଖା ଆଲୋଚନା କରିବା ।

ସାଧକମାନଙ୍କର ଶ୍ରୀମା'ଙ୍କ ସମ୍ବନ୍ଧେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଯେଉଁସବୁ ପତ୍ର ଲେଖିଥିଲେ ସେସବୁର ସଂକଳନ କରାଯାଇ 'Sri Aurobindo on Himself and on the Mother' ('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ') ପୁସ୍ତକରେ ପ୍ରକାଶିତ ହୋଇଛି । ସେଥିରେ ତୃତୀୟ ଭାଗରେ 'Who is the Mother ?' ('ଶ୍ରୀମା କିଏ') ଏ ବିଷୟରେ ଉଲ୍ଲେଖ କରାଯାଇଛି । ସେଥିରେ କେତେକ ପତ୍ରରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଆଦ୍ୟାଶକ୍ତିଙ୍କ ଅବତାର ବୋଲି ଉଲ୍ଲେଖ କରିଛନ୍ତି । ସେଥିରୁ କେତେକ ଚିଠି ଏଠାରେ ଉଦ୍ଧୃତ କରାହେଲା ।

"Q : Do you not refer to the Mother (our Mother) in your book "The Mother" ?

A : Yes.

ପ୍ରଶ୍ନ : ଆପଣ ଆପଣଙ୍କ 'ମା' ପୁସ୍ତକରେ ଆମ୍ଭମାନଙ୍କ ମା'ଙ୍କ ବିଷୟରେ କହି ନାହାନ୍ତି କି ?

ଉତ୍ତର : ହଁ ।

Q : Has she not *descended* here (amongst us) into the Darkness and Falsehood and Error and Death in her deep and great love for us?

A : Yes

ପ୍ରଶ୍ନ : ସେ କ'ଣ ଆମ୍ଭମାନଙ୍କ ମଝିରେ, ଏହି ଅନ୍ଧକାର, ମିଥ୍ୟା, ଭ୍ରାନ୍ତି ଓ ମୃତ୍ୟୁଲୋକରେ ଆମ୍ଭମାନଙ୍କ ପ୍ରତି ଗଭୀର ଓ ମହାନ୍ ପ୍ରେମବଶରେ *ଅବତରି* ଆସି ନାହାନ୍ତି କି ?

ଉତ୍ତର : ହଁ ।''

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୭୯୧ - ୭୯୩) ❑

ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ସେ ବିଶ୍ୱ ଭଳି ବିଶାଳ ଓ ସୀମାହୀନ ତାଙ୍କର ଶିକ୍ଷା । ତାଙ୍କର ସାମାନ୍ୟ ସଂସ୍ପର୍ଶ ଲାଭ କରିବାର ଏକମାତ୍ର ଉପାୟ ହେଉଛି ତାଙ୍କୁ ଏକନିଷ୍ଠ ଭାବେ ଭଲ ପାଇବା ଓ ତାଙ୍କରି କର୍ମ ନିମନ୍ତେ ନିଜକୁ ଅକୁଣ୍ଠିତ ଭାବେ ଉତ୍ସର୍ଗ କରିବା । ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ସର୍ବୋତ୍ତମ କର୍ତ୍ତବ୍ୟ ଓ ଶ୍ରୀଅରବିନ୍ଦ କରିଯାଇଥିବା ଭବିଷ୍ୟଦ୍‌ବାଣୀ ଏହି ଜଗତର ରୂପାନ୍ତର ଲାଗି ତା'ର ଯଥାସାଧ୍ୟ ଅବଦାନ ।

— ଶ୍ରୀମା

# ମା' ଆପଣ ଏମିତି କହିଛନ୍ତି ...

## (୬)

## ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। – ସମ୍ପାଦନା]

### ୧୯୫୭

ଚେତନା ଓ ଶକ୍ତି ସେଠାରେ ରହିଛି – ସେସବୁ ଉପଯୁକ୍ତ ଯନ୍ତ୍ର (ଆଧାର) ଆବଶ୍ୟକ କରନ୍ତି ଯାହା ମାଧ୍ୟମରେ କାର୍ଯ୍ୟ କରି ପାରିବେ। ଯଦି ଯନ୍ତ୍ର (ଆଧାର) ଉତ୍କୃଷ୍ଟ ହୋଇ ନଥାଏ ତେବେ ଚେତନା ଓ ଶକ୍ତି ଯଥାର୍ଥ ଭାବରେ ନିଜକୁ ପରିପ୍ରକାଶ କରି ପାରନ୍ତି ନାହିଁ।

ଉଦାହରଣସ୍ୱରୂପ : ଜଣେ ମହାନ୍ ସଙ୍ଗୀତଜ୍ଞଙ୍କର ଯଦି ନିମ୍ନମାନର ପିଆନୋଟିଏ ଥାଏ, ତେବେ ସେ ସନ୍ତୋଷଜନକ ଭାବେ ବାଦ୍ୟଯନ୍ତ୍ରର ସଙ୍ଗୀତ ପରିବେଷଣ କରି ପାରିବେ ନାହିଁ କାରଣ ତାଙ୍କର ଦକ୍ଷତା ସତ୍ତ୍ୱେ ପିଆନୋ ସୃଷ୍ଟ ଧ୍ୱନି ମଧୁର ହେବ ନାହିଁ। ରଞ୍ଜିତ ଚିତ୍ର (ପେଣ୍ଟିଂ) ସମ୍ପର୍କରେ ମଧ୍ୟ ସେହି ଏକା ସତ୍ୟ।

*

ଅତୀତର ପୁରୁଣା ପେଣ୍ଟିଂସବୁ ଠିକ୍ ଅଛି ଏବଂ ଐତିହାସିକ ଦୃଷ୍ଟିକୋଣରୁ ସେସବୁ ଅତ୍ୟନ୍ତ କୌତୂହଳପ୍ରଦ ଓ ଦୃଷ୍ଟି ଆକର୍ଷକ। କିନ୍ତୁ ତୁମେ ନୂତନ ଦ୍ୟୁତି ନେଇ ଭବିଷ୍ୟତର ପେଣ୍ଟିଂ କରିବା ପାଇଁ ଚେଷ୍ଟା କରିବା ଉଚିତ।

ଶୁଭ୍ର ପୃଷ୍ଠପଟ (background) ବ୍ୟବହାର କରିବାର ଗୋଟିଏ କାରଣ ରହିଛି। ଭବିଷ୍ୟତରେ ଛାୟାବିହୀନ ଦିବ୍ୟ ଆଲୋକକୁ ପରିପ୍ରକାଶ କରିବା ପାଇଁ ଏହା ଏକ ପ୍ରଚେଷ୍ଟା।

ମାତ୍ର ଏସବୁ ତାଙ୍କର ନିଜସ୍ୱ ସମୟରେ ଆସିବେ।

୧୦.୧.୫୭

*ମା' ମୋତେ ପେଣ୍ଟିଂ ସମ୍ପର୍କରେ ବୁଝାଇଲେ :*

ମୁଁ ସେଗୁଡ଼ିକର (ପେଣ୍ଟିଂଗୁଡ଼ିକର) ଚେତନା ମଧ୍ୟକୁ ପ୍ରବେଶ କରେ ଏବଂ ପ୍ରତ୍ୟେକ ପେଣ୍ଟିଂ ପଶ୍ଚାତରେ ଥିବା ସତ୍ୟ ଓ ସୌନ୍ଦର୍ଯ୍ୟର ଅର୍ଥ ବାହାର କରେ।

କେତେକ ପେଣ୍ଟିଂ ବାସ୍ତବରେ ଦେଖିବାକୁ ଖୁବ୍ ସୁନ୍ଦର। ସେଗୁଡ଼ିକର ରହିଥାଏ ମନୋରମ ଏବଂ ଚମତ୍କାର ରଙ୍ଗ। ମାତ୍ର ଯେଉଁଠାରେ ସଜୀବ ସ୍ପନ୍ଦନ, ସ୍ୱଷ୍ଟତା, ଶକ୍ତିଶାଳୀ ଓ ଗଭୀର ଐକ୍ୟ ନଥାଏ, ସ୍ୱଷ୍ଟ ରୂପେ ସେହି ଚିତ୍ରଗୁଡ଼ିକ ନିର୍ଜୀବ ଓ ମୂଲ୍ୟହୀନ ହୋଇଥା'ନ୍ତି। ମାତ୍ର ଯେଉଁ ପେଣ୍ଟିଂରେ ବାହାର ସୌନ୍ଦର୍ଯ୍ୟ ଏବଂ ଆଭ୍ୟନ୍ତର ଦୃଷ୍ଟିର ମିଳନ ଘଟିଥାଏ – ତାହା ବାସ୍ତବ ଏବଂ ପ୍ରକୃତ କଳା ଭାବରେ ପରିଗଣିତ ହୁଅନ୍ତି।

ଜଣେ ନିଜର ପେଣ୍ଟିଂରେ କିଛି ନୂଆ କରିବା ଦରକାର। ଅନ୍ୟ କାହାର ଧାରଣା ବା ଉପଦେଶ ନେବା ଆବଶ୍ୟକ ନାହିଁ। ଅବଶ୍ୟ ଆଧୁନିକ ପେଣ୍ଟିଂ କିଂବା ପୁରାତନ ପେଣ୍ଟିଂକୁ କେହି ନକଲ କରିବା ଉଚିତ ନୁହେଁ, ସେସବୁ ଅତୀତର ଚିତ୍ରଶିଳ୍ପ। କିନ୍ତୁ ନୂଆ କିଛି ନୂତନ ଶୈଳୀରେ କରିବା ଆବଶ୍ୟକ।

୨୧.୧.୫୭

ପ୍ରଥମେ ତୁମେ ଉପନ୍ୟାସ ପଢ଼ିବା ବନ୍ଦ କରିବା ଉଚିତ ଏବଂ ଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକଗୁଡ଼ିକ ପଢ଼ିବା ଉଚିତ। ସେଥିରୁ ଗୋଟିଏ ବା ଦୁଇଟି ବାକ୍ୟ ପଢ଼ିବାକୁ ଚେଷ୍ଟା କର ଏବଂ ତା' ଉପରେ ଏକାଗ୍ର ହୁଅ ଏବଂ ତତ୍ପରେ ନିଦ୍ରା ଯାଅ। ସେହି ଅଧ୍ୟୟନରୁ ତୁମେ ନିଶ୍ଚିତ କିଛି ଉତ୍ତର ପାଇବ ଏବଂ

ଅନୁଭବ କରିବ ଯେ ତୁମେ ଦିବ୍ୟ ପରମଙ୍କ ବାହୁ ବେଷ୍ଟନୀ ମଧ୍ୟରେ ଅଛ ଏବଂ ତା'ପରେ ତୁମେ ରାତିରେ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭାବରେ ନିଦ୍ରା ଯାଇପାରିବ ।

୨୭.୧.୫୭

ଯଦି ଲୋକଙ୍କ ଭିତରେ ଅପବିତ୍ରତା ରହିଛି, ଏହା ବହୁତ ଖରାପ; ଯଦି ସେମାନେ ଏହାକୁ ଲୁଚାଇ ରଖନ୍ତି, ତେବେ ଏହା ଅଧିକ ଖରାପ । ଯଦି ଲୋକମାନେ ସେମାନଙ୍କର ତ୍ରୁଟି ସମ୍ପର୍କରେ ସଚେତନ ଓ ତାହା ସ୍ୱୀକାର କରନ୍ତି – ଏହା ହେଉଛି ଏକ ଉଲ୍ଲେଖଯୋଗ୍ୟ ପ୍ରଗତି ।

ପ୍ରତ୍ୟେକ ବିଷୟକୁ ଲୋକେ ଦିବ୍ୟ ଆଲୋକ ସମ୍ମୁଖରେ ରଖିବା ଉଚିତ ଏବଂ ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ ।

୨୭.୧.୫୭

ପୁରାତନ ଅଭ୍ୟାସଗୁଡ଼ିକ ପୁନଃପୁନଃ ଆସିଥାଏ; ମାତ୍ର ବାରଂବାର ଚେଷ୍ଟା ଦ୍ୱାରା ସେଗୁଡ଼ିକୁ ପରିହାର କରାଯାଇପାରେ ଏବଂ କ୍ରମେ ସେଗୁଡ଼ିକ ବନ୍ଦ ହୋଇଯାଏ । ଲୋକମାନେ ଦୁଃଖୀ, କାରଣ ସେମାନେ ଅସନ୍ତୁଷ୍ଟ ଥାଆନ୍ତି ଏବଂ ବିରୋଧୀ ଶକ୍ତିର ପ୍ରବେଶ ନିମିତ୍ତ ବାରଂବାର ହୃଦୟର ଦ୍ୱାର ଖୋଲି ସ୍ୱାଗତ କରନ୍ତି । ତତ୍ପରେ, ସ୍ୱାଭାବିକ ଭାବେ ସେମାନେ ଯନ୍ତ୍ରଣା ବ୍ୟତୀତ ଅନ୍ୟ କିଛି ପାଆନ୍ତି ନାହିଁ । ଶ୍ରୀଅରବିନ୍ଦଙ୍କ ଭାଷାରେ, ଲୋକମାନଙ୍କ ଭିତରେ କେତେକ ସତ୍ତା ରହିଛି, ଯେଉଁଗୁଡ଼ିକ ଯନ୍ତ୍ରଣା ସହିତ ନିବିଡ଼ ଭାବରେ ସଂଲଗ୍ନ ହୋଇ ରହିଛନ୍ତି । ତେଣୁ ଏଥିରୁ ବୁଝାଯାଏ ଯେ ଲୋକମାନେ ନିଜେହିଁ ଏହାର କାରଣ ଅଟନ୍ତି । ସେଥିପାଇଁ ଭଗବାନ୍ ଦାୟୀ ନୁହଁନ୍ତି ।

୨.୨.୫୭

ମୁଁ ଚାହେଁ ତୁମେ କିଛି ନୂଆ କରି କର । ତୁମେ 'ଭବିଷ୍ୟତର ପେଣ୍ଟିଂ' ନୂତନ ଆଲୋକ ନେଇ କରିବା ପାଇଁ ଚେଷ୍ଟା କର । ମୁଁ ସବୁବେଳେ ତୁମକୁ କହିଛି ଧଳା ପୃଷ୍ଠପଟରେ ପେଣ୍ଟିଂ କରିବା ପାଇଁ ... ତା'ର ଗୋଟିଏ କାରଣ ଅଛି । ବିନା ଛାୟାରେ ଭବିଷ୍ୟତ୍ ପେଣ୍ଟିଂରେ ଦିବ୍ୟ ଆଲୋକକୁ ପ୍ରକାଶ କରିବା ନିମିତ୍ତ ଏହା ଏକ ପ୍ରଚେଷ୍ଟା । ମାତ୍ର ପ୍ରତ୍ୟେକ ବିଷୟ ତା'ର ନିଜସ୍ୱ ଧାରାରେ ଆସିବ ।

ଭବିଷ୍ୟତର ପେଣ୍ଟିଂରେ ଅନ୍ତର୍ଦୃଷ୍ଟି ବ୍ୟତୀତ ବାହାରର ରୂପକୁ ତୁମେ ଅନ୍ଧ ଭାବରେ ନକଲ କର ନାହିଁ । ଭବିଷ୍ୟତର ପେଣ୍ଟିଂ ସଂକ୍ରାନ୍ତରେ ଲୋକଙ୍କ ଉପଦେଶ କିଂବା ସେମାନଙ୍କର ଧାରଣାସବୁ ତୁମ ମନକୁ ଆବିଷ୍ଟ କରି ନରଖୁ । ଆଧୁନିକ କଳା କିଂବା ପୁରାତନ ମୌଳିକ କଳାର ଶୈଳୀକୁ ଅବଲମ୍ବନ କର ନାହିଁ । କିନ୍ତୁ ସର୍ବଦା ତୁମ ଆତ୍ମାର ଅନ୍ତର୍ଦୃଷ୍ଟି ଏବଂ ଶାଶ୍ୱତ ସତ୍ୟର ବହିଃପ୍ରକାଶ ତଥା ଏକ ଉଚ୍ଚତର ଜଗତର ମହାନତା ଆଦିର ପଶ୍ଚାତରେ ତୁମ ଆତ୍ମାର ଯେଉଁ ଗଭୀର ପ୍ରଭାବ ରହିଛି ତାହାକୁ ପ୍ରକାଶ କରିବାକୁ ଚେଷ୍ଟା କର । ୬.୨.୫୭

*ମୁଁ ମା'ଙ୍କ ନିକଟକୁ ଗଲି ଏବଂ ମୋର ଡ୍ରଇଂ ଓ ପେଣ୍ଟିଂ ସମ୍ପର୍କରେ କିଛି ଲୋକ କ'ଣ ସବୁ କହୁଛନ୍ତି ମା'ଙ୍କୁ କହିଲି । ସେମାନଙ୍କ ବିଚାର ଉପରେ ନିର୍ଭର କରିବା ମୋ ପାଇଁ ନିର୍ବୋଧତା ଥିଲା । ମୁଁ ଅତି ମାତ୍ରାରେ ନିରାଶ ହୋଇଥିଲି ଏବଂ ସମ୍ପୂର୍ଣ୍ଣଭାବେ ପେଣ୍ଟିଂ ଛାଡ଼ି ଦେବାକୁ ଇଚ୍ଛା କରିଥିଲି ।*

*ମା' ନୀରବରେ ମୋ କଥା ଶୁଣିଲେ ଏବଂ ମୃଦୁ ଭର୍ତ୍ସନା କରି କହିଲେ :*

ତୁମେ କାହିଁକି ଲୋକଙ୍କ କଥା ଶୁଣୁଛ ? ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଧାରଣା ଏବଂ ଭିନ୍ନ ମତାମତ ରହିଛି । ସତ୍ୟ ଏବଂ ପୂର୍ଣ୍ଣାଙ୍ଗ ଦୃଷ୍ଟି ବିନା କେହି ଜଣେ ବି ପ୍ରକୃତ ବିଷୟ ଦେଖି ପାରିବ ନାହିଁ । ଏକମାତ୍ର ଭଗବାନହିଁ ଦେଖି ପାରନ୍ତି, ଜାଣି ପାରନ୍ତି ଓ ସବୁକିଛି କରି ପାରନ୍ତି । ମୋର ଶିଶୁ କେବଳ ଭଗବାନଙ୍କ ଉପରେ ଭରସା ରଖିବା ଉତ୍ତମ, ସେ ହେଉଛନ୍ତି ସର୍ବଶ୍ରେଷ୍ଠ ବିଚାରକ ଏବଂ ସେ ଲୋକମାନଙ୍କ ଅପେକ୍ଷା ଅଧିକ ଭଲଭାବେ ଜାଣନ୍ତି ।

ତୁମକୁ ମୁଁ ପୂର୍ବରୁ କହି ନଥିଲି କି ମୋର ଧାରଣା, କଳ୍ପନା ଏବଂ ଇଚ୍ଛାନୁଯାୟୀ ତୁମେ ପେଣ୍ଟିଂ କରିବା ମୁଁ ଚାହେଁ ?

ମୋର କନ୍ୟା, ତୁମେ ଭାଗ୍ୟବତୀ । ତୁମେ ସୁନ୍ଦର ପେଣ୍ଟିଂ କରି ପାରୁଛ, ତୁମେ ଜଣେ ବିଶେଷ ପ୍ରତିଭାଦୀପ୍ତ ଶିଶୁ । ତୁମ ରକ୍ତରେ ଅଛି କଳାର ଦକ୍ଷତା ଏବଂ ଏହା ନିଶ୍ଚୟ ପ୍ରକାଶିତ ହେବ ।

ଦିବ୍ୟ ପରମଙ୍କ ଦ୍ୱାରା ତୁମକୁ ଯାହା ଦିଆଯାଇଛି ତାହାକୁ କାହିଁକି ତୁମେ ହରାଇବାକୁ ଚାହୁଁଛ ?

ଏଠାରେ ତୁମେ ନିଶ୍ଚିତ ଭାବେ ସ୍ମରଣ ରଖିବା ଉଚିତ ଯେ ତୁମର ପେଣ୍ଟିଂ ପାଇଁ ଚେତନାର ଅଭିବୃଦ୍ଧି ଅପରିହାର୍ଯ୍ୟ, କାରଣ ବହିରୁ କିଂବା ତୁମ ଅଧ୍ୟାପକମାନଙ୍କ ଠାରୁ ଯାହା ଶିକ୍ଷା ଲାଭ କରିଛ ତା'ର କିଛି ମୂଲ୍ୟ ନାହିଁ, – ଯେପର୍ଯ୍ୟନ୍ତ ତୁମେ ପ୍ରକୃତ ଉଚ୍ଚତର କଳାତ୍ମକ ଚେତନା ମଧ୍ୟକୁ ପ୍ରବେଶ ନ କରିଛ ।

ଅବଶ୍ୟ ତୁମର ହସ୍ତ ପୂର୍ଣ୍ଣ ସଚେତନ ଓ ଦକ୍ଷ

ହୋଇଗଲେ ନିଶ୍ଚିତ ତୁମେ ଚିତ୍ରାଙ୍କନ ଓ ପେଣ୍ଟିଂ ନିଖୁଣ ଭାବେ କରିପାରିବ । ବିଶ୍ୱାସ ଏବଂ ଧୈର୍ଯ୍ୟ ଧର, ସବୁକିଛି ଯଥା ସମୟରେ ଆସିବ ।

*ତା'ପରେ ସେ ମୋର ଚିବୁକକୁ ଧୀରଭାବେ ଟେକି ଧରିଲେ ଏବଂ ଗଭୀରଭାବେ ମୋ ଆଖିକୁ ଚାହିଁ ରହିଲେ । ତତ୍ପରେ ସେ ମୋତେ ବିଭିନ୍ନ ପ୍ରକାରର ପୁଷ୍ପ ପ୍ରଦାନ କଲେ ଏବଂ ମୋ କପାଳରେ ଚୁମ୍ବନ ଦେଇ ମୋର ମଙ୍ଗଳ ମନାସି ବିଦାୟ ଦେଲେ ।*

୯.୩.୫୭

ପ୍ରତ୍ୟେକ ବସ୍ତୁର ପଶ୍ଚାତରେ ସତ୍ୟ ନିହିତ ରହିଛି । କାରଣ ବାସ୍ତବରେ ପୁଷ୍ପ, ବୃକ୍ଷ, ପ୍ରାଣୀ, ପକ୍ଷୀ, ନଦୀ ଏପରିକି ମଣିଷ ଆଦି ପ୍ରକୃତିର ପ୍ରତ୍ୟେକ ସର୍ଜନା ଭିତରେ ଭଗବାନ୍ ବାସ କରନ୍ତି ।

ପ୍ରତ୍ୟେକ ବସ୍ତୁ ମଧ୍ୟରେ ଥିବା ସ୍ପନ୍ଦନ, ସ୍ପର୍ଶାନୁଭୂତି ଏବଂ ଅନ୍ତର୍ନିହିତ ସତ୍ୟକୁ ଦେଖିବା ଏବଂ ଅନୁଭବ କରିବା ପାଇଁ ତୁମର ଚୈତ୍ୟିକ ସ୍ପର୍ଶ ରହିବା ଉଚିତ ଏବଂ ଭବିଷ୍ୟତ୍ ପେଣ୍ଟିଂରେ ସେହି ସତ୍ୟ ପ୍ରକଟିତ ହେବା ଦରକାର ।

ଠିକ୍ ଭାବରେ ପେଣ୍ଟିଂ କରିବା ସହଜ ନୁହେଁ । ଏହା ନିଶ୍ଚିତ ଭାବେ ସମୟ ନିଏ । ଚେତନାର ଅଭିବୃଦ୍ଧି ଦ୍ୱାରା ତୁମେ ଗଭୀର ଦୃଷ୍ଟି, ରଙ୍ଗର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଏବଂ ସଙ୍ଗତି ଲାଭ କରି ପାରିବ ଏବଂ ପାଇ ପାରିବ ପ୍ରକୃତ ସୌନ୍ଦର୍ଯ୍ୟର ସୂକ୍ଷ୍ମାନୁଭବ । ତା'ପରେ ତୁମେ ଆଶ୍ଚର୍ଯ୍ୟଜନକ ଜିନିଷସବୁ ତୁମ ପେଣ୍ଟିଂରେ ପ୍ରକାଶ କରି ପାରିବ । ଅନ୍ୟଥା ପେଣ୍ଟିଂଟି ହେବ ନିର୍ଜୀବ ଓ ଅସ୍ପଷ୍ଟ ।

ଉତ୍କୃଷ୍ଟ ପେଣ୍ଟିଂ ପାଇଁ ଚେତନାର ଅଭିବୃଦ୍ଧି ଏକାନ୍ତ ଆବଶ୍ୟକ ।

*ମୁଁ ମା'ଙ୍କୁ କହିଲି,*
*ଦିବ୍ୟାଲୋକ ନଦେଖି ମୁଁ ଏହାକୁ କିପରି ପେଣ୍ଟିଂରେ ପ୍ରକାଶ କରି ପାରିବି ?*
*ସ୍ମିତହାସ୍ୟ ସହ ସେ କହିଲେ :*

ଏହା ଆସିବ ।

ସୃଷ୍ଟିରେ ଥିବା ବସ୍ତୁଗୁଡ଼ିକର ସ୍ପନ୍ଦନ, ସ୍ପର୍ଶାନୁଭୂତି ଏବଂ ଅନ୍ତର୍ନିହିତ ବୈଶିଷ୍ଟ୍ୟକୁ ଜଣେ ତା'ର ଆତ୍ମା ଦ୍ୱାରା ନିଶ୍ଚିତ ଅନୁଭବ କରିପାରିବ ।

ତ୍ରୁଟିଶୂନ୍ୟ ଉତ୍କୃଷ୍ଟ ପେଣ୍ଟିଂ କରିବାକୁ ସମୟ ଲାଗେ ।

ଚେତନାର ଅଭିବୃଦ୍ଧି ଦ୍ୱାରା ଜଣେ ସୁ-ସଂହତି ଅନୁଭବ କରିପାରେ ଏବଂ ଯେତେବେଳେ ଏହି ସଂହତି ପ୍ରକାଶିତ ହୁଏ, ତା'ପରେ ଏହାକୁ ସୁନ୍ଦର ଭାବେ ବ୍ୟକ୍ତ କରାଯାଇପାରେ । ରଚନାତ୍ମକ କାର୍ଯ୍ୟରେ ଜଣକର ଦୃଢ଼ ଆବେଗିକ ଦୃଷ୍ଟିଭଙ୍ଗୀ, ରଙ୍ଗର କୋମଳତା ଏବଂ ସଂହତି ରହିବା ଆବଶ୍ୟକ ।

ଯଦି ଥରେ ହସ୍ତଗୁଡ଼ିକ ପୂର୍ଣ୍ଣ ଚେତନଶୀଳ ଓ ଜ୍ୟୋତିର୍ମୟ ହୋଇ ଉଠନ୍ତି, ସେମାନେ ନିର୍ଭୁଲ ଭାବରେ ଠିକ୍ କାର୍ଯ୍ୟ କରି ପାରନ୍ତି ।

ପେଣ୍ଟିଂ ପାଇଁ ଚେତନାର ଅଭିବୃଦ୍ଧି ଆବଶ୍ୟକ, କାରଣ ପୁସ୍ତକରୁ ବା ଶିକ୍ଷକମାନଙ୍କ ଠାରୁ ଜଣେ ଯାହା ଶିକ୍ଷାଲାଭ କରିଥାଏ, ଯେପର୍ଯ୍ୟନ୍ତ ଜଣେ ପ୍ରକୃତ ଚେତନାରେ ଉତ୍ତରିତ ନହୋଇଛି ସେପର୍ଯ୍ୟନ୍ତ ସେସବୁ ଅନାବଶ୍ୟକ ହୋଇ ରହିଥାଏ ।

ଅବଶ୍ୟ ଜଣେ ଅନ୍ୟର ଛବିଗୁଡ଼ିକୁ ନକଲ କରି ପେଣ୍ଟିଂ କରିବା ଉଚିତ ନୁହେଁ । ଏହା ଆଦୌ ଭଲ ନୁହେଁ । କିନ୍ତୁ ଜଣେ ସିଧାସଳଖ ପ୍ରକୃତିରୁ ନକଲ କରିପାରେ, ତଦ୍ଦ୍ୱାରା ବସ୍ତୁଗୁଡ଼ିକର ଯଥାର୍ଥ ସ୍ୱରୂପ ଓ ସୌନ୍ଦର୍ଯ୍ୟକୁ ରୂପ ଦେଇପାରେ ।

ବାସ୍ତବରେ ଉଚ୍ଚତର ଚେତନାକୁ ସ୍ଥାୟୀ ଭାବରେ ସ୍ଥାପନ କରିବା ପାଇଁ ସମୟ ଲାଗେ । ସବୁକିଛିକୁ ଉଚ୍ଚତର ଚେତନା ଦ୍ୱାରା କରାଯିବା ଉଚିତ । କିନ୍ତୁ, ଅବଶ୍ୟ ଏହାକୁ ଗୋଟିଏ ମିନିଟରେ ହାସଲ କରି ହୁଏ ନାହିଁ । ଏଥିପାଇଁ ବର୍ଷ ପରେ ବର୍ଷ ଲାଗି ଯାଇପାରେ ।

ଦିବ୍ୟ ପରମ ସତ୍ୟଙ୍କୁ ପାଇବା ପାଇଁ ତୁମେ ଯଦି ତୁମ ନିଜର ଉଦ୍ୟମ ଜାରି ରଖିଥାଅ, ତେବେ ପରମଙ୍କ ଉପଲବ୍ଧି ପାଇବା ତୁମ ପକ୍ଷରେ ଅସମ୍ଭବ । ଏହା ଅନନ୍ତ ଅବଧି ନେବ । ଏହା ସତ୍ତ୍ୱେ ଏଠାରେ କିଛି ବି ଅସମ୍ଭବ ନୁହେଁ, କାରଣ ଦିବ୍ୟକୃପାର ଉପସ୍ଥିତି ରହିଅଛି; ଏହି କୃପା ଆଶ୍ଚର୍ଯ୍ୟଜନକ ଭାବରେ ସାହାଯ୍ୟ କରେ, ଏହା ମୂଳଚାଲ କରେ ନାହିଁ ।

ତୁମେ କୌଣସି ବିଷୟ ଏକା କରିପାରିବ ନାହିଁ । ତୁମେ ନିଜକୁ ଦିବ୍ୟକୃପାଙ୍କ ହାତରେ ଛାଡ଼ିଦେବା ଉଚିତ । ଯେତେବେଳେ ତୁମେ ନିଃସଙ୍ଗ, ଅସୁଖୀ ଏବଂ ମାନସିକ ଅଶାନ୍ତି ଅନୁଭବ କର ସଙ୍ଗେ ସଙ୍ଗେ ଦିବ୍ୟକୃପାଙ୍କୁ ଆବାହନ କର ଏବଂ ନିଷ୍ଠାର ସହିତ ଦିବ୍ୟକୃପା ନିକଟରେ ପ୍ରାର୍ଥନା କର ତୁମକୁ ସାହାଯ୍ୟ କରିବା ପାଇଁ, କାରଣ ଦିବ୍ୟ କୃପାହିଁ ସବୁକିଛି କରି ପାରିବେ ।

ତୁମେ ଯଦି ସବୁକିଛି ଦିବ୍ୟକୃପାଙ୍କ ହାତରେ ଛାଡ଼ିଦେଇ

ଚିନ୍ତାଶୂନ୍ୟ ହୋଇଯାଅ, ଖୁବ୍ ଶୀଘ୍ର ତୁମେ ଠିକ୍ ହୋଇଯିବ ।

୯.୩.୫୭

ସୂର୍ଯ୍ୟଙ୍କ ଚାରି ପାଖରେ ପୃଥିବୀର ଘୂର୍ଣ୍ଣନକୁ ଲୋକେ ବନ୍ଦ କରିପାରିବେ ନାହିଁ । ତେଣୁ ବିଶ୍ୱରେ କ'ଣ ହେଉଛି ସେଥିପାଇଁ ସେମାନେ ବ୍ୟସ୍ତ ବିବ୍ରତ ହେବା ଉଚିତ ନୁହେଁ ।

ଲକ୍ଷ ଲକ୍ଷ ଲୋକ ଅଛନ୍ତି ଯେଉଁମାନଙ୍କର ଉଚ୍ଚତର ଜୀବନ ସମ୍ପର୍କରେ ଧାରଣା ନାହିଁ, କାରଣ ସେମାନଙ୍କର ଆତ୍ମା ଜାଗ୍ରତ ହୋଇ ନାହିଁ; ତେଣୁ ସେମାନେ ସେମାନଙ୍କର ସାଧାରଣ ଜୀବନକୁ ଉପଭୋଗ କରି ଚାଲିଛନ୍ତି । ସ୍ୱାଭାବିକଭାବେ ସେମାନଙ୍କର ବହୁତ କଷ୍ଟ ଏବଂ ଦୁଃଖ ମଧ୍ୟ ରହିଛି ।

ଯେତେବେଳେ ଆତ୍ମା ଜାଗ୍ରତ୍ ହୁଏ, ପ୍ରତ୍ୟେକଟି ବିରୋଧାତ୍ମକ ବିଷୟସବୁ ଆସନ୍ତି ଏବଂ ଆତ୍ମା ବିରୋଧରେ ବିପ୍ଳବ କରନ୍ତି । ଯେଉଁମାନେ ଆପଣାକୁ ଉପଭୋଗ କରୁଥା'ନ୍ତି, ସେମାନେ ଜାଣନ୍ତି ନାହିଁ ମିଥ୍ୟାରୁ କିପରି ବାହାରି ଆସିବାକୁ ହେବ । ଏଠାରେ, ଆଶ୍ରମରେ ଲୋକମାନେ ଭାଗ୍ୟବାନ୍, ସେମାନେ ଦିବ୍ୟ ପରମଙ୍କ ଠାରୁ ନିରବଚ୍ଛିନ୍ନ ଓ ପ୍ରତ୍ୟକ୍ଷଭାବେ ସାହାଯ୍ୟ ପାଇଥା'ନ୍ତି । ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେମାନେ ସେମାନଙ୍କର ଦୁଃଖ ଓ ଯନ୍ତ୍ରଣାରୁ ବାହାରି ଆସି ପାରନ୍ତି । କାରଣ ଭଗବାନ୍ ସର୍ବଦା ନିଷ୍ପାପର ପ୍ରାର୍ଥନାକୁ ଶୁଣନ୍ତି ଏବଂ ସେମାନଙ୍କୁ ସାହାଯ୍ୟ କରନ୍ତି । ଭଗବାନଙ୍କ ଉତ୍ତରର ବହୁ ବାସ୍ତବ ଅଭିଜ୍ଞତା ସେମାନଙ୍କର ରହିଛି ।

ସେମାନଙ୍କୁ ଅନ୍ତରରୁ ଆସ୍ପୃହା କରିବାକୁ ହେବ । କୌଣସି ଛୋଟ ଏକ ଘଟଣା କିଂବା ଅସନ୍ତୋଷ ଭିତରେ ସେମାନେ ନିଜକୁ ପକାଇ ଦେବା ଉଚିତ ନୁହେଁ । ଯଦିଓ ଭୁଲ୍ ପରାମର୍ଶଗୁଡ଼ିକ ବାହାରୁ ଆସିଥାଏ କିନ୍ତୁ ଲୋକେ ସେଗୁଡ଼ିକୁ ଶୁଣିବା ଉଚିତ ନୁହେଁ ।

ଧ୍ୟାନ କରିବା କି ନାହିଁ, କ୍ଲାସ ଯିବା କି ନାହିଁ, ପଢ଼ିବା କି ନାହିଁ – ଏ ଯୋଗରେ ଏସବୁର ବିଶେଷ କିଛି ପାର୍ଥକ୍ୟ ନାହିଁ । ଲୋକମାନେ ଯାହା କରିବା ଉଚିତ ତାହା ହେଉଛି ନିଜ ଭିତରକୁ ପ୍ରବେଶ କରିବା ଏବଂ ନିଷ୍ଠାର ସହିତ ଭଗବାନଙ୍କୁ ଆସ୍ପୃହା କରିବା, କେବଳ ଭଗବାନଙ୍କୁ ଭଲ ପାଇବା – ତାହାହିଁ ସବୁକିଛି ।

ନିମ୍ନ ମନ ଓ ନିମ୍ନ ପ୍ରାଣର ଭ୍ରମାତ୍ମକ ଗତି ଶରୀରକୁ କ୍ଲାନ୍ତ ଏବଂ ରୁଗ୍ଣ କରିଦିଏ । ନିମ୍ନ ମନ ଓ ନିମ୍ନ ପ୍ରାଣ ଦ୍ୱାରା ଅନେକ ଅସୁବିଧା ଓ ଯନ୍ତ୍ରଣା ସୃଷ୍ଟି ହୋଇଥାଏ । ଅନ୍ୟଥା ଶରୀର ହେଉଛି ପ୍ରକୃତ ଆଜ୍ଞାବହ ଯନ୍ତ୍ର ।

ସମଗ୍ର ସତ୍ତା ଆତ୍ମା ଦ୍ୱାରା ପରିଚାଳିତ ହେବା ଉଚିତ, ସର୍ବଦା ଜଣେ ଶାସନକର୍ତ୍ତା ଯିଏକି ବିଜ୍ଞ ଶାସକ ସେହିଁ ରହିବା ଉଚିତ । ଆତ୍ମା, ମନ, ପ୍ରାଣ ଭଳି ତିନୋଟି ଶାସକ ରହିବାର ଆବଶ୍ୟକତା ନାହିଁ ।

ନିଶ୍ଚିତ ରୂପେ ତୁମେ ସମସ୍ତ ବାଧାବିପତ୍ତିକୁ ହସି ଉଡ଼ାଇ ଦେବା ଉଚିତ ।

ଅଭିଭାବକମାନେ ଜାଣନ୍ତି ନାହିଁ କିପରି ସେମାନଙ୍କର ସନ୍ତାନମାନଙ୍କୁ ଗଢ଼ି ତୋଳିବେ, କିପରି ସେମାନଙ୍କୁ ବୁଝିବେ ଏବଂ ଗୋଟିଏ ଆଦର୍ଶ ଜୀବନ ଦିଗରେ ସେମାନଙ୍କୁ ଆଗେଇ ନେବେ ।

୩୦.୩.୫୭

ଲୋକମାନେ ସର୍ବଦା ନିଜର ପରିବେଶ ନିଜେ ତିଆରି କରିଥା'ନ୍ତି । ସେଥିରେ କିଛି ଯାଏ ଆସେନି, ସେମାନଙ୍କର ନିଜସ୍ୱ ସୃଷ୍ଟ ଅସୁବିଧାରୁ ସେମାନେ ନିରାସକ୍ତ ରହିବା ଉଚିତ । ସେଥିରୁ ସେମାନେ ନିଜକୁ ପ୍ରତ୍ୟାହାର କରିନେଇ ନିଜ ଭିତରକୁ ଦୃଷ୍ଟି ଦେବା ଦରକାର ଏବଂ ପାରୁପର୍ଯ୍ୟନ୍ତ ସେମାନେ ନୀରବ ରହିବାକୁ ଚେଷ୍ଟା କରିବା ଉଚିତ ।

ଯୁଗ ଯୁଗ ଧରି ପୃଥିବୀ ଯେଉଁପରି ଚାଲି ଆସିଛି, ସେହିପରି ଚାଲୁଥିବ । ଲୋକେ ପୃଥିବୀକୁ ପରିବର୍ତ୍ତନ କରି ପାରିବେ ନାହିଁ – ପୃଥିବୀକୁ ପରିବର୍ତ୍ତନ କରିବା ପୂର୍ବରୁ ସେମାନେ ନିଜେ ପୂର୍ଣ୍ଣତା ଲାଭ କରିବା ଉଚିତ ଏବଂ ତତ୍ପରେ ପୃଥିବୀର ରୂପାନ୍ତର ପାଇଁ ପ୍ରତ୍ୟାଶା କରିବା ଆବଶ୍ୟକ ।

୩୧.୩.୫୭

ତୁମେ ଯେତେବେଳେ ଯୋଗ କରିବାକୁ ସ୍ଥିର କରି ନେଇଛ, ତୁମକୁ ଏପ୍ରାନ୍ତରୁ ସେପ୍ରାନ୍ତ ପର୍ଯ୍ୟନ୍ତ ଏହା ମଧ୍ୟ ଦେଇ ଯିବାକୁ ପଡ଼ିବ । ଅବଶ୍ୟ ତୁମକୁ ପରମ ପ୍ରଭୁଙ୍କୁ ସହଯୋଗ କରିବାକୁ ପଡ଼ିବ ଏବଂ ଦିବ୍ୟାଲୋକ ଆଡ଼କୁ ନିଜକୁ ସମ୍ପୂର୍ଣ୍ଣ ଖୋଲି ଧରିବାକୁ ପଡ଼ିବ ।

୩୧.୩.୫୭

ଆନ୍ତର ଯାତ୍ରା କର – ତୁମ ଭିତରେ – ଏହା ବହିର୍ଯାତ୍ରା ଠାରୁ ଅଧିକ ଉତ୍ତମ ଅଟେ ।

୦୩.୪.୫୭

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୧)

### ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ କଥା ଆଜି ଦେଶ ବିଦେଶରେ ଚାରିଆଡ଼େ ଶୁଣାଯାଉଛି । ଅଧିକରୁ ଅଧିକ ଲୋକ ତାଙ୍କ ସାଧନା, ଉପଦେଶ ଓ ଅମୃତମୟ ବାଣୀ ଶୁଣିବାକୁ ଉତ୍ସାହ ପ୍ରକାଶ କରୁଛନ୍ତି । ନିରୁଦ୍ଦିଷ୍ଟ ଜୀବନ ଯେପରି ତାଙ୍କର ଉପଦେଶ ଓ ସାଧନାର କଥା ଶୁଣି ଶାନ୍ତି, ସରସତା ଓ ଆନନ୍ଦ ଅନୁଭବ କରୁଅଛି । କେହି କେହି ଏକଥା ଉପଲବ୍ଧି କରୁଅଛନ୍ତି ଯେ ପୃଥିବୀରେ ଗୋଟିଏ ସ୍ୱର୍ଣ୍ଣମୟ ଯୁଗ ଆସୁଅଛି । ସମସ୍ତଙ୍କ ମଧ୍ୟରେ ଦେବତାଙ୍କର ଜନ୍ମ ହେବ । ଏହି ସ୍ୱର୍ଣ୍ଣମୟ ଯୁଗର ଶ୍ରୀଅରବିନ୍ଦ ହେଲେ ସୂତ୍ରଧର, ନବ-ଯୁଗ-ପଥ-ଦ୍ରଷ୍ଟା । ମାନବ ସମାଜର କ୍ରମ-ବିବର୍ତ୍ତନ ପଥରେ ତାଙ୍କର ସାଧନା ଓ ଅତୁଳନୀୟ ଦାନର କଥା କହିବା ପୂର୍ବରୁ ତାଙ୍କର ସଂକ୍ଷିପ୍ତ ଜୀବନୀ ସମ୍ବନ୍ଧରେ ଏଠାରେ ସର୍ବସାଧାରଣଙ୍କୁ ପରିଚୟ କରାଇ ଦେବା ।

ସେତେବେଳେ ଭାରତବର୍ଷର ଏକ ବଡ଼ ଦୁର୍ଦ୍ଦିନ ଅବସ୍ଥା – ଦେଶରେ ଗୋଟାଏ କଳା ପର୍ଦ୍ଦା ଚାରିଆଡ଼େ ଟାଣି ହୋଇ ଯାଇଛି । ପାଶ୍ଚାତ୍ୟ ଧନଲୋଲୁପ ବ୍ୟବସାୟୀମାନେ ଏ ଦେଶକୁ ବେପାର କରିବାକୁ ଆସି ଦେଶ ଅଧିକାର କରି ବସିଲେ । ସ୍ୱାଧୀନତାର ପ୍ରଥମ ଅଗ୍ନିଶିଖା ୧୮୫୭ ସାଲରେ ସିପାହୀମାନଙ୍କର ଗୌରବମୟ ଆନ୍ଦୋଳନ ଫଳରେ ଜାଗ୍ରତ୍ ହେଲା ସତ, ତଥାପି କାଳର ନିର୍ମମ ଆଘାତ ଓ ଦମନ ଫଳରେ ତାହା ପ୍ରାୟ ଚିରଦିନ ପାଇଁ ଲିଭିଗଲା । ଭାରତବର୍ଷ ଯେ ପର-ପଦାନତ ହେଲା, ଶୃଙ୍ଖଳିତ ବେଡ଼ି ପିନ୍ଧି ବନ୍ଦୀ ହୋଇ ରହିଲା, ଏଥିରେ ଆଉ ସନ୍ଦେହ ରହିଲା ନାହିଁ । କ୍ରମଶଃ ଏହି ବିଦେଶୀ ପ୍ରଭାବ, ବିଦେଶୀ ପରିବେଶ ଓ ଅନୁକରଣର ଫଳ ଏତେ ବେଶୀ ହେଲା ଯେ ଦେଶର ଅନ୍ତର୍ନିହିତ ଆଧ୍ୟାତ୍ମିକତା, ଧର୍ମ, ସଂସ୍କୃତି, ଚିନ୍ତାଧାରା କ୍ରମଶଃ ତମିସ୍ରାର ଅତଳ ଗହ୍ୱରରେ ଲିଭିଯିବାକୁ ବସିଲା । ଭାରତର ଶାଶ୍ୱତ ଆତ୍ମା ଯେପରି ଗ୍ଲାନି, ଅପମାନ ଓ ଅବସାଦର ଗଭୀର ଅନ୍ଧକାର ମଧ୍ୟରେ ମ୍ରିୟମାଣ ହୋଇ ପଡ଼ିଲା । ଠିକ୍ ଏହି ସମୟରେ ପୃଥିବୀରେ ନବଯୁଗକୁ ଆହ୍ୱାନ କରି ପୁଣ୍ୟଭୂମି ଭାରତ ଓ ସନାତନ ଧର୍ମର ଉତ୍ଥାନ ନିମିତ୍ତ ଭୁବନ ବିଦିତ ମହାପୁରୁଷଗଣ ଜନ୍ମଗ୍ରହଣ କଲେ । ଭାରତର ଜାଗରଣ ହେଲା ସୁପ୍ତ ସିଂହର ଜାଗରଣ ତୁଲ୍ୟ । ସର୍ବତ୍ର ସନାତନ ଧର୍ମର ଅମର ବାଣୀ ପ୍ରଚାରିତ ହେବାକୁ ଲାଗିଲା । ଯେଉଁ ମହାପୁରୁଷଗଣ ଦେଶର ଏହି ସଙ୍କଟ କାଳରେ ଜନ୍ମଗ୍ରହଣ କରି ତାହାର ଅନ୍ତର୍ନିହିତ ଶାଶ୍ୱତ ଶକ୍ତିକୁ ଜାଗ୍ରତ୍ କରାଇଥିଲେ ସେମାନଙ୍କ ମଧ୍ୟରେ ଧର୍ମ-କ୍ଷେତ୍ରରେ ସର୍ବପ୍ରଧାନ ହେଲେ ରାଜା ରାମମୋହନ ରାୟ, ଶ୍ରୀରାମକୃଷ୍ଣ ପରମହଂସ, କେଶବ ଚନ୍ଦ୍ର ସେନ୍, ସ୍ୱାମୀ ବିବେକାନନ୍ଦ, ଦୟାନନ୍ଦ ସରସ୍ୱତୀ ଏବଂ ଜାତୀୟତା କ୍ଷେତ୍ରରେ ସୁବିଖ୍ୟାତ ମରହଟ୍ଟା ନେତା ବାଳ ଗଙ୍ଗାଧର ତିଲକ, ବିପିନ ଚନ୍ଦ୍ର ପାଲ, ବଙ୍କିମ ଚନ୍ଦ୍ର, ଲାଲା ଲଜପତ୍ ରାୟ ଏବଂ ଏହି ଉଭୟ କ୍ଷେତ୍ରରେ ଧର୍ମ ଓ ଜାତୀୟତାକୁ ଏକତ୍ର ଧାରଣ କରି ଏକ ସୁମହାନ୍ ଅଲୌକିକ ଐଶ୍ୱର୍ଯ୍ୟ ସହ ଜନ୍ମ ଗ୍ରହଣ କଲେ ଶ୍ରୀଅରବିନ୍ଦ ।

ଶ୍ରୀଅରବିନ୍ଦ ୧୮୭୨ ସାଲ ଅଗଷ୍ଟ ୧୫ ତାରିଖରେ କଲିକତାରେ ଜନ୍ମ ଗ୍ରହଣ କରିଥିଲେ । ସେ ହୁଗୁଳି ଜିଲ୍ଲାର କୋନନଗର ନାମକ କ୍ଷୁଦ୍ର ସହରର ସୁପ୍ରସିଦ୍ଧ ଘୋଷ ପରିବାରରେ ଜନ୍ମଗ୍ରହଣ କରିଥିଲେ । କୋନନଗର କଲିକତାର ଉତ୍ତରକୁ ଏଗାର ମାଇଲ ଦୂରରେ ଓ ହୁଗୁଳି ନଦୀର ପଶ୍ଚିମ ତୀରରେ ଅବସ୍ଥିତ । ଏହି ପରିବାରରେ ପ୍ରାୟ ୧୮୪୦ ଖ୍ରୀଷ୍ଟାବ୍ଦରେ କୃଷ୍ଣଧନ ଘୋଷ ଜନ୍ମଗ୍ରହଣ କରିଥିଲେ । କୃଷ୍ଣଧନ ଘୋଷ କଲିକତାର ମେଡ଼ିକାଲ କଲେଜରୁ ପାଠ ଶେଷ କରି ବିଲାତକୁ ଉଚ୍ଚଶିକ୍ଷା ନିମିତ୍ତ ଯାଇଥିଲେ । ବିଲାତରୁ ଫେରିଆସି କୃଷ୍ଣଧନ ଘୋଷ ଭାରତୀୟ ମେଡ଼ିକାଲ ସର୍ଭିସରେ ଭର୍ତ୍ତି ହେଲେ ଏବଂ ସିଭିଲ୍ ସର୍ଜନ୍ ହିସାବରେ ଖୁବ୍ ସୁଖ୍ୟାତି ଅର୍ଜନ କରିଥିଲେ । କୃଷ୍ଣଧନ ବିଲାତରୁ ଫେରିବା ପରେ ପ୍ରାୟଶ୍ଚିତ୍ତ କ୍ରିୟା ନକରିବାରୁ କୋନନଗରରୁ ବିତାଡ଼ିତ ହୋଇଥିଲେ ଏବଂ ନିଜର ଘରବାଡ଼ି ମଧ୍ୟ ବିକ୍ରି କରି ଦେଇଥିଲେ । ଶ୍ରୀଯୁକ୍ତ ଘୋଷ ଦେଓଘରର ଋଷି ରାଜନାରାୟଣ ବୋଷଙ୍କର କନ୍ୟା ଶ୍ରୀମତୀ ସ୍ୱର୍ଣ୍ଣଲତାଙ୍କୁ ବିବାହ କରିଥିଲେ ।

ଶ୍ରୀଅରବିନ୍ଦ ଏହି ସୁବିଖ୍ୟାତ ଘୋଷ ପରିବାରରେ କୃଷ୍ଣଧନ ଘୋଷ ଓ ସ୍ୱର୍ଣ୍ଣଲତାଙ୍କର ତୃତୀୟ ପୁତ୍ର ରୂପେ ଜନ୍ମଗ୍ରହଣ କରିଥିଲେ । କୃଷ୍ଣଧନ ଘୋଷ ସମ୍ପୂର୍ଣ୍ଣ ବିଦେଶୀ ମନୋଭାବାପନ୍ନ ବ୍ୟକ୍ତି ଥିଲେ । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାକୁ ସେ ଖୁବ୍ ପସନ୍ଦ କରୁଥିଲେ । ଅନ୍ୟ ପକ୍ଷରେ ସେ ଅତ୍ୟନ୍ତ ଦୟାଳୁ ଏବଂ ଉଦାର ବ୍ୟକ୍ତି ଥିଲେ । ସେ ତାଙ୍କର ପୁତ୍ରମାନଙ୍କୁ ବିଦେଶୀ ଶିକ୍ଷାରେ ଦୀକ୍ଷିତ କରାଇବାକୁ ବରାବର ଇଚ୍ଛୁକ ଥିଲେ । ସେ ଶ୍ରୀଅରବିନ୍ଦଙ୍କୁ ଅତି ପିଲାଦିନରୁ ପାଞ୍ଚବର୍ଷ ବୟସରେ ଦାର୍ଜିଲିଙ୍ଗ୍‌ର ଲରେଟୋ କନ୍‌ଭେଣ୍ଟ୍ ସ୍କୁଲକୁ ପାଠ ପଢ଼ିବାକୁ ପଠାଇ ଦେଇଥିଲେ । ଦାର୍ଜିଲିଙ୍ଗ୍ କନ୍‌ଭେଣ୍ଟ୍ ସ୍କୁଲରେ କେବଳ ଇଂରେଜ ପିଲାମାନେହିଁ ଅଧ୍ୟୟନ କରୁଥିଲେ । ଶ୍ରୀଅରବିନ୍ଦ ସେମାନଙ୍କ ମଧ୍ୟରେ ରହି ବିଦ୍ୟା ଶିକ୍ଷା କରିବାକୁ ଲାଗିଲେ । ଏହି ସମୟରେ ଶ୍ରୀଅରବିନ୍ଦଙ୍କର ଶିକ୍ଷକଗଣ ତାଙ୍କ ବୁଦ୍ଧିମତ୍ତା ଓ ସୁମଧୁର ପ୍ରକୃତିରେ ବିଶେଷ ପ୍ରୀତ ହୋଇଥିଲେ ।

୧୮୭୯ ସାଲରେ ଡକ୍‌ଟର କୃଷ୍ଣଧନ ଘୋଷ ନିଜର ସନ୍ତାନଗଣଙ୍କୁ ବିଦେଶରେ ଶିକ୍ଷାଦେବା ନିମିତ୍ତ ସ୍ୱୀୟ ତିନି ପୁତ୍ର ବିନୟଭୂଷଣ, ମନୋମୋହନ ଓ ଅରବିନ୍ଦ ଏବଂ ପତ୍ନୀ ସ୍ୱର୍ଣ୍ଣଲତାଙ୍କୁ ସଙ୍ଗରେ ଧରି ବିଲାତ ଯାତ୍ରା କଲେ । ମାଞ୍ଚେଷ୍ଟର୍‌ରେ ଡୁଏଟ୍ ନାମକ ଏକ ଇଂରେଜ ପରିବାରରେ ତିନି ଭାଇଯାକ ବାସ କରିବାକୁ ଲାଗିଲେ ଏବଂ ସେମାନଙ୍କର ସମସ୍ତ ଭାର ଡୁଏଟ୍ ଦମ୍ପତିଙ୍କ ଉପରେ ଅର୍ପଣ କରି କୃଷ୍ଣଧନ ଘୋଷ ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ । ବିନୟଭୂଷଣ ଓ ମନୋମୋହନ ମାଞ୍ଚେଷ୍ଟର୍‌ର ଗ୍ରାମାର୍ ସ୍କୁଲରେ ବିଦ୍ୟାଧ୍ୟୟନ କଲେ । ମିଷ୍ଟର ଡୁଏଟ୍ ଏବଂ ତାଙ୍କର ପତ୍ନୀ ଶ୍ରୀଅରବିନ୍ଦଙ୍କ ବୁଦ୍ଧି ଓ ବିଚକ୍ଷଣତାରେ ମୁଗ୍ଧ ହୋଇ ତାଙ୍କୁ ଗୃହରେ ଶିକ୍ଷା ଦେବାକୁ ଲାଗିଲେ । ଡୁଏଟ୍ ସାହେବ ଲାଟିନ୍ ଭାଷାରେ ସୁପଣ୍ଡିତ ଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ଲାଟିନ୍ ଭାଷା ଅତି ଉତ୍ତମ ରୂପେ ଶିଖାଇ ଦେଲେ । ତତ୍ପରେ ୧୮୮୫ ସାଲରେ ତେର ବର୍ଷ ବୟସରେ ଲଣ୍ଡନର ସେଣ୍ଟପଲ୍ ସ୍କୁଲର ହେଡ୍‌ମାଷ୍ଟର ଶ୍ରୀଅରବିନ୍ଦଙ୍କ ଚରିତ୍ର ଏବଂ ବୁଦ୍ଧିମତ୍ତାରେ ମୁଗ୍ଧ ହୋଇ ତାଙ୍କୁ ସ୍ୱୟଂ ଗ୍ରୀକ୍ ଭାଷା ଶିଖାଇବାକୁ ଲାଗିଲେ ଏବଂ ଅଳ୍ପ ଦିନ ଭିତରେ ଉପର ଶ୍ରେଣୀମାନଙ୍କୁ ଉତ୍ତୀର୍ଣ୍ଣ କରାଇ ଦେଲେ ।

୧୮୮୯ ଖ୍ରୀଷ୍ଟାବ୍ଦରେ ଶ୍ରୀଅରବିନ୍ଦ ପ୍ରାଚୀନ ସାହିତ୍ୟରେ ପାରଦର୍ଶିତାର ସହିତ ବୃତ୍ତି ଲାଭ କରି କେମ୍ବ୍ରିଜର କିଙ୍ଗ୍‌ସ କଲେଜକୁ ପଢ଼ିବାକୁ ଗଲେ । ସେଠାରେ ସେ ଦୁଇ ବର୍ଷ କାଳ ବିଦ୍ୟାଧ୍ୟୟନ କରିଥିଲେ ।

ଶ୍ରୀଅରବିନ୍ଦ ତାଙ୍କ ସ୍କୁଲ ଜୀବନରେ ପ୍ରାଚୀନ ସାହିତ୍ୟ ଅଧ୍ୟୟନରେ ଅନେକ ସମୟ ଦେଉଥିଲେ । କିନ୍ତୁ ସେଣ୍ଟ୍‌ପଲ୍‌ରେ ଶେଷ ତିନିବର୍ଷ ଧରି ସେ ଏ ଦିଗରେ ସେତେ ନଜର ଦେଇ ନଥିଲେ । କାରଣ ସେ କ୍ଲାସର ବାହାରେ ସାଧାରଣ ପାଠ୍ୟାଭ୍ୟାସ ଦିଗରେ, ବିଶେଷତଃ ଇଂରେଜ ସାହିତ୍ୟ, କାବ୍ୟ, ଉପନ୍ୟାସ, ଫରାସୀ ସାହିତ୍ୟ ଏବଂ ଇଉରୋପର ପ୍ରାଚୀନ, ମଧ୍ୟଯୁଗ ଓ ବର୍ତ୍ତମାନ ଇତିହାସ ପଢ଼ାରେ ପ୍ରାୟ ସମସ୍ତ ସମୟ ଦେଉଥିଲେ । ଏହି ସମୟରେ ସେ ଜର୍ମାନୀ ଭାଷା, ଇଟାଲୀ ଭାଷା ଏବଂ ଅଳ୍ପ ଟିକିଏ ସ୍ପାନିସ୍ ଭାଷା କେମ୍ବ୍ରିଜ୍‌ରେ ଶିକ୍ଷା କରିଥିଲେ । ଶ୍ରୀଅରବିନ୍ଦ ଏହି ସମୟରେ ବହୁ କବିତା ଲେଖୁଥିଲେ, କାରଣ ସ୍କୁଲ ପଢ଼ାଶୁଣାରେ ତାଙ୍କୁ ଖୁବ୍ କମ୍ ସମୟ ଲାଗୁଥିଲା । ସ୍କୁଲ ପାଠ ତାଙ୍କୁ ଖୁବ୍ ସହଜ ବୋଧ ହେଉଥିଲା । ସେହି ସମୟରେ ସେ ଗୋଟିଏ ବର୍ଷ ଗ୍ରୀକ୍ ଓ ଲାଟିନ୍ କବିତା ଲେଖାରେ କିଙ୍ଗସ୍ କଲେଜର ସବୁ ପରସ୍କାର ଲାଭ କରିଥିଲେ । କେମ୍ବ୍ରିଜରେ ଶ୍ରୀଅରବିନ୍ଦ ଟ୍ରାଇପସ୍ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ବହୁ ଉଚ୍ଚ ସ୍ଥାନ ଲାଭ କରିଥିଲେ । ତା'ପରେ ତାଙ୍କର କେମ୍ବ୍ରିଜରେ ମାତ୍ର ଦୁଇ ବର୍ଷ ପଢ଼ିବାକୁ ଥିବାରୁ ସେ ବି. ଏ. ଉପାଧି ଲାଭ କରିବାକୁ ଅପେକ୍ଷା କରି ନଥିଲେ । ଦରଖାସ୍ତ କରିଥିଲେ ତାଙ୍କୁ ବି. ଏ. ଉପାଧି ମିଳି ଥାଆନ୍ତା, ମାତ୍ର ସେ ତାହା କରି ନଥିଲେ ।

୧୮୯୦ ସାଲରେ ଶ୍ରୀଅରବିନ୍ଦ ଆଇ.ସି.ଏସ୍. ପରୀକ୍ଷାରେ ଉଚ୍ଚ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହେଲେ । ସେ ଏହି ପରୀକ୍ଷାରେ ଗ୍ରୀକ୍ ଓ ଲାଟିନ୍ ଭାଷାରେ ବହୁତ ବେଶୀ ନମ୍ବର ରଖିଥିଲେ ଏବଂ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶ୍ରୀଅରବିନ୍ଦଙ୍କର କିନ୍ତୁ ଚାକିରି କରିବାକୁ ଆଦୌ ଇଚ୍ଛା ନଥିଲା କି ସେଥିପାଇଁ ଲୋଭ ମଧ୍ୟ ନଥିଲା । କିନ୍ତୁ ଏପରି ଇଚ୍ଛା ବିରୋଧରେ ତାଙ୍କର ଆତ୍ମୀୟବର୍ଗ ଘୋର ପ୍ରତିବନ୍ଧକ ଥିଲେ । ଶ୍ରୀଅରବିନ୍ଦ ଏହି ଆଇ.ସି.ଏସ୍. ଚାକିରିରୁ ଖସି ପଳାଇବାକୁ ଉପାୟ ଖୋଜୁଥିଲେ । ସେଥିପାଇଁ ଆଇ.ସି.ଏସ୍.ର ଶେଷ ପରୀକ୍ଷା ଘୋଡ଼ାଚଢ଼ାରେ ସେ ଅବହେଳା କରି ଅକୃତକାର୍ଯ୍ୟ ହେଲେ । ପୁଣି ଥରେ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସୁଯୋଗ ମିଳିଥିଲା, ମାତ୍ର ସେ ବିଳମ୍ବ କରିବାରୁ ତାଙ୍କର ନାମ ଭାରତୀୟ ସିଭିଲ୍ ସର୍ଭିସ୍ ତାଲିକାରୁ କାଟି ଦିଆଗଲା । ଅସଲ କଥା ହେଲା ଶ୍ରୀଅରବିନ୍ଦ ଏହି ଚାକିରି

କରିବାକୁ ଆଦୌ ଭଲ ପାଉ ନଥିଲେ, ସେଥିପାଇଁ ସେ ଖସି ପଳାଇବାର ବାହାନା ଖୋଜୁଥିଲେ ।

ଶ୍ରୀଅରବିନ୍ଦ ବିଲାତରେ ମୋଟ ଚଉଦ ବର୍ଷ କାଳ ଥିଲେ ଏବଂ ତାଙ୍କର ରହଣିର ଶେଷ ଆଡ଼କୁ ତାଙ୍କର ପିତା ଟଙ୍କା ପଇସା ପଠାଇବାରେ ବହୁତ ଅବହେଳା କଲେ । ଏଥିପାଇଁ ବେଳେ ବେଳେ ତିନି ଭାଇଯାକ ବହୁ କଷ୍ଟରେ ଏପରିକି ଉପବାସରେ ମଧ୍ୟ ଦିନ କଟାଇ ଥିଲେ । ତଥାପି ଶ୍ରୀଅରବିନ୍ଦ ନିଜର ବୃତ୍ତି ଯୋଗୁଁ ଏବଂ ମିତବ୍ୟୟିତା ଫଳରେ କୌଣସିମତେ ଚଳି ଯାଉଥିଲେ ।

ଶ୍ରୀଅରବିନ୍ଦଙ୍କୁ ଯେତେବେଳେ ଏଗାର ବର୍ଷ ବୟସ ସେତେବେଳେ ତାଙ୍କର ପ୍ରବଳ ବିଶ୍ୱାସ ଜନ୍ମିଲା ଯେ ଜଗତରେ ଗୋଟାଏ ବିପ୍ଳବ ଓ ବିପର୍ଯ୍ୟୟ ସମୟ ଆସୁଛି ଏବଂ ସେଥିରେ ହୁଏତ ତାଙ୍କୁ ଗୋଟାଏ ପ୍ରଧାନ ଭୂମିକା ନେବାକୁ ହେବ । ତାଙ୍କ ପିତାଙ୍କର ଚିଠିପତ୍ରରୁ ଭାରତରେ ଇଂରେଜ ଶାସନର ଯାନ୍ତ୍ରିକ ଓ ନିର୍ମମ ସ୍ୱରୂପର ଏକ ଚିତ୍ର ସେ ଦେଖିବାକୁ ପାଉଥିଲେ । ଭାରତୀୟ ସମ୍ବାଦପତ୍ରରେ ଯେଉଁଠାରେ ଇଂରେଜ କର୍ତ୍ତୃତ୍ୱ ନିର୍ଯାତନାର ବର୍ଣ୍ଣନା ଥାଏ, ତାଙ୍କ ପିତା ସେହି ସ୍ଥାନରେ ଦାଗ ଦେଇ ପଠାଇ ଦେଉଥିଲେ । ଏଥିପାଇଁ ବାଲ୍ୟକାଳରୁ ଶ୍ରୀଅରବିନ୍ଦଙ୍କ ମନରେ ଭାରତରେ ଇଂରେଜୀ ଶାସନ ବିରୋଧରେ ଗୋଟାଏ ବିଦ୍ୱେଷ ଭାବ ରହି ଆସୁଥିଲା । ସ୍ୱଦେଶର ମୁକ୍ତି ସାଧନ ନିମିତ୍ତ ହୁଏତ ସେ ଏହିଠାରୁ ସୂଚନା ପାଇଥିଲେ । କେମ୍ବ୍ରିଜ ସାହିତ୍ୟ ମଜ୍‌ଲିସ୍‌ରେ ସେ ବିପ୍ଳବାତ୍ମକ ଭାଷଣମାନ ଦେଉଥିଲେ ଏବଂ ପରେ ସେ ସେହି ମଜ୍‌ଲିସ୍‌ର ସମ୍ପାଦକ ହୋଇଥିଲେ । ଏଥିପାଇଁ ଇଂରେଜ ସରକାର ତାଙ୍କୁ ଭାରତୀୟ ସିଭିଲ୍ ସର୍ଭିସ୍‌ରେ ଅନ୍ତର୍ଭୁକ୍ତ କରାଇବାକୁ ନାରାଜ ଥିଲେ । ଏହି ସମୟରେ ଭାରତୀୟମାନଙ୍କର ଗୋଟିଏ ଗୁପ୍ତ ସମିତିରେ ସେ ବରାବର ଯୋଗ ଦେଉଥିଲେ । ଏହି ସମିତିର ନାମ ଥିଲା ''ପଦ୍ମ ଓ ତରବାରୀ'' (Lotus & Dagger) ।

ଏହି ସମିତିର ସଭ୍ୟମାନେ ପ୍ରତିଜ୍ଞା କରିଥିଲେ ଯେ ସେମାନେ ଭାରତବର୍ଷକୁ ଫେରିଗଲେ ଦେଶରୁ ବିଦେଶୀ ଶାସନ ହଟାଇବା ପାଇଁ ପ୍ରତ୍ୟେକେ ଗୋଟିଏ ଗୋଟିଏ କର୍ମଭାର ଗ୍ରହଣ କରିବେ । କିନ୍ତୁ ଏହି ସମିତି ଅନ୍ତୁଡ଼ିଶାଳରେହିଁ ମରିଗଲା ଏବଂ ସଭ୍ୟମାନେ ନିଜ ନିଜ ପଥରେ ଚାଲିଗଲେ । ବ୍ୟକ୍ତିଗତ ଭାବରେ ଯେଉଁମାନେ ଏହି ସମିତିର ପଣ ରକ୍ଷା କରିଥିଲେ ସେଥିମଧ୍ୟରୁ ଶ୍ରୀଅରବିନ୍ଦହିଁ ସର୍ବପ୍ରଧାନ ।

ଶ୍ରୀଅରବିନ୍ଦ ଯେତେବେଳେ ଆଇ.ସି.ଏସ୍. ପରୀକ୍ଷାରେ ପ୍ରତ୍ୟାଖ୍ୟାତ ହେଲେ ସେତେବେଳେ ବରୋଦାର ମହାରାଜା ଲଣ୍ଡନରେ ଥିଲେ । ସାର୍ ହେନେରୀ କଟନ୍ ନାମକ ଜନୈକ ସାହେବ ତାହାଙ୍କୁ ମହାରାଜାଙ୍କ ପାଖକୁ ନେଇ ପରିଚିତ କରାଇ ଦେଲେ । ମହାରାଜା ଶ୍ରୀଅରବିନ୍ଦଙ୍କ ବିଦ୍ୟା ବୁଦ୍ଧିରେ ମୁଗ୍ଧ ହୋଇ ତାଙ୍କୁ ବରୋଦା ଷ୍ଟେଟ୍ ସର୍ଭିସ୍‌ରେ ଯୋଗଦାନ କରିବା ପାଇଁ ଅନୁରୋଧ କଲେ ।

୧୮୯୩ ଖ୍ରୀଷ୍ଟାବ୍ଦରେ ଶ୍ରୀଅରବିନ୍ଦ ଇଂଲଣ୍ଡ ପରିତ୍ୟାଗ କରି ସ୍ୱଦେଶକୁ ବାହୁଡ଼ିଲେ । ସେତେବେଳେ ତାଙ୍କର ବୟସ ମାତ୍ର ଏକୋଇଶି ବର୍ଷ । ସେ ଚଉଦ ବର୍ଷ କାଳ ବିଦେଶରେ ରହି ପାଶ୍ଚାତ୍ୟର ସଭ୍ୟତା, ସଂସ୍କୃତି, ଇତିହାସ ସହିତ ଘନିଷ୍ଠ ଭାବରେ ପରିଚିତ ହୋଇଥିଲେ । ସେ ଏତେ ଅଳ୍ପ ଦିନରେ ଅନନ୍ୟସାଧାରଣ ପାଣ୍ଡିତ୍ୟ ଓ ମନୀଷାର ଅଧିକାରୀ ହୋଇ ଇଉରୋପର ପ୍ରଧାନ ଭାଷା ଇଂରେଜୀ, ଫ୍ରେଞ୍ଚ୍, ଜର୍ମାନ୍, ଗ୍ରୀକ୍, ଲାଟିନ୍, ସ୍ପାନିସ୍, ଇଟାଲିୟାନ୍ ପ୍ରଭୃତିରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ୟୁରୋପର କଳା ଓ ସଂସ୍କୃତିରେ ତାଙ୍କର କି ଯେ ଗଭୀର ଜ୍ଞାନ ଥିଲା, ତାହା ତାଙ୍କର ପରବର୍ତ୍ତୀ ଜୀବନରେ ଲିଖିତ ଗ୍ରନ୍ଥମାନଙ୍କରୁ ବେଶ୍ ପରିଚୟ ମିଳେ । ସ୍ଥୂଳରେ କହିବାକୁ ଗଲେ ସେ ଯେପରି ଏହି ଚଉଦ ବର୍ଷ କାଳ ପାଶ୍ଚାତ୍ୟ ଦେଶରେ ରହି ପାଶ୍ଚାତ୍ୟର ସମସ୍ତ ପ୍ରତିଭାର ଅକ୍ଷୟ ଭଣ୍ଡାରକୁ ନିଜର କରି ନେଇଥିଲେ ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୫୪-୩୫୮) ❑

ଏ ବିଷୟରେ ନିଶ୍ଚିତ ହୁଅ ଯେ ତୁମର କର୍ମ ଓ ତୁମର ସାଧନାରେ ତୁମକୁ ପଥ ପ୍ରଦର୍ଶନ ଓ ସହାୟତା କରିବା ଲାଗି ମୁଁ ନିରନ୍ତର ତୁମ ମେଳରେ ଉପସ୍ଥିତ ରହିଛି ।

ମୋର ଆଶୀର୍ବାଦ ସହ ।

— ଶ୍ରୀମା

# ବିନ୍ଦୁରେ ସେ ମହାସିନ୍ଧୁ

## ସୁନାମଣି ରାଉତ

"Above all preferences we want to be at the service of the Divine."

(MCW, Vol. 14, p. 104) – The Mother

''ସମସ୍ତ ଅଭିରୁଚିର ଊର୍ଦ୍ଧ୍ୱରେ ଆମେ ଚାହୁଁ ଦିବ୍ୟ ପରମ ସତ୍ତାଙ୍କର ସେବାରେହିଁ ନିୟୋଜିତ ହୋଇ ରହିବୁ ।''

– ଶ୍ରୀମା

[ଶ୍ରୀମା'ଙ୍କ ଉପରୋକ୍ତ ଉକ୍ତିକୁ ଆଧାର କରି '**ବିନ୍ଦୁରେ ସେ ମହାସିନ୍ଧୁ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଏଇ ଦୁନିଆର ବିପଣୀରେ ଆମେ
ଜଣେ ଜଣେ ମୁଗ୍ଧ କ୍ରେତା,
କିଏ କହେ ଆମେ ଏ ରଙ୍ଗମଞ୍ଚରେ
ଅଭିନେତ୍ରୀ, ଅଭିନେତା ।।୧।।

ପାର୍ଥିବ ସଂସାରେ ରୂପ ରସ ଛନ୍ଦେ
ପଞ୍ଚ ଇନ୍ଦ୍ରିୟ ଯେ ଛନ୍ଦା,
ଦୃଶ୍ୟ, ଶ୍ରାବ୍ୟ, ସ୍ୱାଦ, ଘ୍ରାଣ, ସ୍ପର୍ଶେ ଆମ
ମଣିଷ ପ୍ରକୃତି ବନ୍ଧା ।।୨।।

ଭୌତିକ କାମନା ପାର୍ଥିବ ସୋହାଗ
ଆମକୁ କରିଛି ବଶ,
ଇନ୍ଦ୍ରିୟ ଲାଳସା ଚରିତାର୍ଥ ହେଲେ
ଫୁଟଇ କୃତ୍ରିମ-ହସ ।।୩।।

ସେ ହସ ଅଟଇ ଅଳୀକ କ୍ଷଣିକ
ବୁଦ୍‌ବୁଦ ପରାଏ ସ୍ଥିତି,
ଅପ୍ରାପ୍ତିରେ ଆସେ ଦୁଃଖ, ନିର୍ଯାତନା
ଶୋକ, ଅନୁତାପ, ଭୀତି ।।୪।।

ଏସବୁ ଊର୍ଦ୍ଧ୍ୱରେ ରହିଛନ୍ତି ପରା
ଦିବ୍ୟ ପରମଙ୍କ ସତ୍ତା,
ଅଦୃଶ୍ୟ, ଅବୋଧ, ଅଜ୍ଞେୟ ହେଲେ ବି
ସିଏ ନିତ୍ୟ ତ୍ରାଣକର୍ତ୍ତା ।।୫।।

ସେଇ ତ୍ରାଣକର୍ତ୍ତା ସତ୍ୟ, ଶିବ ପୁଣି
ସୁନ୍ଦରର ପ୍ରତିଛବି,
ତାଙ୍କ ସ୍ତୁତି ଗୀତି ଗାଇଛନ୍ତି ବେଦ,
ଉପନିଷଦ୍‌ର କବି ।।୬।।

ପାର୍ଥିବ ମୋହକୁ ବିସର୍ଜି କରିବା
ସେ ଦିବ୍ୟ ପରମ ସେବା,
ସବୁ କର୍ମ ଧର୍ମ ସମର୍ପି ତା'ଠାରେ
ସତ୍ୟ ଅନୁରାଗୀ ହେବା ।।୭।।

ସେହି ଯେ ପରମ ସତ୍ୟ ଚିରନ୍ତନ
ଶାଶ୍ୱତ ଓଁକାର ବିନ୍ଦୁ,
ଅନୁଭବୀ ଏକା ଅନୁଭବ କରେ
ବିନ୍ଦୁରେ ସେ ମହାସିନ୍ଧୁ ।।୮।। ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୧୦୪)

ମହେନ୍ଦ୍ରନାଥ ସ୍ୱାଇଁ

**ଦିବ୍ୟ-କରସ୍ପର୍ଶ :**

ମାର୍ଚ୍ଚ ୧୩, ୧୯୧୪ ପ୍ରାର୍ଥନାଟିରେ ମା' ଲେଖିଛନ୍ତି –

"HOW many different levels there are in consciousness ! This word should be reserved for what is illumined in a being by Thy Presence, is identified with Thee and partakes of Thy absolute Consciousness, for that which has knowledge, that which is "perfectly awakened", as the Buddha says.

"Outside this state there are infinite grades of consciousness, going right down to complete darkness, the veritable inconscience which may be a domain yet untouched by the light of Thy divine Love (but this seems improbable in physical substance), or which is, for some kind of reason of ignorance, outside our individual range of perception."

(Prayers and Meditations, p. 97)

''ଚେତନାର ସତେ କେତେ ବହୁବିଧ ସ୍ତର ରହିଛି ! ସତ୍ତା ଭିତରେ ଯାହାକିଛି ଆଲୋକିତ ହୋଇଛି ତୁମର ଦିବ୍ୟ ଉପସ୍ଥିତି ଦ୍ୱାରା ଏବଂ ତୁମର ସମ୍ପୂର୍ଣ୍ଣ ଅଦ୍ୱିତୀୟ ଦିବ୍ୟ ଚେତନା ସହିତ ଅଂଶ ଗ୍ରହଣପୂର୍ବକ କାର୍ଯ୍ୟ କରି ଚାଲିଛି, ସେହି କାରଣରୁ ଯାହାର ଦିବ୍ୟ ଜ୍ଞାନ ଅଛି ଯାହା ବୁଦ୍ଧଙ୍କ କଥାରେ ''ସମ୍ୟକ୍ ସଂବୁଦ୍ଧ'', ଅର୍ଥାତ୍ ପୂର୍ଣ୍ଣ ଜାଗ୍ରତ୍ ।

''ଏହି ଅବସ୍ଥାର ବହିର୍ଦ୍ଦେଶରେ ଚେତନାର ଅସୀମ ସ୍ତର ରହିଛି, ଏହା ସିଧାସଳଖ ନିମ୍ନକୁ ସମ୍ପୂର୍ଣ୍ଣ ଅନ୍ଧକାର, ବିଭିନ୍ନ ପ୍ରକାରର ଅଚେତନା ଭିତରକୁ ଲମ୍ବି ଆସିଛି ଯାହା ଏପରି ଏକ ଅଞ୍ଚଳ (domain) ଯାହାକୁ ତୁମ ଦିବ୍ୟ-ପ୍ରେମର ଜ୍ୟୋତିଃ ଏପର୍ଯ୍ୟନ୍ତ ସ୍ପର୍ଶ ଲାଭ କରିପାରି ନାହିଁ (କିନ୍ତୁ ଏହା ସ୍ଥୂଳ ଉପାଦାନମାନଙ୍କ ପକ୍ଷରେ ସମ୍ଭବତଃ ଅସମ୍ଭବ ପ୍ରତୀୟମାନ ହେଉଛି), ଅଥବା ଏହା ଏପରି ଏକ ବସ୍ତୁ ଯାହା ଅଜ୍ଞାନତାର ବିଶେଷ କାରଣ ଯୋଗୁଁ ବ୍ୟକ୍ତିଗତ ଧାରଣାର ବାହାରେ ରହିଥାଇପାରେ ।''

ତତ୍ପରେ ପ୍ରାର୍ଥନାଟିର ତୃତୀୟ ଓ ଚତୁର୍ଥ ଅନୁଚ୍ଛେଦରେ ମା' ଲେଖୁଛନ୍ତି –

"This is, however, only a way of speaking, and a very incomplete one; for when the being becomes aware of Thy presence and is identified with Thy consciousness, it is conscious in all things and everywhere. But the fleeting duration of this supreme consciousness can be explained only by the complexity of the elements of the being, by their unequal illumination and by the fact that they enter into activity successively. It is, moreover, because of this successive activity that they can gradually become aware of themselves as a result of their experiences, both objective and subjective (which are really one and the same), that is, discover Thee in their unfathomable essence.

"The subconscient is the intermediate zone between precise perception and ignorance, total darkness; it is probable that most beings, even human beings, live constantly in this subconscient; few emerge from it. This is the conquest that is to be made; for to be conscious in the true sense of the word is to be Thyself integrally; and is not

this the very definition of the work to be accomplished, the mission to be fulfilled upon earth ?" (Prayers and Meditations, p. 97 - 98)

''ସେ ଯାହାହେଉ, ଏହା କେବଳ କଥା କହିବାର ଏକ ଢଙ୍ଗ, ଏବଂ ଅତ୍ୟନ୍ତ ଅସମ୍ପୂର୍ଣ୍ଣ ଏକ ଅବସ୍ଥା; କାରଣ ଯେତେବେଳେ ସତ୍ତା ତୁମର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ ହୋଇଉଠେ ଏବଂ ତୁମର ଦିବ୍ୟ-ଚେତନା ସହିତ ଏକୀଭୂତ ହୋଇଯାଏ, ସେତେବେଳେ ତାହା ସର୍ବତ୍ର ଏବଂ ସର୍ବ ବସ୍ତୁ ସମ୍ବନ୍ଧରେ ସଚେତନ ହୋଇ ଉଠେ । କିନ୍ତୁ ଏହି ପରା-ଚେତନା କ୍ଷଣସ୍ଥାୟୀ କିନ୍ତୁ ଆମ୍ଭମାନଙ୍କ ସତ୍ତାର ଉପାଦାନମାନଙ୍କର ଜଟିଳତାକୁ ନେଇହିଁ ଏହାକୁ ବୁଝାଇ ଦିଆଯାଇପାରେ କାରଣ ସେହିସବୁ ଉପାଦାନ ସମାନଭାବେ ପ୍ରଦୀପ୍ତ ନୁହଁନ୍ତି ଏବଂ ବାସ୍ତବତଃ ସେମାନେ ଗୋଟିଏ ପରେ ଗୋଟିଏ ସକ୍ରିୟ ହୋଇଥା'ନ୍ତି, ଏକସଙ୍ଗେ ନୁହେଁ । ଅଧିକନ୍ତୁ ଏହି ପ୍ରକାରର ନିରବଚ୍ଛିନ୍ନ କାର୍ଯ୍ୟକଳାପ ଯୋଗୁଁ ସେମାନେ କ୍ରମଶଃ ସେମାନଙ୍କ ସମ୍ପର୍କରେ ନିଜେ ନିଜେ ସଚେତନ ହୋଇ ଉଠିଥା'ନ୍ତି; ସେମାନଙ୍କର ଅନୁଭୂତିର ପରିଣାମସ୍ୱରୂପ, ସେମାନେ ଉଭୟ ବହିର୍ମୁଖୀ (objective) ବା ଅନ୍ତର୍ମୁଖୀ (subjective) ହୋଇ ଯାଇଥା'ନ୍ତି (ବାସ୍ତବତଃ, ସେ ଦୁଇଟି ଯଦିଓ ଏକ ଓ ଅଭିନ୍ନ), ତାହାର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ଥଳକୂଳହୀନ ଚେତନାର ସାରକଥା ଭିତରେ ତୁମକୁ ଆବିଷ୍କାର କରିବା ।

''ଅବଚେତନା ହେଉଛି ଯଥାଯଥ ପ୍ରତ୍ୟକ୍ଷ ବୋଧ ଏବଂ ଅଜ୍ଞାନତାର ମଧ୍ୟସ୍ଥଳସ୍ଥ ଏକ ଅଞ୍ଚଳ ଯାହା ପୂର୍ଣ୍ଣ ଅନ୍ଧକାର; — ଏ ଦୁଇଟିର ମଧ୍ୟବର୍ତ୍ତୀ ରାଜ୍ୟରେ ସମ୍ଭବତଃ ଅଧିକାଂଶ ସତ୍ତାମାନେ, ଏପରିକି ମଣିଷମାନେ ମଧ୍ୟ ଏହି ଅବଚେତନ ଅଞ୍ଚଳରେ ସର୍ବଦା ବାସ କରନ୍ତି; ଅଳ୍ପ କେତେକ ସତ୍ତାହିଁ ଏହା କବଳରୁ ମୁକ୍ତ ହୁଅନ୍ତି । ଏହାହିଁ ହେଉଛି 'ବିଜୟ' ଯାହାକୁ ଆମକୁ ହାସଲ କରିବାକୁ ପଡ଼ିବ; କାରଣ ସଚେତନ ଶବ୍ଦର ପ୍ରକୃତ ଅର୍ଥ ହେଉଛି ପୂର୍ଣ୍ଣ ଭାବରେ ତୁମ ପରି ହୋଇଯିବା; ଏବଂ ଏହା କ'ଣ କାର୍ଯ୍ୟ ସମ୍ପାଦନର ପ୍ରକୃତ ସଂଜ୍ଞା ନୁହେଁ ? ଏହା ପୃଥିବୀ ବକ୍ଷରେ ଦିଆଯାଇଥିବା କର୍ମ ସମ୍ପାଦନର ଧାରାବାହିକ କାର୍ଯ୍ୟ ନୁହେଁ କି ?''

"Deliver us, O Lord, from darkness; grant that we may become perfectly awake. ...

"Sweet Master of Love, grant that all my consciousness may be concentrated in Thee so that I may live only by love and light and that love and light may radiate through me and awaken in all on our journey; may this physical journey be like a symbol of our action and may we leave everywhere a trace of Thee like a trail of light and love.

"O divine Master, eternal Teacher, Thou livest in all things, in all beings, and Thy love bursts upon the sight of even the most ignorant. Grant that all may become aware of it in the depths of their being and that hatred may disappear for ever from their hearts.

"My ardent gratitude rises to Thee like a tireless chant." (Prayers and Meditations, p. 98)

''ହେ ପ୍ରଭୁ, ଆମକୁ ଅନ୍ଧକାରରୁ ମୁକ୍ତି ଦିଅ; ଏହି ବର ପ୍ରଦାନ କର ଯେପରି ଆମେ ସମ୍ପୂର୍ଣ୍ଣ ରୂପେ ଜାଗ୍ରତ୍ ହୋଇ ଉଠିବୁ । ...

''ହେ ଦିବ୍ୟ ପ୍ରେମର ମଧୁମୟ ସ୍ୱାମୀ, ମୋତେ ଏହା ପ୍ରଦାନ କର ଯେପରି ମୋର ସମଗ୍ର ଚେତନା ତୁମ ପ୍ରତି ଏକାଗ୍ର ହୋଇ ରହୁ, ଫଳତଃ ମୁଁ କେବଳ ତୁମର ପ୍ରେମ ଏବଂ ଆଲୋକକୁ ଆଶ୍ରା କରି ଜୀବନ ନିର୍ବାହ କରିପାରିବି । ସେହି ପ୍ରେମ ଓ ଆଲୋକ ମୋ' ମାଧ୍ୟମରେ ବିଚ୍ଛୁରିତ ହେଉ ଏବଂ ଆମ ଯାତ୍ରାପଥରେ ସମସ୍ତଙ୍କ ହୃଦୟରେ ଜାଗ୍ରତ୍ ହୋଇଉଠୁ; ଏହି ସ୍ଥୂଳ ଯାତ୍ରା ଆମ କର୍ମର ପ୍ରତୀକ ରୂପେ ପ୍ରତିଭାତ ହେଉ ଏବଂ ଆମେ ସର୍ବତ୍ର ତୁମର ଚିହ୍ନ ଛାଡ଼ିଦେଇ ଯାଉ ତୁମର ଦିବ୍ୟାଲୋକ ଏବଂ ଦିବ୍ୟ ପ୍ରେମର ପ୍ରତୀକ ଭାବରେ ।

''ହେ ଦିବ୍ୟ ଅଧୀଶ୍ୱର, ଶାଶ୍ୱତ ଗୁରୁ, ତୁମେ ସମସ୍ତ ଜିନିଷ ଓ ସମସ୍ତ ସତ୍ତାମାନଙ୍କ ଭିତରେ ବାସ କରୁଛ; ଏବଂ ତୁମର ପ୍ରେମ ସବୁଠାରୁ ଅଜ୍ଞାନତମ ବ୍ୟକ୍ତିର ଦୃଷ୍ଟିରେ ବି ପରିସ୍ଫୁଟ ହେଉ । ଏହି ବର ପ୍ରଦାନ କର ଯେପରି ସମସ୍ତେ ଏ ବିଷୟରେ ସଚେତନ ହୋଇଉଠନ୍ତୁ ସେମାନଙ୍କ ସତ୍ତାର ଗଭୀରତାରେ ଏବଂ ସେମାନଙ୍କ ହୃଦୟରୁ ଘୃଣା ଚିରକାଳ ପାଇଁ ଅନ୍ତର୍ଦ୍ଧାନ ହୋଇଯାଉ ।

''ମୋର ଦୃଢ଼ କୃତଜ୍ଞତା ତୁମ ପାଖକୁ ଉଠିଚାଲିଛି ଏକ କ୍ଳାନ୍ତିହୀନ ମନ୍ତ୍ର ଉଚ୍ଚାରଣ ସଦୃଶ ।''

ଦିବ୍ୟ ଜନନୀ ଶ୍ରୀମାଙ୍କର ଜଳଯାତ୍ରାର ସମୟ ସ୍ଥୂଳ ଭାବରେ ହେଉ ଅଥବା ଆଧ୍ୟାତ୍ମିକ ଭାବରେ ହେଉ ପ୍ରତ୍ୟେକଟି ଦିବସ ଏକ ଅଗ୍ରଗାମୀ ପଦକ୍ଷେପ; ଯାହା ଲକ୍ଷ୍ୟସ୍ଥଳ ଆଡ଼କୁ ତାଙ୍କୁ ନେଇ ଯାଉଛି । ୧୯୧୪ ମସିହା ମାର୍ଚ୍ଚ ମାସ ୧୦ ଏବଂ ୧୨ ତାରିଖରେ ମା' ପ୍ରଭୁଙ୍କର ଦିବ୍ୟ ପ୍ରଶାନ୍ତି ନିମନ୍ତେ ପ୍ରାର୍ଥନା କରିଛନ୍ତି ଏବଂ ସେହି ପ୍ରଶାନ୍ତିକୁ ତାଙ୍କ ଚତୁଃପାର୍ଶ୍ୱରେ ତଥା ଅଦୂରରେ ରହିଥିବା, ରୂପ ଗ୍ରହଣ କରିଥିବା, ଏପରିକି ଗ୍ରହଣ ନକରିଥିବା ରୂପମାନଙ୍କୁ ତଥା ଜାଣିଥିବା ଏବଂ ନଜାଣିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସେହି ପ୍ରଶାନ୍ତିକୁ ଯେତେଦୂର ସମ୍ଭବ ସେ ସେମାନଙ୍କ ଭିତରେ ପ୍ରବେଶ କରାଇ ଦେବା ପାଇଁ ପ୍ରୟାସରତ । କିନ୍ତୁ ଆଲୋଚ୍ୟ ମାର୍ଚ୍ଚ ୧୩, ୧୯୧୪ ପ୍ରାର୍ଥନାଟିରେ ମା' ପ୍ରଶାନ୍ତି ଠାରୁ ଚେତନା, ଆଲୋକ ଏବଂ ପ୍ରେମ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆମେ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦ ପାଠ କଲେ ଆମର ଦୃଷ୍ଟି ପଥାରୂଢ଼ ହେବ ଦୁଇଟି ଅପୂର୍ବ ଖଣ୍ଡ ବାକ୍ୟ । ପ୍ରଥମଟି ହେଲା 'complete darkness' ଓ ଦ୍ୱିତୀୟଟି ହେଲା 'veritable inconscience' ଏବଂ ଜଡ଼ ଭିତରେ ଦିବ୍ୟ ଚେତନାର ଉପସ୍ଥିତିର ଧାରଣା । ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କ ରଚିତ ଗ୍ରନ୍ଥମାନଙ୍କରେ ଏହି ତଥ୍ୟକୁ ବିଭିନ୍ନ ସ୍ଥାନରେ ପ୍ରକାଶ କରିଛନ୍ତି । କିନ୍ତୁ ସେହି ସତ୍ୟକୁ 'ଧ୍ୟାନ ଓ ପ୍ରାର୍ଥନା'ରେ ଏକ ଛନ୍ଦବଦ୍ଧ କବିତାର ଭାଷାରେ ଭକ୍ତି ରସାପ୍ଲୁତ ସ୍ରୋତ ପ୍ରବାହ ଭିତରେ ଦିବ୍ୟ ଜନନୀ ଶ୍ରୀମା ଆମ ପାଖରେ ପହଞ୍ଚାଇ ଦେଇଛନ୍ତି । ଏହା ପାଠ କଲେ ମନେହୁଏ ଯେପରି ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦ ବହୁ ପୂର୍ବରୁ ପରସ୍ପରଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି ଏବଂ ଏକତ୍ର ଉପବେଶନପୂର୍ବକ ଅତିମାନସ ରୂପାନ୍ତର ଯୋଗ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏ ସମସ୍ତ ଲେଖିଛନ୍ତି । ନିଶ୍ଚେତନାର ଗଭୀରତାରେ, ସମ୍ପୂର୍ଣ୍ଣ ଘନ ତମିସ୍ରା ଗର୍ଭରେ ସେ ଦିବ୍ୟ ଚେତନାର ବୀଜଟିଏ ବପନ କରିଛନ୍ତି । ତତ୍ପରେ 'veritable inconscience', ଅର୍ଥାତ୍ ପ୍ରାମାଣିକ ଅଚେତନାର କଥା – ଅଚେତନତା ସର୍ବତ୍ର ବିଦ୍ୟମାନ, ଏହା ସତ୍ୟସିଦ୍ଧ । ଏହା ଏକ ପ୍ରାମାଣିକ, ବାସ୍ତବିକ ସତ୍ୟ ଅଟେ । ଏହି ପ୍ରାମାଣିକ ଅଚେତନାର ଅନ୍ଧକାର ଭିତରେ ଦିବ୍ୟ ଚେତନାର ଆଲୋକ ପ୍ରବେଶ କରାଇ ତାକୁ ରୂପାନ୍ତର କରି ଅସଲ, ବିଶୁଦ୍ଧ, ବାସ୍ତବିକ ରୂପପ୍ରଦାନ କରିବାର ଉପାୟକୁ ଦିବ୍ୟ ଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାଟିରେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନିମ୍ନରେ ପ୍ରଦତ୍ତ ଘଟଣାଟିକୁ ଆଲୋଚନା କଲେ ଦିବ୍ୟ ଜନନୀ ଘନକୃଷ୍ଣ ଅନ୍ଧକାର ଭିତରେ କିପରି ଦିବ୍ୟ-ଚେତନାର ଜ୍ୟୋତିଃ ପ୍ରବେଶ କରାଇ ଦିଅନ୍ତି ତାହା ସ୍ପଷ୍ଟ ହୋଇଯିବ –

ଉତ୍ତର ପ୍ରଦେଶର ଲକ୍ଷ୍ନୌ ସହରରେ ରହୁଥିବା 'ଡି' ନାମକ ଜନୈକ ସାଧକ-ଭକ୍ତ ୧୯୬୯ ମସିହା ମାର୍ଚ୍ଚ ମାସରେ ତାଙ୍କ ମା ଏବଂ ଅନ୍ୟ କେତେଜଣ ଛାତ୍ରଛାତ୍ରୀମାନଙ୍କ ସହିତ ପ୍ରଥମ ଥର ପଣ୍ଡିଚେରୀ ଆଶ୍ରମକୁ ଆସିଥିଲେ । ଆଶ୍ରମରେ ଶ୍ରୀମାଙ୍କର ପ୍ରଥମ ଦର୍ଶନରେ ସେ ଦିବ୍ୟ ଜନନୀଙ୍କ କରୁଣାର ବଳୟରେ ଆବଦ୍ଧ ହୋଇ ଯାଇଥିଲେ '(This one visit put him into the Mother's orbit)' । 'ଡି' ୧୯୭୦ ମସିହାରେ ଶ୍ରୀଅରବିନ୍ଦ ସୋସାଇଟିରେ ଯୋଗ ଦେଇଥିଲେ । ଯେତେବେଳେ ତାଙ୍କ ନିଜ ରାଜ୍ୟ ପାଇଁ 'ଶ୍ରୀଅରବିନ୍ଦ ଜନ୍ମ ଶତବାର୍ଷିକୀ' ପାଳନ ଉଦ୍ଦେଶ୍ୟରେ ସରକାରୀ ଏବଂ ବେସରକାରୀ କମିଟିସବୁ ଗଢ଼ାଗଲା, ସମସ୍ତ ରାଜ୍ୟ କମିଟିରେ 'ଡି'ଙ୍କୁ ସମ୍ପାଦକ ଭାବରେ ନିର୍ବାଚିତ କରାଯାଇଥିଲା ।

ସେହି ଦିବ୍ୟକୃପା ଏବଂ ଆନନ୍ଦମୟ ଶୁଭ-ସମ୍ବତ୍ସର ସମୟ ୧୯୭୨ରେ ଆସି ଉପସ୍ଥିତ ହେଲା । ମା'ଙ୍କର ନିର୍ଦ୍ଦେଶ ଥିଲା ଯେଉଁମାନେ ଭାରତବର୍ଷର ବିଭିନ୍ନ ରାଜ୍ୟମାନଙ୍କରେ 'ଶତବାର୍ଷିକୀ' ଉତ୍ସବ ପାଳନର ଦାୟିତ୍ୱରେ ଅଛନ୍ତି ସେମାନେ ସେହି ସମୟରେ ପଣ୍ଡିଚେରୀ ଆସିବାକୁ ଚେଷ୍ଟା କରିବେ ନାହିଁ । ଯଦିଓ 'ଡି' ଆଶ୍ରମରେ ଅନୁଷ୍ଠିତ ହେଉଥିବା ଏହି ପବିତ୍ର ଉତ୍ସବରେ ଯୋଗଦେବା ନିମନ୍ତେ ପ୍ରସ୍ତୁତ ହୋଇ ସାରିଥିଲେ, ମାତ୍ର ମା'ଙ୍କ ନିର୍ଦ୍ଦେଶ ପ୍ରାପ୍ତ ହେଲା ପରେ ସେଥିରୁ ବିରତ ହେଲେ ଏବଂ ମା'ଙ୍କର ନିର୍ଦ୍ଦେଶକୁ ଆନନ୍ଦର ସହିତ ନତମସ୍ତକ ହୋଇ ଗ୍ରହଣ କରିନେଲେ ।

'ଡି' ୧୯୬୯ ମସିହାରେ ଯେତେବେଳେ ମା'ଙ୍କୁ ପ୍ରଥମେ ଦର୍ଶନ କରିଥିଲେ ସେତେବେଳେ ତାଙ୍କ ହୃଦୟ ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଯାଇଥିଲା । ସେହି ସମୟରେ ମା' ପ୍ରତ୍ୟହ ସକାଳେ ବାଲ୍‌କୋନିରେ ଦଣ୍ଡାୟମାନ ହୋଇ ଦର୍ଶନ ଦେଉଥିଲେ; ତତ୍ପରେ ଉପରଓଳି ଟେନିସ୍ ଗ୍ରାଉଣ୍ଡକୁ ଯାଉଥିଲେ ଏବଂ ସେଠାରୁ ସିଧା ଆସୁଥିଲେ ପ୍ଲେ-ଗ୍ରାଉଣ୍ଡକୁ । କିନ୍ତୁ ସେପର୍ଯ୍ୟନ୍ତ 'ଡି' ବ୍ୟକ୍ତିଗତ ଭାବେ ମା'ଙ୍କ ଦିବ୍ୟ ସ୍ପର୍ଶ ଓ ଆଶୀର୍ବାଦ ଲାଭର ସୁଯୋଗ ପ୍ରାପ୍ତ କରି ପାରି ନଥିଲେ । ବର୍ତ୍ତମାନ ସେହି ଦିବ୍ୟ ମୁହୂର୍ତ୍ତ ଆସି ଉପସ୍ଥିତ ହେଲା,

ଯେତେବେଳେ ମା' ତାଙ୍କ ମସ୍ତକ ଉପରେ ଦିବ୍ୟ କରସ୍ପର୍ଶ-ପୂର୍ବକ କୋମଳ ହସ୍ତଦ୍ୱୟକୁ ସ୍ଥାପନ କଲେ । ତାଙ୍କର ସମଗ୍ର ଶରୀରରେ ଏକ ଅପୂର୍ବ ଦିବ୍ୟ ଶିହରଣ ସୃଷ୍ଟି ହେଲା "moved by the softness" । ଏହି ସ୍ପର୍ଶ କ'ଣ ତାନ୍ତ୍ରିକମାନଙ୍କର 'ଶକ୍ତିପଦ' ସ୍ପର୍ଶ ? ତାନ୍ତ୍ରିକ ଗୁରୁମାନେ ଶିଷ୍ୟମାନଙ୍କ ଭିତରେ ଥିବା କୁଣ୍ଡଳିନୀ ଶକ୍ତି ଜାଗ୍ରତ୍ କରାଇବା ନିମନ୍ତେ ସେମାନଙ୍କ କପାଳକୁ ସ୍ପର୍ଶ କରି ଯେଉଁ ଶକ୍ତି ପ୍ରବେଶ କରାଇଥା'ନ୍ତି ତାହା ହେଉଛି 'ଶକ୍ତିପଦ' ସାଧନା । ଦିବ୍ୟ ଜନନୀଙ୍କର ସେହି ଦିବ୍ୟ-କୋମଳ ସ୍ପର୍ଶ 'ଡି'ଙ୍କ ଆନ୍ତର ଚେତନାରେ ସବୁଦିନ ପାଇଁ ରହିଗଲା ।

ନଭେମ୍ବର ୧୯୭୩, ୧୭ ତାରିଖରେ ମା'ଙ୍କର ଶରୀର ରକ୍ଷା ବିଷୟରେ ସମ୍ବାଦ ଶ୍ରବଣ କରି 'ଡି' ତତ୍କ୍ଷଣାତ୍ ପଣ୍ଡିଚେରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । କିନ୍ତୁ ସେ ପହଞ୍ଚିଲା ବେଳକୁ ୨୦ ତାରିଖ ହୋଇ ଯାଇଥିଲା, ମା'ଙ୍କର 'ମହାସମାଧି' କାର୍ଯ୍ୟ ସମ୍ପନ୍ନ ହୋଇ ସାରିଥିଲା । ସେ ସମାଧି ପାଖରେ ବସିଥିବା ସମୟରେ ମା' ସଶରୀରେ ତାଙ୍କ ସମ୍ମୁଖରେ ଆବିର୍ଭାବ ହେଲେ ଏବଂ କହିଲେ, "I have not departed. I have entered deep into the earth consciousness to speed up the work." ଅର୍ଥାତ୍ ''ମୁଁ ତୁମମାନଙ୍କୁ ଛାଡ଼ି କୁଆଡ଼େ ଯାଇ ନାହିଁ । ମୁଁ ପୃଥିବୀ ଚେତନାର ଅଭ୍ୟନ୍ତରର ଗଭୀରକୁ ପ୍ରବେଶ କରିଛି – କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ପାଇଁ ।'' ପରବର୍ତ୍ତୀ ସମୟରେ ଜନକ ନନ୍ଦିନୀ ସୀତା ଯେ କି ତ୍ରେତୟା ଯୁଗରେ ମାତୃଶକ୍ତି ରୂପରେ ଅବତାର ଗ୍ରହଣ କରି ଭୂଗର୍ଭକୁ ପ୍ରବେଶ କରି ଯାଇଥିଲେ, ସେହି ଦୃଶ୍ୟ ପ୍ରତୀକାତ୍ମକ ଭାବରେ ତାଙ୍କ ଚକ୍ଷୁ ସମକ୍ଷରେ ଭାସି ଭାସି ଚାଲି ଯାଉଥିଲା । ମାତୃ-ଶକ୍ତି ଯେ କି ନିଶ୍ଚେତନାର ଗଭୀର ଗର୍ଭକୁ ପ୍ରବେଶ କରି ସେହି ସମୟରୁ ତାହା ଭିତରେ ଦିବ୍ୟ ଆଲୋକ ପ୍ରବେଶ କରାଉଛନ୍ତି ସେକଥା ସେ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଲେ ।

'ଡି' ଅଧିକାଂଶ ସମୟରେ ତାଙ୍କର ଦିବ୍ୟ ଦୃଷ୍ଟି ଏବଂ ମା'ଙ୍କ ସହିତ ସୂକ୍ଷ୍ମ-ସମ୍ପର୍କ ଯୋଗୁଁ ତାଙ୍କ ଜାପାନ ରହଣି-କାଳରେ ଯେଉଁ ପୋଷାକପତ୍ରସବୁ ପରିଧାନ କରୁଥିଲେ ସେହି ରୂପରେ ସେ ଶ୍ରୀମାଙ୍କୁ ଦର୍ଶନ କରୁଥିଲେ ଏବଂ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୯୨୦ ସମୟର ରୂପକଳ୍ପ ଦର୍ଶନ କରୁଥିଲେ । ଏକଦା ସେ ଦେଖିବାକୁ ପାଇଲେ, ଶ୍ରୀମା ଏକ ଶୁଭ୍ର ମୟୂର ଉପରେ ଆସୀନା ଏବଂ ମୟୂରଟି ଆନନ୍ଦରେ ପୃଥିବୀ ବକ୍ଷରେ ବିଚରଣରତ । ସେ ନଳିନୀଦା'ଙ୍କୁ ଏହି ସ୍ୱପ୍ନ ବିଷୟରେ ଲେଖିଥିଲେ । ନଳିନୀଦା' ଉତ୍ତରରେ ଲେଖିଥିଲେ, ''ଏହି ଦୃଶ୍ୟ ପୃଥିବୀପୃଷ୍ଠରେ ମା'ଙ୍କର ବିଜୟର ପ୍ରତିନିଧିତ୍ୱ କରୁଛି ।''

ପିଲାଦିନରୁ 'ଡି' ''ଓଁ ନମୋ ଭଗବତେ ବାସୁଦେବାୟ'' – ଏହି ମହାମନ୍ତ୍ର ଜପ କରୁଥିଲେ । ମହାମନ୍ତ୍ର ଜପର ପ୍ରଭାବରେ ସେ ଅସଂଖ୍ୟ ସାଧୁସନ୍ଥଙ୍କୁ ସ୍ୱପ୍ନରେ ଦର୍ଶନ କରୁଥିଲେ । ୧୯୭୨ ମସିହା ପରେ ତାଙ୍କ ଜୀବନରେ ଏକ ଅଦ୍ଭୁତ ପରିବର୍ତ୍ତନ ଘଟିଲା । ପ୍ରଭୁ ଶ୍ରୀଅରବିନ୍ଦ ଦେଇଥିବା ମନ୍ତ୍ରସବୁର ପରିବର୍ତ୍ତିତ ରୂପସକଳ ତାଙ୍କ ଭିତରକୁ ଅବତରଣ କରୁଥିବାର ଅନୁଭବ ତାଙ୍କର ହେଲା । ବେଳେବେଳେ ମନ୍ତ୍ରଗୁଡ଼ିକ ଏକାବେଳକେ ବନ୍ୟା ଜଳ ପରି ତାଙ୍କ ଭିତରକୁ ପ୍ରବେଶ କରୁଥିଲା । ଏହି ସମସ୍ତ ବିଷୟକୁ ସେ ଆଶ୍ରମର ଜନୈକା ସାଧିକାଙ୍କ ଆଗରେ ପ୍ରକାଶ କଲେ । ସାଧିକା ସବୁକଥା ନଳିନୀଦା'ଙ୍କୁ ଜଣାଇଲେ । ସବୁ ଶୁଣି ସାରିଲା ପରେ ନଳିନୀଦା' କହିଲେ, "Let things come. Do not disturb them. They will stop by themselves." ''ଯାହା ଆସୁଛି ତାକୁ ଆସିବାକୁ ଦିଅ । ସେମାନଙ୍କୁ ବିବ୍ରତ କର ନାହିଁ । ସେମାନେ ଆପେ ଆପେ ବନ୍ଦ ହୋଇଯିବେ ।'' ଏବଂ ମନ୍ତ୍ରର ଏହି ଶକ୍ତିଶାଳୀ ପ୍ରବାହ କ୍ରମଶଃ ବନ୍ଦ ହୋଇ ଯାଇଥିଲା ।

'ଡି' ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଥିଲେ ଏବଂ ଅନେକ ପୁସ୍ତକ ରଚନା କରିଥିଲେ । ଏକ ଆଦର୍ଶ ଶିକ୍ଷକ ଭାବରେ ମଧ୍ୟ ପ୍ରତିଷ୍ଠା ଲାଭ କରିଥିଲେ । ଏହା ସମ୍ଭବ ହୋଇ ପାରିଥିଲା ଦିବ୍ୟ ଜନନୀଙ୍କର ଦିବ୍ୟ ସ୍ପର୍ଶ ଫଳରେ ।

("How They came to Sri Aurobindo and The Mother", Vol. II ପୁସ୍ତକର ପୃଷ୍ଠା. ୨୧୭-୨୧୯ରୁ ସଂଗୃହୀତ ।)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) How they came to Sri Aurobindo and The Mother – Vol. II by Shyam Kumari

# କାରା-ଜୀବନୀ

## (୯)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏହାପରେ ଦିନେ ମୋର ମନେ ଅଛି ଯେଉଁ ସ୍ଥାନୀୟ (Tinevelly case) ବନ୍ଧୁଟିର କଥା ଉଲ୍ଲେଖ କରିଛି, ତା' ଉପରେ କାହିଁକି କେଜାଣି ରାଗିଯାଇ ତାକୁ ଡାକି ଘରର ଗୋଟିଏ କୋଣକୁ ନେଇଗଲି ଏବଂ ଅନ୍ୟ ସମସ୍ତଙ୍କ ଆଖି ଆଢୁଆଳରେ ତାକୁ ଖୁବ୍ ଭର୍ତ୍ସନା କଲି । ସେତେବେଳେ ସମୟ ପ୍ରାୟ ସକାଳ ନ'ଟା କି ସାଢ଼େ ନ'ଟା ହେବ, ବେଶ୍ ପରିଷ୍କାର ଦିବାଲୋକ, କୌଣସି ପ୍ରକାରର ଭ୍ରମ ଦର୍ଶନ କରିବାର କଥା ନୁହେଁ । ମୋ ସହ ବନ୍ଧୁଟିର ଖୁବ୍ ବଚସା ଚାଲିଛି; ଏପରି ସମୟରେ ହଠାତ୍ ଯେମିତି ମୋତେ ସତର୍କ କରିବା ପାଇଁ ସେ କହି ପକାଇଲେ (It is coming) ଏଇ ଆସୁଛି !! କଥାଟି ସରୁ ନସରୁଣୁ ମୁହୂର୍ତ୍ତକ ମଧ୍ୟରେ କେଉଁଠାରୁ ଏକ ଝଡ଼ ପରି ପବନର ଗତି ଆସି ତାଙ୍କ ମୁଣ୍ଡଟିକୁ ଉଡ଼ାଇ ନେଲା । ଆମେ ଉଭୟହିଁ ଠିଆ ହୋଇ କଥା ହେଉଥିଲୁ; ମଥାଟି ଉଡ଼ିଯାଇ ଥିବାରୁ ସେ ଯେପରି ପଡ଼ିଯିବେ, କିନ୍ତୁ ମୁଁ  ବାମ ହାତରେ ତାଙ୍କର ଏକ ହାତକୁ ଧରି ଥିବାରୁ ସେ ଆଉ ପଡ଼ିଗଲେ ନାହିଁ । ଆଗରୁ କହିଛି ଯେ ମୋ ଭାଗ୍ୟରେ ବି ଏହିପରି ଦଶା ଥରେ ଘଟିଥିଲା, ସେତେବେଳେ ମୁଁ ଧରାଶାୟୀ ଅବସ୍ଥାରେ ପଡ଼ି ରହିଥିଲି, ମାତ୍ର ଏ ସ୍ଥଳରେ ତାକୁ ମୁଁ ଦଣ୍ଡାୟମାନ ଅବସ୍ଥାରେ ପାଇଲି ।

ଆପଣମାନେ ବୋଧହୁଏ ଅନେକେହିଁ ଦଶମହାବିଦ୍ୟାରୁ ଏକ ମହାବିଦ୍ୟା, ଛିନ୍ନମସ୍ତାର ଚିତ୍ର ଦେଖିଥିବେ । ଏ କ୍ଷେତ୍ରରେ ଦେଖିବାକୁ ଗଲେ ମୋର ବନ୍ଧୁଟିର ଅବସ୍ଥା ବି ଠିକ୍ ତଦ୍ରୂପ ହୋଇ ଦେଖା ଦେଲା । ଛିନ୍ନମସ୍ତ ଦେହର ସ୍କନ୍ଧଭାଗ ସ୍ଥିର ଭାବେ ଦଣ୍ଡାୟମାନ, ସ୍କନ୍ଧଦେଶର ଚତୁର୍ଦ୍ଦିଗରେ ଘୋର ଆବର୍ତ୍ତ ପରି ଘୂର୍ଣ୍ଣାୟମାନ ପ୍ରାଣବାୟୁ ଅଥବା ଯେକୌଣସି ଏକ ପ୍ରକାର ବାୟୁ (ସାଧାରଣ ବାୟୁ ନୁହେଁ, ଏହା ନିଶ୍ଚିତ) ଭୀମବେଗରେ ଘୂର୍ଣ୍ଣିତ ହେଉଛି, ସ୍କନ୍ଧ ଦେଶରୁ ଛିନ୍ନମସ୍ତାର ତ୍ରିଶିରା ପରି ତିନୋଟି ଧାରା ଉର୍ଦ୍ଧ୍ୱକୁ ଛୁଟି ଚାଲିଛି – ତାକୁ ଦେଖି ମନରେ ଯେ କି ଭାବ ଉଦୟ ହୋଇଥିଲା, ତା'ର ଯଥାର୍ଥ ବର୍ଣ୍ଣନା ମୋ ପକ୍ଷରେ ଏକ ଦୁରୂହ ବ୍ୟାପାର । ତେବେ ଘଟଣାଗୁଡ଼ିକ ସାଧାରଣ ଚକ୍ଷୁରେ ଏକେବାରେ ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ହେଲେ ବି ମୋ ପକ୍ଷରେ ସମ୍ପୂର୍ଣ୍ଣ ନୂଆ ନୁହେଁ । ତେଣୁ ଏଇ ଅବସ୍ଥାରେ ଏକେବାରେ ବିଚଳିତ ନହୋଇ ବରଂ ବିଷୟଟିକୁ ବିଶେଷ ଭାବରେ ଲକ୍ଷ୍ୟ କରି ବୁଝିବାକୁ ଚେଷ୍ଟା କଲି ।

ଏକ ମିନିଟ ଅବା ଅଧମିନିଟ ପରେ ହଠାତ୍ ଯେପରି କେଉଁଠାରୁ ଝପ୍ କରି ମୁଣ୍ଡଟି କାନ୍ଧରେ ଲାଗିଗଲା ଏବଂ ଆମେ ଉଭୟେହିଁ ଯେପରି ପରିତ୍ରାଣ ପାଇଗଲୁ ଓ ପରସ୍ପରର ମୁଖ ଦେଖିବାକୁ ଲାଗିଲୁ ଏବଂ ଘଟଣାଟିର ଅର୍ଥ କ'ଣ କେହି ପରିଷ୍କାର ବୁଝି ପାରିଲୁନି । ବିଶେଷତଃ ମୋର ବନ୍ଧୁଟିର ଏହା ହେଉଛି ପ୍ରଥମ ଅଭିଜ୍ଞତା, ତା'ର ତ ଆଶ୍ଚର୍ଯ୍ୟ ହେବାର କଥା । ପରେ ଅନେକ ଥର ବିଷୟଟିକୁ ଚିନ୍ତା କରି ଦେଖିଛି, କିନ୍ତୁ ତଥାପି ଏହାର ଅର୍ଥ ଯେ ଠିକ୍‌ଭାବେ ବୁଝିବାକୁ ସକ୍ଷମ ଏପରି କହି ପାରିବିନି । ତେବେ ଏ ସମ୍ବନ୍ଧରେ ମୋର ଯାହା ଧାରଣା ତାହା ଯଥା ସମ୍ଭବ ବ୍ୟକ୍ତ କରିବାକୁ ଚେଷ୍ଟା କରିବି ।

ପୂର୍ବରୁ ଯେତେବେଳେ ଥରେ ମୁଁ ନିଜେ ଏହିପରି ଏକ ଘଟଣା ପ୍ରତ୍ୟକ୍ଷ କରିଥିଲି ସେତେବେଳେ ୱାର୍ଡ଼ର କେବଳ ମୋ' ଉପରେ ହାତ ଏବଂ ମୁହଁ ଦୁଇଟାଯାକ ବ୍ୟବହାର କରୁଥିଲା, ମୁଁ କୌଣସି ପ୍ରତ୍ୟୁତ୍ତର ଦେଇ ନାହିଁ । ଦ୍ୱିତୀୟ ଥର ଘଟଣାରେ ମୋର ବନ୍ଧୁ ଅବା ମୁଁ କେହି କାହା ପ୍ରତି ହାତ ନ ଉଠାଇଲେ ମଧ୍ୟ ଉଭୟେହିଁ ଉତ୍ତର ପ୍ରତ୍ୟୁତ୍ତର କରୁଥାଉ ଏବଂ ଏଇ ପ୍ରତ୍ୟୁତ୍ତର ମଧ୍ୟରେ ମୁଁ ଯେ ମୋର ବନ୍ଧୁ ଠାରୁ ବୟସରେ ଟିକିଏ ବଡ଼ ବୋଲି କେତେକଟା ମୁରବି ହିସାବରେ ତାକୁ ତର୍କରେ ମୋ ନିକଟରେ ଅନେକ ସମୟରେ ବି ମୁଣ୍ଡ ନୁଆଁଇବାକୁ ପଡ଼ିଛି; ବିଶେଷତଃ କଥାବାର୍ତ୍ତା ସବୁ ଇଂରାଜୀରେହିଁ ହେଉଥିଲା । ତେଣୁ ଅପେକ୍ଷାକୃତଭାବେ ଅନଭ୍ୟାସଜନିତ କାରଣ ହେତୁ କିଛି ଅଧିକ କ୍ଲେଶ ସହିବାକୁ ପଡ଼ିଥିଲା । ଏହିପରି ହାର ମାନି ମାନି ଶେଷ ମୁହୂର୍ତ୍ତରେ ଏପରି ଏକ ଅଦ୍ଭୁତ ଘଟଣା ଘଟିଗଲା ।

ବର୍ତ୍ତମାନ କଥା ହେଲା, ଏହି ପ୍ରକାରର ପ୍ରତିକ୍ରିୟାକୁ ଆମେ ଦୁଇ ଦିଗରୁ ଆଲୋଚନା କରିପାରୁ । ଗୋଟିଏ ହେଲା

ଶବ୍ଦ-ବିଜ୍ଞାନ ଦିଗରୁ, ନତୁବା ଆଲୋକ-ବିଜ୍ଞାନ ଦିଗରୁ । ତେବେ ଯଦିବା ଏପରି ସ୍ଥଳେ ଆମ ଉଭୟଙ୍କ ମଧ୍ୟରେ କେବଳ ପରସ୍ପର ପ୍ରତି ତୀବ୍ର ଦୃଷ୍ଟିପାତ ଏବଂ ଉତ୍ତର-ପ୍ରତ୍ୟୁତ୍ତରହିଁ ଚାଲିଥିଲା, ତଥାପି ଉକ୍ତ ବନ୍ଧୁଟିକୁ ଘରକୋଣକୁ ଡାକି ଆଣିବା ସମୟରେ ତା'ର ହାତ ଧରି ଟାଣି ଆଣିଥିଲି, ଏବଂ ଉତ୍ତର-ପ୍ରତ୍ୟୁତ୍ତର ସମୟରେ ମଧ୍ୟ ତା'ର ହାତ ଯେ ମଝିରେ ମଝିରେ ନଧରିଛି ତାହା ବି ନୁହେଁ । ହାତ ଧରିବାର କଥାଟା ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ଅଛି ବୋଲି ମନେ କଲି; କାରଣ ଆମର ପଞ୍ଚେନ୍ଦ୍ରିୟ ମଧ୍ୟରେ ସ୍ପର୍ଶେନ୍ଦ୍ରିୟହିଁ ସର୍ବାପେକ୍ଷା ସ୍ଥୂଳ; ଅତଏବ ଯେଉଁ ଶକ୍ତିର ଖେଳ ଦେଖିଲି ତାହା ମନୋରାଜ୍ୟର ହେଲେ ବି ଶରୀର ଉପରେ ଏତେ ପ୍ରବଳ ଏବଂ ସ୍ଥୂଳ ଭାବରେ କାର୍ଯ୍ୟ କରୁଥିଲା ଯେ ସେଥିରେ ସେଇ ସ୍ଥୂଳ ଶକ୍ତିର ଆବଶ୍ୟକତା ରହିଛି ବୋଲି ବି ମନେ ହୁଏ । ମୂଳ କଥା ହେଉଛି ଏଇ ଶକ୍ତିର ଖେଳ ଭିତରେ ଆମେ ଦୁଇଜଣ କେବଳ ନିମିତ୍ତ ମାତ୍ର, ଆମର କଥାବାର୍ତ୍ତା ପ୍ରତିମୁହୂର୍ତ୍ତରେ ଏପରି ପ୍ରଚଣ୍ଡ ଶକ୍ତି ଉତ୍ପନ୍ନ କରୁଥିଲା ବୋଲି ମନେ କରିବା ବାତୁଳତା । ପ୍ରାୟ ଏଇ ସବୁଗୁଡ଼ିକହିଁ ଆମ ଉଭୟଙ୍କର ଏକ ଅଜ୍ଞାତ ଜଗତରୁ ହଠାତ୍ ଆଗନ୍ତୁକ ରୂପେ ଆସି ଝଡ଼ ପରି ଘଟଣା ଘଟାଇ ଦେଲା । ଯଦିଓ ମୋର ବନ୍ଧୁଟି ପୂର୍ବରୁ ସୂଚନା ପାଇ ମୋତେ ସତର୍କ କରିଦେବାର ଚେଷ୍ଟା କରିଥିଲା, ତଥାପି ଏଇ ସତର୍କତାଟି କାର୍ଯ୍ୟରେ ପରିଣତ ହେଲା ନାହିଁ ଏବଂ ଏହି ପୂର୍ବାଭାସ ବି ଠିକ୍ ସଜ୍ଞାନ ବୋଲି କହିପାରିବା ନାହିଁ । ବର୍ତ୍ତମାନ କଥା ହେଲା, ଏଇ ଅଜ୍ଞାତ ଜଗତ୍ ସମ୍ବନ୍ଧରେ ଆମର କୌଣସି ପ୍ରକାରର ଧାରଣା ସମ୍ଭବପର କି ନୁହେଁ ? ଯଦି ସମ୍ଭବପର ନୁହେଁ, ତେବେ ତାହା ଆମର ଜ୍ଞାତ ରାଜ୍ୟ ଉପରେ କାର୍ଯ୍ୟ କଲା କିପରି ?

ଯେତେବେଳେ ଦେଖାଗଲା ସ୍କନ୍ଧଚ୍ୟୁତ ମସ୍ତକଟି ଦୃଷ୍ଟ ହେଉ ନାହିଁ, ସେତେବେଳେ ଯଦି ହସ୍ତ ସ୍ପର୍ଶ ଦେଇ ସେଠାରେ ସତକୁ ସତ ମସ୍ତକ ନାହିଁ ବୋଲି ଅନୁଭବ କରି ନେଇପାରି ଥାଆନ୍ତି, ତା'ହେଲେ ବୋଧହୁଏ କଥାଟା ଆହୁରି ସ୍ପଷ୍ଟ ପ୍ରମାଣିତ ହୋଇ ପାରି ଥାଆନ୍ତା । କିନ୍ତୁ ଏପରି ନକରିବା ସତ୍ତ୍ୱେ ବି ମୁଁ ନିଜେ ଯେତେବେଳେ ଏହିଭଳି ସ୍ୱରୂପ ଦୁଇ ଥର ପ୍ରତ୍ୟକ୍ଷ କରିଛି, ସେତେବେଳେ ସେ ବିଷୟରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ତର୍କ ବେଳେ ଯଦି ଧରି ନିଆଯାଏ ଯେ ଏଇ ଘଟଣା କେବଳ ଚାକ୍ଷୁସ ପ୍ରତ୍ୟକ୍ଷ ମାତ୍ର, ତେବେ ଏହା ସାଧାରଣ ନିୟମର ବର୍ହିଭୂତ ବୋଲି କହିବାଟା ଠିକ୍ ନୁହେଁ, ଇଂରାଜୀରେ ଯାହାକୁ ହିପ୍‌ନୋଟିଜିମ୍ କୁହାଯାଏ, ବଙ୍ଗଳାରେ ଯାହାକୁ ବଶୀକରଣ କୁହାଯାଏ, ଏହା ବି କେତେକ ମାତ୍ରାରେ ସେହିପରି । ହିପ୍‌ନୋଟିଜମ୍ ଦ୍ୱାରା ଯଦି ଜଣେ ବ୍ୟକ୍ତିକୁ କୁହାଯାଏ, ''ତୁମେ ଖାଲି ଆଖିରେ ଅମୁକ ଲୋକଟିକୁ ଆଉ ଦେଖିବାକୁ ପାଇବ ନାହିଁ'', ତେବେ ସତକୁ ସତ ଯଦିଓ ସେଇ ଲୋକଟି ତା' ସମ୍ମୁଖରେ ଦଣ୍ଡାୟମାନ ହୋଇଥାଏ, ତଥାପି ସେ ତାକୁ ଦେଖି ପାରେ ନାହିଁ, ଏପରିକି ଯଦି ଏଇ ଲୋକର ମସ୍ତକରେ ଗୋଟିଏ ଟୋପି ପିନ୍ଧାଇ ଦିଆଯାଏ, ତା'ହେଲେ ସେ କେବଳ ମାତ୍ର ଟୋପିଟିକୁ ଦେଖିବାକୁ ପାଇବ ଏବଂ କିପରି ଏଇ ଟୋପିଟି ଶୂନ୍ୟରେ ଅବସ୍ଥାନ କରୁଛି କିଛି ବୁଝି ନପାରି ଅବାକ୍ ହୋଇଯାଏ । ଯଦି କେହି କହେ, ଏପରି ସ୍ଥଳେ ଆମର ଘଟଣାର ଅନୁଭୂତି ବି ସେଇ ପ୍ରକାରର, ତେବେ ଉତ୍ତରରେ କହିବାକୁ ହେବ ଯେ ହିପ୍‌ନୋଟାଇଜ୍‌ଡ୍ (Hypnotised) ଅବସ୍ଥାରେ ବ୍ୟକ୍ତି ବିଶେଷ (Subject) ଯାହା ଦେଖି ଅବାକ୍ ହୋଇଯାଏ, ହିପ୍‌ନୋଟାଇଜର (Hypnotiser) ଅଥବା ଅପରେଟ୍ର ବି କ'ଣ ତାହାହିଁ ଦେଖିଛନ୍ତି ? – ତା' ନୁହେଁ, କିନ୍ତୁ ଆମେ ଉଭୟେ ଏକହିଁ ବିଷୟକୁ ଅନୁଭବ କରିଛୁ, ଅଥବା ମୁଁ ନିଜେ ବି ଥରେ ସ୍ୱୟଂ ଛିନ୍ନମସ୍ତକ ହୋଇ ଯାହା ଅନୁଭବ କରିଛି, ପୁନଶ୍ଚ ବନ୍ଧୁଟିର ଛିନ୍ନମସ୍ତକ ଅବସ୍ଥାରେ ତାହାହିଁ ପ୍ରତ୍ୟକ୍ଷ କରିବାରେ ମୋର ଧାରଣା ବଦ୍ଧମୂଳ ହେବାର କଥା ।

ଏଠାରେ ଅଧ୍ୟାପକ ଟିଣ୍ଡାଲଙ୍କର ପ୍ରତ୍ୟକ୍ଷୀକୃତ ଗୋଟିଏ ଘଟଣାର କଥା ଆଲୋଚନା କଲେ ବୋଧହୁଏ ବିଷୟଟି କିଛି ପରିମାଣରେ ପରିଷ୍କାର ହୋଇଯିବ । ଅଧ୍ୟାପକ ଟିଣ୍ଡାଲ ଦିନେ ଗୋଟିଏ ସଭାରେ ବକ୍ତୃତା ଦେବା ପାଇଁ ଯାଇଥିଲେ । ସଭାରେ ଅନେକ ଲୋକ ଉପସ୍ଥିତ ଥିଲେ । ତାଙ୍କ ପାଖରେ ତଡ଼ିତ୍ ପ୍ରବାହର ପନ୍ଦରଟି ବଡ଼ ବଡ଼ ଲେଡ଼େନ୍‌ଜାର୍ (ସୀସା ପାତ୍ର) ପୂର୍ଣ୍ଣ ହୋଇ ରହିଛି,ଏପରି ସମୟରେ ତାଙ୍କର ଟିକିଏ ଅସତର୍କତା ଯୋଗୁଁ ହଠାତ୍ ବ୍ୟାଟେରୀ ସଂଲଗ୍ନ ଖଣ୍ଡିଏ ତାରରେ ତାଙ୍କ ହାତ ବାଜିଗଲା ଏବଂ ତାଙ୍କ ଶରୀର ଭିତରଦେଇ ଏକ ତଡିତ୍ ପ୍ରବାହ ନିଷ୍କ୍ରାନ୍ତ ହେଲା । ସେ କହିଲେ, 'ତତ୍‌କ୍ଷଣାତ୍ ତାଙ୍କର ଜୀବନୀଶକ୍ତି ଯେପରି କିଛି ସମୟ ପାଇଁ ଏକେବାରେ blotted out, ଅର୍ଥାତ୍ ଲିଭିଗଲା ।' ଅଥଚ ସେଥିରେ ତାଙ୍କର କୌଣସି ବେଦନା ଅନୁଭୂତ ହେଲା ନାହିଁ । ମୁହୂର୍ତ୍ତକ ପରେ ତାଙ୍କର ଜ୍ଞାନ ଫେରି ଆସିଲା, ଅସ୍ପଷ୍ଟ ଭାବରେ ସଭାସ୍ଥିତ ଶ୍ରୋତୃବର୍ଗ

ଏବଂ ସେଠାକାର ଯନ୍ତ୍ରପାତିସବୁକୁ ସେ ଦେଖି ପାରିଲେ; ଏବଂ ତାହାରି ମାଧ୍ୟମରେ ଅନୁମାନ କଲେ ଯେ ସେ ବ୍ୟାଟେରୀରୁ ତଡ଼ିତ୍ ପ୍ରବାହର ଆଘାତ ପାଇଛନ୍ତି । ତାଙ୍କର ତାତ୍କାଳିକ ଅବସ୍ଥା, ବୁଦ୍ଧିବୃତ୍ତି ଅତିଶୟ କ୍ଷିପ୍ରଗତିରେ ଫେରି ଆସିଲା, କିନ୍ତୁ ଦୃଷ୍ଟି ଶକ୍ତି ସେସବୁକୁ ଦେଖି ପାରିଲା ନାହିଁ । ଶ୍ରୋତୃବର୍ଗ ଏସବୁ ବ୍ୟାପାର ଦେଖି ଯେପରି ବିଚଳିତ ନ ହୁଅନ୍ତୁ, ତେଣୁ ସେ କହିଲେ, ''ମୋର ଅନେକ ଦିନରୁ ଇଚ୍ଛା ଥିଲା ଏହିପରି ଆକସ୍ମିକ ଭାବରେ ଥରେ ବୈଦ୍ୟୁତିକ ଆଘାତ ପାଇବାକୁ । ସେଇ ବାସନା ଆଜି ସଫଳ ହେଲା ।'' କିନ୍ତୁ ଯେତେବେଳେ ସେ ଏଇ କଥା କହୁଛନ୍ତି ସେତେବେଳେ ତାଙ୍କ ଶରୀରର ଅବସ୍ଥା ଯାହା ଦେଖା ଯାଉଥିଲା ତାହା ଖୁବ୍ ଆଶ୍ଚର୍ଯ୍ୟଜନକ । ସେ ଦେଖିବାକୁ ପାଇଲେ ଯେପରି ତାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ସବୁ ଖଣ୍ଡ ଖଣ୍ଡ ହୋଇ ଦେଖା ଯାଉଛି, ତାଙ୍କର ଦୁଇ ହାତ ଯେପରି ଦେହରୁ ବିଚ୍ଛିନ୍ନ ହୋଇ ଶୂନ୍ୟରେ ଝୁଲୁଛି । ବସ୍ତୁତଃ ତାଙ୍କର ବୁଦ୍ଧି ଓ ବିଚାରଶକ୍ତି ଖୁବ୍ ଶୀଘ୍ରହିଁ ସ୍ୱାଭାବିକ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥିଲା; କିନ୍ତୁ ଅନ୍ୟାନ୍ୟ ଇନ୍ଦ୍ରିୟସକଳ ସେପରି କାର୍ଯ୍ୟ କରିପାରୁ ନଥିଲେ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୨୬

ଆସନ୍ତା ସତଚାଳିଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ୨୦୨୬, ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **ଶ୍ରୀଅରବିନ୍ଦ ନିବାସ, ଜଗତ୍‌ସିଂହପୁର** ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ପୁସ୍ତକଟିକୁ ଉତ୍ତମ ରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମାତୃପ୍ରେମୀ, ବିଶେଷ କରି ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇମାନଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ ।

ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର

ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସଭ୍ୟାବୃନ୍ଦ,

ଶ୍ରୀଅରବିନ୍ଦ ନିବାସ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪ ୧୦୩

**ଯୋଗାଯୋଗ :**

ସ୍ନେହପ୍ରଭା ମହାପାତ୍ର : ୭୦୨୧୩୦୫୬୪୯

ସବିତା ତ୍ରିପାଠୀ : ୮୩୨୭୭୭୦୬୧୪

# ନୂତନ ଶିକ୍ଷାର ଆହ୍ୱାନ

## (୨୭)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

(୨୧) ଚେତନାର ପରିବର୍ତ୍ତନହିଁ ନୂତନ ଶିକ୍ଷାର ଉଦ୍ଦେଶ୍ୟ । ଏହି ନୂତନଶିକ୍ଷାର ନୀତି ହେଲା – (୧) ଶିକ୍ଷାର୍ଥୀ ଯିଏ ଜ୍ଞାନର ଅନ୍ୱେଷଣ କରେ, (୨) ଭଗବାନ୍ ଯିଏ ସକଳ ଜ୍ଞାନର ଉତ୍ସ ଏବଂ (୩) ଶିକ୍ଷକ ଏହି ଦୁଇଟି ମଧ୍ୟରେ ସଂଯୋଗ ସୂତ୍ର । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକର ଯୋଗ୍ୟତା ହେଉଛି ସେ ଜଣେ ଯୋଗୀ ହେବ । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ହେଉଛି ପୂର୍ଣ୍ଣଯୋଗ । ଯୋଗ ମାର୍ଗରେ ଚେତନାର ବିଭିନ୍ନ ସ୍ତରଗୁଡ଼ିକ ଖୋଲିଯାଏ ଏବଂ ଯୋଗସାଧନାର ଶୈଳୀହିଁ ଆତ୍ମବିକାଶର ପ୍ରକୃତ ପ୍ରଣାଳୀ । ଏହି ପ୍ରଣାଳୀ ବାହ୍ୟିକ ନହୋଇ ଆଭ୍ୟନ୍ତରୀଣ ଓ ମନସ୍ତାତ୍ତ୍ୱିକ ହେବା ଉଚିତ, କାରଣ ଯୋଗ ହେଉଛି ଏକ ବାସ୍ତବ ମନସ୍ତତ୍ତ୍ୱ (Practical Psychology) । ମା' କହନ୍ତି –

''ମୋର ଇଚ୍ଛା ଯେ ସରକାର ଯୋଗକୁ ଶିକ୍ଷାର ଅଙ୍ଗ ରୂପେ ସ୍ୱୀକାର କରନ୍ତୁ । ଆମ ଲାଗି ସରକାର ତାହା କରନ୍ତୁ ବୋଲି ଯେ ମୁଁ କହୁଛି, ସେକଥା ମୋଟେ ନୁହେଁ, ମାତ୍ର ତଦ୍ଦ୍ୱାରା ଦେଶର ମଙ୍ଗଳ ହେବ ବୋଲି ମୁଁ ତାହା କହୁଛି ।

''ଏହି ଜଡ଼ର ରୂପାନ୍ତର ଘଟିବ । ତଦ୍ଦ୍ୱାରା ଏକ ଦୃଢ଼ ଭୂମି ସମ୍ଭବ ହୋଇଯିବ । ଜୀବନ ଦିବ୍ୟ ଜୀବନରେ ପରିଣତ ହେବ । ଏଥିରେ ଭାରତବର୍ଷହିଁ ନେତୃତ୍ୱ ଗ୍ରହଣ କରୁ ।''

(ମାତୃରଚନାବଳି, ୧୨ଖଣ୍ଡ, ପୃ. ୩୭୦)

ପୂର୍ଣ୍ଣାଙ୍ଗ ଶିକ୍ଷାରେ ସମଗ୍ର ଜୀବନହିଁ ଶିକ୍ଷା ଏବଂ ସମଗ୍ର ଜୀବନହିଁ ଯୋଗ ବୋଲି କୁହାଯାଇଛି । ଶିକ୍ଷା ଓ ଯୋଗ ଏକ ତତ୍ତ୍ୱ । ଯୋଗ ଦ୍ୱାରା ଚୈତ୍ୟର ଜାଗରଣ ଘଟିବା ସହିତ ଅତିମାନସ ଶକ୍ତି ସକ୍ରିୟ ହେବ ଏବଂ ବ୍ୟକ୍ତି ଓ ସମାଜ ମଧ୍ୟରେ ପୂର୍ଣ୍ଣ ଐକ୍ୟ ଓ ସଂହତି ପ୍ରତିଷ୍ଠା ହୋଇପାରିବ । ଶିକ୍ଷାରେ ଯୋଗକୁ ଅନ୍ତର୍ଭୁକ୍ତ କରିବାରେ କୌଣସି ସନ୍ଦେହ ବା ଦ୍ୱିଧା ରହିବା ଉଚିତ ନୁହେଁ । ଅତିମାନସ ଶକ୍ତି ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକାରୀ ଦିଗ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ଦୁଃସାହସିକ ଯାତ୍ରା, ଏକ ମହାନ୍ ବିପ୍ଳବ, ସଂଗ୍ରାମ ଓ ସାଧନା । ଏହି ଶିକ୍ଷାକୁ ନିଃସନ୍ଦେହରେ ଜାତୀୟ ଶିକ୍ଷା ରୂପେ ଗ୍ରହଣ କରିନେଲେ ଭାରତ ନିଜର ଆତ୍ମଶକ୍ତିକୁ ଜାଗ୍ରତ୍ କରି ଭବିଷ୍ୟତ୍ ଅଭିମୁଖେ ଧାବମାନ ହେବ ।

(୨୨) ଶ୍ରୀମା କହନ୍ତି – "Our aim is not a national system of education for India, but an education for the world at large."

(CWM, Vol. 12, p. 249)

ଅର୍ଥାତ୍, ''ଭାରତବର୍ଷ ଲାଗି ଏକ ଜାତୀୟ ଶିକ୍ଷା ପଦ୍ଧତି ବାହାର କରିବା ଆମର ଲକ୍ଷ୍ୟ ନୁହେଁ, ବରଂ ସମଗ୍ର ପୃଥିବୀ ସକାଶେ ଶିକ୍ଷାର ଏକ ପ୍ରଣାଳୀ ଉଦ୍ଭବ କରିବାକୁ ଆମେ ଇଚ୍ଛା କରୁଛୁ ।''

ପୂର୍ଣ୍ଣାଙ୍ଗ ଶିକ୍ଷା ଏପରି ଏକ ନୂତନ ଶିକ୍ଷା ଯାହା ପୃଥିବୀର ସବୁ ଜାତିଙ୍କ ଲାଗି ଅନୁକୂଳ ହୋଇପାରିବ । ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ଅଭିନବ ପ୍ରଣାଳୀ ରହିଛି ଯାହାକୁ ସ୍ଥାନ, କାଳ, ପାତ୍ର, ଧର୍ମ, ସଂସ୍କୃତି, ସଭ୍ୟତା, ଭାଷା, ସଂପ୍ରଦାୟ, ଜାତି ନିର୍ବିଶେଷରେ ପ୍ରୟୋଗ କରାଯାଇ ପାରିବ ।

(୨୩) ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ପଞ୍ଚବିଧ ପୂର୍ଣ୍ଣତାର ଶିକ୍ଷା । ଆମ ଅସ୍ତିତ୍ୱର ପାଞ୍ଚୋଟି ସୋପାନ ଅଛି, ଯାହାକୁ ଆମେ ବ୍ୟକ୍ତିସତ୍ତାର ପାଞ୍ଚଟି ଅଂଶ ବୋଲି କହିବା । ଏଗୁଡ଼ିକ ହେଲେ ଶରୀର, ପ୍ରାଣ, ମନ, ଚୈତ୍ୟ ଓ ଆତ୍ମା । ଏହି ସତ୍ତାଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇ କ୍ରିୟା କରନ୍ତି ନାହିଁ । ଏମାନଙ୍କର ସାମଗ୍ରିକ କ୍ରିୟାଶୀଳ ରୂପହିଁ ଆମର ଜୀବନ । ଏହି ପାଞ୍ଚୋଟି ସତ୍ତାର ପୂର୍ଣ୍ଣତାରେ ଜୀବନର ପୂର୍ଣ୍ଣତା ନିହିତ ।

ଶ୍ରୀଅରବିନ୍ଦ କହନ୍ତି – "Perfection is the true aim of all culture, the spiritual and psychic, the mental, the vital and it must be the aim of our physical culture also."

(CWSA, Vol. 13, p. 521)

ଅର୍ଥାତ୍, ''ପୂର୍ଣ୍ଣତା ସକଳ ସଂସ୍କୃତିର ଯଥାର୍ଥ ଲକ୍ଷ୍ୟ ।

ଏହା ଆଧ୍ୟାତ୍ମିକ, ଚୈତ୍ୟିକ, ମାନସିକ, ପ୍ରାଣିକ ଓ ଶାରୀରିକ ସଂସ୍କୃତିର ଲକ୍ଷ୍ୟ ହେବା ବିଧେୟ ।''

ପ୍ରତ୍ୟେକ ସତ୍ତାର ନିଜସ୍ୱ ଲକ୍ଷ୍ୟ ବା ପୂର୍ଣ୍ଣତା ରହିଛି । ଶରୀରର ପୂର୍ଣ୍ଣତା ଚିର ସୌନ୍ଦର୍ଯ୍ୟ ଓ ସଂହତିକୁ ପ୍ରକାଶ କରିବା, ଯାହାକୁ ଆମେ ଶରୀର ସ୍ତରରେ ଭଗବାନଙ୍କର ଅଭିବ୍ୟକ୍ତି ବୋଲି କହିପାରିବା । ପ୍ରାଣର ପୂର୍ଣ୍ଣତା ଅପରାଜେୟ ଶକ୍ତିକୁ ପ୍ରକାଶ କରିବା, ମନର ପୂର୍ଣ୍ଣତା ଅଭ୍ରାନ୍ତ ଓ ଅସୀମ ଜ୍ଞାନ ଓ ଚୈତ୍ୟର ପୂର୍ଣ୍ଣତା ଶାଶ୍ୱତ ପ୍ରେମକୁ ପ୍ରକାଶ କରିବା । ଚୈତ୍ୟସତ୍ତା ଆତ୍ମାର ସଚେତନ ରୂପ । ଚୈତ୍ୟପୁରୁଷଙ୍କର ଅଭିବୃଦ୍ଧି ଅନୁସାରେ ଆତ୍ମାର ଅନନ୍ତ ଶକ୍ତିର ଅଭିବ୍ୟକ୍ତି ଘଟେ । ସକଳ ସତ୍ତାରେ ଅନନ୍ତ ପ୍ରେମ ଓ ଆନନ୍ଦକୁ ପ୍ରକାଶ କରିବାରେ ଆତ୍ମାର ପୂର୍ଣ୍ଣତା ଲାଭ ହୁଏ । ବ୍ୟକ୍ତି ଏହା ଫଳରେ ଅମରତ୍ୱ ଲାଭ କରେ ଏବଂ ପୃଥିବୀରେ ଦିବ୍ୟ ମାନବ ସହ ଦିବ୍ୟ ସମାଜ ପ୍ରତିଷ୍ଠା ହୋଇଥାଏ । ଏଥିପାଇଁ ବ୍ୟକ୍ତିର ନିଜସ୍ୱ ଯୋଜନା ପ୍ରତ୍ୟେକ ଅଂଶକୁ ନେଇ ହୋଇଥାଏ । ପ୍ରତ୍ୟେକ ସତ୍ତାର ପ୍ରତିଟି ସ୍ତରକୁ ଜାଣି ସେମାନଙ୍କର ସ୍ୱତନ୍ତ୍ର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ । ଗୋଟିଏ ସତ୍ତାର ବିକାଶକୁ ବେଶୀ ମାତ୍ରାରେ ଦୃଷ୍ଟି ଦେଇ ଅନ୍ୟଟିକୁ ଅବହେଳା କଲେ ବିଶେଷ କ୍ଷତି ସାଧିତ ହୋଇଥାଏ । ପୁନଶ୍ଚ ଆଧ୍ୟାତ୍ମିକ ଜୀବନ ଏକ ସମନ୍ୱୟମୂଳକ ଜୀବନ ହୋଇଥିବାରୁ ବାହ୍ୟ ଚେତନା ଓ ଆନ୍ତର ଚେତନାର ସାମଞ୍ଜସ୍ୟ ପୂର୍ଣ୍ଣ କ୍ରିୟାଶୀଳତା ଦ୍ୱାରା ପ୍ରକୃତିର ରୂପାନ୍ତର ସମ୍ଭବ ହୋଇଥାଏ । ମାଆ କହିଛନ୍ତି, ଆମ ପୃଥିବୀ ବର୍ତ୍ତମାନ ଯେଉଁ ସ୍ତରରେ ଆସି ପହଞ୍ଚିଛି, ଆଉ କୌଣସି ବ୍ୟକ୍ତି କେବଳ ବ୍ୟକ୍ତି ହିସାବରେ ଏଠାରେ କିଛି କରିପାରିବ ନାହିଁ ।

ଶ୍ରୀଅରବିନ୍ଦଙ୍କ ମତରେ ସାମାଜିକ ବିବର୍ତ୍ତନ କ୍ଷେତ୍ରରେ ଥିବା ତିନୋଟି ସୋପାନ ମଧ୍ୟରୁ ପ୍ରଥମଟି ମନୁଷ୍ୟ, ଦ୍ୱିତୀୟଟି ଗୋଷ୍ଠୀ ବା ସମାଜ ଓ ତୃତୀୟଟି ହେଉଛି ମାନବଜାତି । ତେଣୁ ସମାଜର ନାନା ପ୍ରତିଯୋଗିତାରେ ଭାଗ ନେଇ ବ୍ୟକ୍ତି ନିଜର ବିକାଶ ରଥଟାକୁ ଯେତେ ଆଗକୁ ଟାଣିଲେ ମଧ୍ୟ ବିଶେଷ ଉଲ୍ଲେଖନୀୟ ଭାବେ ସେ କିଛି କରିପାରିବ ନାହିଁ । ଏପରିକି ବର୍ନାର୍ଡ଼ ସ ଓ ନିତ୍‌ସେଙ୍କ ଅତିମାନବ ଦ୍ୱାରା ବି ସମାଜର ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇପାରିବ ନାହିଁ । ତେଣୁ ଏଣିକି ବ୍ୟକ୍ତି ନୁହେଁ, ଗୋଷ୍ଠୀ ଦ୍ୱାରା ଉଭୟ ବ୍ୟକ୍ତି ଓ ସମାଜର ଉନ୍ନତି ସାଧିତ ହୋଇପାରିବ । ଏକ ସଜାତୀୟ ଆତ୍ମପ୍ରେରିତ ସଚେତନ ଗୋଷ୍ଠୀମାନଙ୍କର ସହଯୋଗରେ ପୂର୍ଣ୍ଣାଙ୍ଗ ଶିକ୍ଷାର ରଥଟି ଆଗକୁ ଗଡ଼ି ଚାଲିବ ଏବଂ ସବୁକ୍ଷେତ୍ରରେ ବିକାଶ ସାଧିତ ହୋଇ ପାରିବ ।

ପୂର୍ଣ୍ଣାଙ୍ଗ ଶିକ୍ଷାରେ ଏହି ପଞ୍ଚବିଧ ପୂର୍ଣ୍ଣତା ହେଉଛି ସତ୍ୟର ଆତ୍ମ-ଅଭିବ୍ୟକ୍ତି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ରଥଟିର ଚାରୋଟି ଗୋଡ଼ ହେଉଛି – ଶିକ୍ଷାର୍ଥୀ ବା ଶିଶୁ, ଶିକ୍ଷକ, ଅଭିଭାବକ/ଅଭିଭାବିକା ଓ ସଂଗଠକ, ପରିଚାଳକ ବା କର୍ମକର୍ତ୍ତା । ଏଥିରୁ ଗୋଟିଏ ଦୁର୍ବଳ ହେଲେ ରଥଟି ଠିକ୍‌ଭାବେ ଗଡ଼ିପାରେନି । ସମସ୍ତେହିଁ ଶିକ୍ଷାର୍ଥୀ । ତେଣୁ ସମସ୍ତଙ୍କ କ୍ଷେତ୍ରରେ ଚେତନାର ପରିବର୍ତ୍ତନ ଆସିବା ଏକାନ୍ତ ଆବଶ୍ୟକ । ଶିଶୁ ଏକ କ୍ରମବର୍ଦ୍ଧିଷ୍ଣୁ ଆତ୍ମା । ସେ ଦୁଇଟି ଜିନିଷ ଚାହେଁ । ପ୍ରଥମଟି ହେଲା ସମସ୍ତେ ତାକୁ ଭଲ ପାଇବେ ଏବଂ ଦ୍ୱିତୀୟଟି ହେଲା ସମସ୍ତେ ତାକୁ ସମ୍ମାନ ଦେବେ । ତେବେ ଶିଶୁଟି ସ୍ୱାଭାବିକ ଭାବେ ଅଗ୍ରଗତି କରିବ ଏବଂ ନିଜ ଶିକ୍ଷାର ଦାୟିତ୍ୱ ନିଜେହିଁ ଗ୍ରହଣ କରିବ । ଏଥିପାଇଁ ପରିବେଶ, ବିଦ୍ୟାଳୟ, ପାଠ୍ୟକ୍ରମ, ମୂଲ୍ୟାୟନ ପ୍ରଣାଳୀ, ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ପଦ୍ଧତି ମଧ୍ୟ ସେହି ଅନୁସାରେ ପ୍ରସ୍ତୁତ ହେବ । ବିଶେଷତଃ ପୂର୍ଣ୍ଣାଙ୍ଗ ଶିକ୍ଷାରେ ପ୍ରେମ, ଅନୁରାଗ, ସୁରକ୍ଷିତ ସ୍ୱାତନ୍ତ୍ର୍ୟ, ଆତ୍ମଶୃଙ୍ଖଳା, ଭୟଶୂନ୍ୟତା, ସ୍ୱାଚ୍ଛନ୍ଦ୍ୟ ଓ ସୌନ୍ଦର୍ଯ୍ୟ ତଥା ଆନନ୍ଦର ପରିବେଶହିଁ ସକଳ କ୍ଷେତ୍ରରେ ଅଗ୍ରଗତି ପାଇଁ ଅନୁକୂଳ ହୋଇଥାଏ । ଶିକ୍ଷକ ଓ ଛାତ୍ର ଉଭୟଙ୍କର ଅଗ୍ରଗତି ଲାଗି ବିଦ୍ୟାଳୟ ଏକ ଅବସର ସ୍ୱରୂପ ହୋଇପାରିବା ଉଚିତ । ମୁକ୍ତବିକାଶ ଲାଗି ଉଭୟଙ୍କର ସ୍ୱତନ୍ତ୍ରତା ରହିଥିବା ଉଚିତ ।

ମା'ଙ୍କ ଭାଷାରେ – "School is just a preparation to make the students capable of thinking, studying, progressing and becoming intelligent if they can – all that must be done during the *entire life* and not only in school."

(CWM, Vol. 12, p. 177)

''ଛାତ୍ରମାନେ ଯଦି ପାରିବେ ତେବେ ବିଦ୍ୟାଳୟ ସେମାନଙ୍କ ପାଇଁ ଚିନ୍ତା କରିବା, ଅଧ୍ୟୟନ କରିବା, ଅଗ୍ରଗତି କରିବା ଓ ବୁଦ୍ଧିସମ୍ପନ୍ନ ହେବାର ସାମର୍ଥ୍ୟଟି ଅର୍ଜନ କରିବାର ଏକ ପ୍ରସ୍ତୁତି ମାତ୍ର – ସେହିସବୁ କଥା କେବଳ ବିଦ୍ୟାଳୟରେ ସୀମାବଦ୍ଧ ନହୋଇ ସେମାନଙ୍କର **ସମଗ୍ର ଜୀବନଯାକ** ହେଉଥିବ ।''

ପୂର୍ଣ୍ଣାଙ୍ଗ ଶିକ୍ଷାର ମୌଳିକ ନୀତି ଓ ଆଦର୍ଶକୁ ନେଇ

ପାଠ୍ୟକ୍ରମଟି ଜୀବନଭିତ୍ତିକ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ପ୍ରଚଳିତ ପରୀକ୍ଷା ପଦ୍ଧତିକୁ ସ୍ୱୀକାର କରାଯାଇ ନାହିଁ । ବର୍ଷ ଶେଷରେ ସାର୍ଟିଫିକେଟ୍ ବା ଡିଗ୍ରୀ ପ୍ରଦାନ କରିବାର ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ଶିକ୍ଷାରେ ନାହିଁ । ଛାତ୍ରଟି କେଉଁ ଉଦ୍ଦେଶ୍ୟ ନେଇ ଅଧ୍ୟୟନ କରେ ତାହା ଉପରେ ସବୁକିଛି ନିର୍ଭର କରେ । ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଅନୁଭବର ଶିକ୍ଷା । ଜୀବନଟା ଏକ ପରୀକ୍ଷା । କେଉଁ ପ୍ରଣାଳୀରେ ପିଲାଟିର ବାହ୍ୟ ଓ ଆନ୍ତର ଅଗ୍ରଗତିକୁ ପରୀକ୍ଷା କରାଯାଇ ପାରିବ ? ପିଲା ଯଦି ସ୍ୱତଃ ଆଗ୍ରହ ପ୍ରକାଶ କରେ ତେବେ ଶିକ୍ଷକ ଅନୁଶୀଳନ ପତ୍ରଟି ପ୍ରସ୍ତୁତ କରିବ । ଶ୍ରୀଅରବିନ୍ଦ କହନ୍ତି – "Evaluation procedures should give more stress on active mental faculties and not on memory." (SABCL, Vol. 3, p. 127)

ଅର୍ଥାତ୍, ''ମୂଲ୍ୟାୟନ ପଦ୍ଧତିଟି ଏପରି ହେବ ଯେପରି ତାହା ପିଲାର ସ୍ମୃତିଶକ୍ତି ଉପରେ ଗୁରୁତ୍ୱ ନଦେଇ ମନର ସକ୍ରିୟ ପ୍ରତିଭା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବ ।''

କୌଣସି କ୍ଷେତ୍ରରେ ପିଲାର ଶ୍ରେଣୀ ବା ପଦ (rank)କୁ ଜାଣିବା ପାଇଁ ମୂଲ୍ୟାୟନ କରାଯିବ ନାହିଁ । ଦୈନନ୍ଦିନର ଅଗ୍ରଗତି ଜାଣିବା ପାଇଁ ପ୍ରତିଟି ପିଲା ପାଇଁ ସ୍ୱତନ୍ତ୍ର ଅଭିବୃଦ୍ଧି ରେକର୍ଡ଼ (cumulative record) ରହିବା ଆବଶ୍ୟକ । ପ୍ରତ୍ୟେକ ଛାତ୍ର ପାଇଁ ପଦ୍ଧତି ମଧ୍ୟ ପରିବର୍ତ୍ତନଶୀଳ । ବ୍ୟକ୍ତିତ୍ୱର ଅଭିବୃଦ୍ଧି ସକାଶେ ଆଭ୍ୟନ୍ତରୀଣ ମୂଲ୍ୟାୟନଟି ବିଶେଷ ଭାବେ ଫଳପ୍ରଦ ହୋଇଥାଏ । ଏଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନଗୁଡ଼ିକ ଆବାସିକ ହେବା ବିଧେୟ । ପିଲାଟିର ସତ୍ୟବାଦିତା, ସଚ୍ଚୋଟତା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଆଗ୍ରହ, ନିଷ୍ଠାପରତା, ସଦିଚ୍ଛା ଆଦିର ଅଭିବୃଦ୍ଧିକୁ ଆମେ କେଉଁ ପ୍ରଣାଳୀରେ ମୂଲ୍ୟାଙ୍କନ କରିପାରିବା ? ଆତ୍ମବିକାଶକୁ ଆମେ କେଉଁ ମାନଦଣ୍ଡରେ ମାପି ପାରିବା ? ଆତ୍ମଶିକ୍ଷାର ମୂଲ୍ୟାୟନ କେବଳ ଆତ୍ମା ଦ୍ୱାରାହିଁ କରାଯାଇପାରିବ । ଶିକ୍ଷକ ନିଜର ଆତ୍ମଦୀପକୁ ପ୍ରଜ୍ୱଳିତ କରିପାରିଲେ ଶିକ୍ଷାର୍ଥୀର ପ୍ରଦୀପକୁ ପ୍ରଜ୍ୱଳିତ କରିପାରିବ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିକ୍ଷକ ଓ ଶିକ୍ଷାର୍ଥୀ ପରସ୍ପରର ପରିପୂରକ ହୋଇ ଥିବାରୁ ମୂଲ୍ୟାୟନଟି ପାରସ୍ପରିକ ହୋଇଥାଏ । ଶିକ୍ଷା ଯଦି ପରୀକ୍ଷାସର୍ବସ୍ୱ ହୋଇଯାଏ ତେବେ ଶିକ୍ଷାର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଯାଏ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିକ୍ଷକ ନିଜେ ଏକ ପରୀକ୍ଷା ପ୍ରଣାଳୀ । ପ୍ରାଚୀନ ଗୁରୁକୁଳର ଋଷିମାନଙ୍କ ପରି ଶିକ୍ଷକ ନିଜର ଆନ୍ତର ଦୃଷ୍ଟି ତଥା ପ୍ରଜ୍ଞା ବଳରେ ଛାତ୍ରର ଜ୍ଞାନ, ଦକ୍ଷତା ତଥା ଚରିତ୍ରର ମୂଲ୍ୟାୟନ କରିବାକୁ ସମର୍ଥ ହୋଇଥାଏ । ବର୍ତ୍ତମାନ ପରିସ୍ଥିତିରେ ବାହ୍ୟ ପରୀକ୍ଷାକୁ ସମ୍ପୂର୍ଣ୍ଣଭାବେ ଉଠାଇ ନଦେଇ ତା'ର ଢାଞ୍ଚା ବଦଳାଇ ଦେବାକୁ ପଡ଼ିବ ଏବଂ ମୂଲ୍ୟାୟନ ପ୍ରଣାଳୀଟି ସମଷ୍ଟିମୂଳକ ନହୋଇ ଗଠନମୂଳକ ହେବା ଆବଶ୍ୟକ । ଏଣୁ ତେଣୁ ଅନାବଶ୍ୟକ ବିଷୟର ଏକ ସମାହାର ନହୋଇ ପିଲା ପ୍ରକୃତରେ ଯେଉଁ ସ୍ଥିତିରେ ଅଛି ଏବଂ ସେ ଯାହା ହେବାକୁ ଚାହୁଁଛି, ତାହାର ଏକ ଗଠନମୂଳକ ସୂଚନା ଅଗ୍ରଗତି କାର୍ଡ଼ (Progress Card)ରେ ରହିବା ଉଚିତ ।

(କ୍ରମଶଃ)

❑❑❑

... the greatest Master is much less a Teacher than a Presence pouring the divine consciousness and its constituting light and power and purity and bliss into all who are receptive around him.

(The Synthesis of Yoga, p. 67) – Sri Aurobindo

... ମହାନତମ ଗୁରୁ ଜଣେ ଶିକ୍ଷକ ଯେତେ ହୋଇ ନ ଥା'ନ୍ତି ସେତେ ହୋଇଥା'ନ୍ତି ତାଙ୍କ ଚତୁଃପାର୍ଶ୍ୱରେ ରହୁଥିବା ଗ୍ରହଣଶୀଳ ସମସ୍ତଙ୍କ ମଧ୍ୟରେ ଦିବ୍ୟ-ଚେତନା ଓ ଏହାର ଆନୁଷଙ୍ଗିକ ଆଲୋକ, ଶକ୍ତି, ଶୁଦ୍ଧି ଓ ଆନନ୍ଦ ଢାଳି ଦେଉଥିବା ଏକ ଦିବ୍ୟ ଉପସ୍ଥିତି ।

– ଶ୍ରୀଅରବିନ୍ଦ

# ଦଶକର୍ମଧାରା

## (୧୨)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି, ''ମାମୁ, ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଊର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ କାର୍ଯ୍ୟ ସହିତ କର୍ମଧାରାରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଆଲୋକ ସେନା (ଆର୍ମି ଅଫ୍ ଲାଇଟ୍)

ଏଇ ସଂଖ୍ୟାରେ ଦଶକର୍ମଧାରାର ଶେଷ କର୍ମଧାରା, ଅର୍ଥାତ୍ ଆଲୋକ ସେନା ବା ଆର୍ମି ଅଫ୍ ଲାଇଟ୍ ସମ୍ପର୍କରେ ଆଲୋଚନା କରିବା । ଆଲୋକ ସେନାମାନଙ୍କର କାର୍ଯ୍ୟ କ'ଣ ହେବ ? କେଉଁ ସ୍ଥାନରେ ଗଢ଼ା ହେବ ? କିଏ କିଏ ଅଂଶଗ୍ରହଣ କରିବେ ? ଇତ୍ୟାଦି ।

ବସ୍ତୁତଃ ଆଲୋକ ସେନା ସମସ୍ତେ ହୋଇ ପାରିବେ, ମାତ୍ର ସମୟ ଏବଂ ଶାରୀରିକ ସାମର୍ଥ୍ୟ ଦୃଷ୍ଟିରୁ ଅପେକ୍ଷାକୃତ ତରୁଣମାନଙ୍କୁହିଁ ଏଥିରେ ଗ୍ରହଣ କରାଯିବ ଏବଂ ସେମାନେ ଯେ ନିଶ୍ଚୟ କୌଣସି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ହୋଇଥିବେ ଏପରି କିଛି ନୁହେଁ । ଯେକୌଣସି ତରୁଣ ମଧ୍ୟ ଏଥିରେ ଅଂଶଗ୍ରହଣ କରିପାରିବ । ଅବଶ୍ୟ ଯେହେତୁ ଆମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ ସଙ୍ଗଠନର ଏକ ସକ୍ରିୟ ଭୂମି, ତେଣୁ ସେ ସ୍ଥାନରେ ଆଲୋକ ସେନା ସଙ୍ଗଠନ ଅତି ଦୃଢ଼ ଭାବରେ ଗଢ଼ିଉଠି ପାରିବ, ଏପରିକି ଷଷ୍ଠ ଶ୍ରେଣୀରୁ ପିଲାମାନଙ୍କୁ ଏଥିରେ ନିଆଯାଇପାରିବ । ଯେଉଁ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଷଷ୍ଠ ଶ୍ରେଣୀ ଠାରୁ ଊର୍ଦ୍ଧ୍ୱକୁ ଅଛି ସେସବୁ ଶିକ୍ଷାକେନ୍ଦ୍ରମାନଙ୍କରେ ଆମେ ଆଲୋକ ସେନା କାର୍ଯ୍ୟକ୍ରମ ଆରମ୍ଭ କରିପାରିବା । ଶିକ୍ଷାକେନ୍ଦ୍ରର ଜଣେ କେହି ଆଗ୍ରହୀ ମାତୃପ୍ରେମୀ ତଥା ସକ୍ରିୟ କର୍ମୀ ଏହାର ଦାୟିତ୍ୱରେ ରହିବେ । ପ୍ରାୟଶଃ ନିମ୍ନଲିଖିତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଆମେ

ଆଲୋକ ସେନାର ସଭ୍ୟ ସ୍ଥିର କରିବା ଏବଂ ସେମାନଙ୍କୁ ପ୍ରଶିକ୍ଷଣ ଦେବା ।

୧. ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ଜୀବନ ଦେବା ନିମନ୍ତେ ସେ ଯେ ଜନ୍ମଗ୍ରହଣ କରିଛନ୍ତି ଏଥିରେ ତାଙ୍କର ଆଦୌ ସନ୍ଦେହ ନଥିବ । ଅନ୍ୟ କଥାରେ ସମଗ୍ର ଜୀବନ ମାତୃକର୍ମରେ ନିୟୋଜିତ ହେବା ପାଇଁ ତାଙ୍କ ଭିତରେ ଏକ ଦୃଢ଼ ସଙ୍କଳ୍ପ ଥିବ ।

୨. ସେ ନିଶ୍ଚୟ ନିଜ ଘରେ ଶ୍ରୀଅରବିନ୍ଦ ପାଠଚକ୍ର କରୁଥିବେ ଏବଂ ସେଥିରେ ଅଂଶଗ୍ରହଣ କରୁଥିବେ ।

୩. ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ ନିଶ୍ଚୟ ଅବହିତ ଥିବେ ।

୪. ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ ଏବଂ ତିନୋଟି ପାଗଳାମି ସମ୍ପର୍କରେ ତାଙ୍କର ସ୍ପଷ୍ଟ ଧାରଣା ରହିଥିବ ।

୫. ଶିକ୍ଷାର୍ଥୀର ସଙ୍କଳ୍ପ, ଭଗବତ୍ ସେବକର ପ୍ରାର୍ଥନା ପ୍ରଭୃତିକୁ ସେ ନିଶ୍ଚୟ କଣ୍ଠସ୍ଥ କରିଥିବେ ଏବଂ ସେସବୁକୁ ଭଲ ଭାବରେ ବୁଝିଥିବେ । ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କର ଲୋକସାହିତ୍ୟ ବହିଗୁଡ଼ିକ ସମ୍ପର୍କରେ ସେମାନଙ୍କର ପ୍ରାଥମିକ ଧାରଣା ଥିବ ।

୬. ସେମାନେ ସ୍କୁଲର ସାପ୍ତାହିକ ଛାତ୍ର ପାଠଚକ୍ରରେ ନିଶ୍ଚୟ ଯୋଗ ଦେବେ ଏବଂ ପାଠଚକ୍ର ସଙ୍ଗଠନ କରିବା, ବାର୍ଷିକ ସମ୍ମିଳନୀ, ଶିବିର ଇତ୍ୟାଦି ସଙ୍ଗଠନ କରିବା ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବେ ।

୭. ସ୍କୁଲର ଅନ୍ୟ ପିଲାମାନଙ୍କ ଠାରୁ ଆଲୋକ ସେନାମାନେ ଶୃଙ୍ଖଳା ଦୃଷ୍ଟିରୁ ଏବଂ ଅନ୍ୟାନ୍ୟ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ହୋଇଥିବେ ।

୮. ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ସେ ଅଂଶଗ୍ରହଣ କରୁଥିବେ ଏବଂ ପ୍ରମୁଖ ଦାୟିତ୍ୱ ବହନ କରୁଥିବେ ।

୯. ସେମାନେ ସମ୍ପୂର୍ଣ୍ଣ ଭୟଶୂନ୍ୟ, ନିର୍ଭୀକ ରହିବେ । କେବେହେଲେ ନିରାଶ କିଂବା ହତାଶ ହେବେ ନାହିଁ । ଅନ୍ୟମାନଙ୍କ ପାଇଁ ସେମାନେ ପ୍ରେରଣାର ଉତ୍ସ ହୋଇ ରହିବେ ।

୧୦. ସବୁ ସମୟରେ ମା'ଙ୍କୁ ସ୍ମରଣ କରୁଥିବେ ଏବଂ ମା'ନାମ ଜପ କରୁଥିବେ ।

ପ୍ରାୟଶଃ ଧାରଣା ହୁଏ ଯେ ସମ୍ମିଳନୀମାନଙ୍କରେ ସ୍ୱେଚ୍ଛାସେବକ ଭାବରେ ଖୁବ୍ ଦକ୍ଷତାର ସହିତ କାର୍ଯ୍ୟ କରିପାରିବା ଆଲୋକ ସେନାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଅବଶ୍ୟ ତାହା ଯେ ସେମାନଙ୍କର ଦାୟିତ୍ୱ ସେଥିରେ ସନ୍ଦେହ ନାହିଁ, ମାତ୍ର ତାହା ମୁଖ୍ୟ ଦାୟିତ୍ୱ ନୁହେଁ । ଆଲୋକ ସେନା ପ୍ରକୃତରେ ଗୋଟିଏ ସେନାର ମନୋଭାବରେ ଆଲୋକ ଉଦ୍ଦେଶ୍ୟରେ କାର୍ଯ୍ୟ କରି ପାରୁଥିବ । ସେନାର ମନୋଭାବ ହେଲା — ସାହସ, ଉତ୍ସାହ, ବିଶ୍ୱାସ ଏବଂ ନିଷ୍ଠାରେ ପରିପୂର୍ଣ୍ଣ । ଆଲୋକ ଉଦ୍ଦେଶ୍ୟରେ ଅର୍ଥ ଅତିମାନସ ଆଲୋକ, ଅର୍ଥାତ୍ ଏକ ନୂତନ ଆଲୋକ ଉଦ୍ଦେଶ୍ୟରେ କର୍ମ ଯାହାକି ପ୍ରଚଳିତ ସବୁକର୍ମଠାରୁ ଭିନ୍ନ । ହୁଏତ ବାହାରୁ ଏସବୁ ଜଣାପଡୁ ନଥିଲେ ମଧ୍ୟ ଭିତରେ ନିଶ୍ଚୟ ଏକ ଅନୁଭବ ଥିବ ଯେ ତା'ର କିପରି ଲକ୍ଷ୍ୟ ଭିନ୍ନ ଏବଂ ତା'ର ଧାରା ଭିନ୍ନ ।

ଆଲୋକ ସେନା ଗ୍ରୁପ୍‌କୁ ଯେଉଁମାନେ ସଙ୍ଗଠିତ କରିବେ ସେମାନଙ୍କର ଆଲୋକ ସେନାବାହିନୀ ନିମନ୍ତେ ପ୍ରସ୍ତୁତ ପାଠ୍ୟକ୍ରମକୁ ଖୁବ୍ ଭଲ ଭାବରେ ବୁଝିଥିବେ ଏବଂ ହୃଦୟଙ୍ଗମ କରିଥିବେ । ସେମାନେ ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ଆଲୋକ ସେନା ତାଲିମ ଶିବିରରେ ନିଶ୍ଚୟ ଯୋଗ ଦେବେ ଏବଂ ତା'ର ପରିଚାଳନାର ଦାୟିତ୍ୱ ନେବେ । ପ୍ରତିବର୍ଷ ଏପ୍ରିଲ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ସେମାନେ ନିଶ୍ଚୟ ଯୋଗ ଦେବେ । ସେମାନେ ସ୍କୁଲମାନଙ୍କରେ ଥିବା ଆଲୋକ ସେନା ଗ୍ରୁପ୍‌ମାନଙ୍କର ବାର୍ଷିକ ସମ୍ମିଳନୀ ବା ଶିବିର କରିବା ପାଇଁ ଦାୟିତ୍ୱ ନେବା ତଥା ସମ୍ଭବ ହେଲେ ବ୍ଲକ୍ ସ୍ତରରେ ମଧ୍ୟ ଏଇ କାମ କରିବାକୁ ଚେଷ୍ଟା କରିବେ । ପ୍ରତ୍ୟେକ ଶିବିରରେ ପିଲାମାନଙ୍କୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ ବିଷୟରେ କହିବାକୁ ଦିଆଯିବ । ସେମାନେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବିଭିନ୍ନ ବାଣୀକୁ ଆବୃତ୍ତି କରି ତାକୁ ଆଲୋଚନା କରି ପାରୁଥିବେ । ଧ୍ୟାନ ଓ ପ୍ରାର୍ଥନା, ଦୁର୍ଗାସ୍ତୋତ୍ର, 'ମା' ପୁସ୍ତକପ୍ରଭୃତିକୁ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ଆବୃତ୍ତି କରି ପାରୁଥିବେ । ସମ୍ଭବ ହେଲେ 'ସାବିତ୍ରୀ'କୁ ମଧ୍ୟ ଠିକ୍ ଭାବରେ ଆବୃତ୍ତି କରି ପାରୁଥିବେ ।

ଶ୍ରୀଅରବିନ୍ଦଙ୍କର ଭାରତ ସମ୍ପର୍କରେ ଥିବା ବିଷୟଗୁଡ଼ିକୁ ଆଲୋକ ସେନାର ସଙ୍ଗଠକମାନେ ଖୁବ୍ ଭଲ ଭାବରେ ଅଧ୍ୟୟନ କରିଥିବେ ଏବଂ ସେସବୁକୁ ଆଲୋଚନା କରି ପାରୁଥିବେ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଲେଖିବା, କୁଇଜ୍ କାର୍ଯ୍ୟକ୍ରମ କରିବାରେ ସେମାନେ ଦକ୍ଷତା ହାସଲ କରିଥିବେ । ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ କରିବାରେ ମଧ୍ୟ ସେମାନେ ଖୁବ୍ ଦକ୍ଷ ହୋଇଥିବେ । ତେଣୁ ଶରୀର ଚର୍ଚ୍ଚାର ଅନ୍ତର୍ନିହିତ ଉଦ୍ଦେଶ୍ୟ ସମ୍ପର୍କରେ ଗଭୀର ଭାବରେ ସଚେତନ ଥିବେ ।

ଏଇ କାର୍ଯ୍ୟକ୍ରମ ବାସ୍ତବିକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏଇ କାରଣରୁ ଯେ ଯଦି କୌଣସିଠାରେ କିଛି ବି ହତାଶା, ବିଷାଦ, ନିରୁତ୍ସାହ ତଥା ଅସଙ୍ଗତି ପ୍ରବେଶ କରେ ସେଠାରେ ଏଇ ସେନାବାହିନୀ ଖୁବ୍ ଶୀଘ୍ର ଏବଂ ଅତି ସନ୍ତର୍ପଣରେ ପ୍ରବେଶ କରି ସବୁ ବିରୋଧୀ ଶକ୍ତିଙ୍କୁ ନିର୍ମୂଳ କରିବାକୁ ଚେଷ୍ଟା କରିବେ ।

ଦଶଟି ଧାରାର ସମସ୍ତ କାର୍ଯ୍ୟକ୍ରମରେ ଏମାନେ ଅପ୍ରକାଶ୍ୟ ଭାବରେ ମେରୁଦଣ୍ଡ ଭଳି କାର୍ଯ୍ୟ କରୁଥିବେ । ଯେକୌଣସି କାର୍ଯ୍ୟରେ ଏମାନେ ନିଶ୍ଚୟ ଲୋଡ଼ା ପଡ଼ିବେ । ମାତ୍ର ଏଥିପାଇଁ ଗର୍ବ ନକରି, ଏହାକୁ ନିଜର ଗୌରବ ମନେ କରି ସମସ୍ତେ କାର୍ଯ୍ୟ କରିବେ ।

ଆଲୋକ ସେନାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୁଣ ଥିବ ବିନମ୍ରତା, ସହନଶୀଳତା, ସାଧୁତା ତଥା ନ୍ୟାୟପରାୟଣତା ।

ଶ୍ରୀମା'ଙ୍କର ପରମ କୃପାରୁ ଏଇ କାର୍ଯ୍ୟକ୍ରମ ଓଡ଼ିଶାରେ ଧୀରେ ଧୀରେ ପ୍ରସାର ଲାଭ କରିଚାଲିଛି । ଆଉ ଯେଉଁ ଯେଉଁ ସ୍ଥାନରେ ଏହା ଆରମ୍ଭ ହୋଇ ନାହିଁ ସେଠାରେ ଚେଷ୍ଟା କରି ଏଇ କାର୍ଯ୍ୟକ୍ରମକୁ ତୁରନ୍ତ ଆରମ୍ଭ କରିବାକୁ ହେବ ।

ଯେପରି ଉପରେ ବର୍ଣ୍ଣନା କରାଯାଇଛି ଦଶକର୍ମଧାରା ମଧ୍ୟରେ ଆଲୋକ ସେନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଏଇଥି ପାଇଁ ଯେ ଏମାନଙ୍କର ଭୂମିକା ସବୁ କର୍ମଧାରା ମଧ୍ୟରେ ଅନ୍ତର୍ଭୁକ୍ତ । ବର୍ତ୍ତମାନ ଆଲୋକ ସେନାର କର୍ମୀଗଣ ସମଗ୍ର ରାଜ୍ୟରେ କର୍ମରତ । ଏହାର ଜିଲ୍ଲାସ୍ତରୀୟ, ଜୋନ୍ସ୍ତରୀୟ ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପ୍ରାୟ ସବୁ ଜିଲ୍ଲାରେ କରାଯାଉଅଛି । ଏହା ଧୀରେ ଧୀରେ ବ୍ୟାପକ ହେଉଅଛି । ପ୍ରତ୍ୟେକ ବର୍ଷ ଦୁର୍ଗାପୂଜାର ମହାସପ୍ତମୀ ଠାରୁ ଏକଦଶୀ ବା (ଭସାଣି) ପର୍ଯ୍ୟନ୍ତ ପାଞ୍ଚ ଦିନ ମାତୃଭବନ, କଟକ ଠାରେ ଆଲୋକ ସେନାର ପ୍ରଶିକ୍ଷଣ ଚାଲୁଅଛି । ଧୀରେ ଧୀରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଆଲୋକ ସେନା ଉପରେ ସମସ୍ତେ ନିର୍ଭର କରୁଛନ୍ତି । ଆମ୍ଭେମାନେ ମଧ୍ୟ ଆବଶ୍ୟକ ଢଙ୍ଗରେ ଏହାକୁ ଅଧିକ ବ୍ୟାପକ କରିବାକୁ ଚେଷ୍ଟା କରୁଅଛୁ ।

ଏହା ମଧ୍ୟରେ ଗତ ନଅ ମାସ ଧରି ଆପଣମାନେ ପ୍ରତ୍ୟେକ ମାସରେ ଗୋଟିଏ କରି କର୍ମଧାରା ଏବଂ ଆରମ୍ଭରୁ ଦୁଇଟି ମାସରେ ଦଶକର୍ମଧାରାର ଉପକ୍ରମ ପଢ଼ିଲେ । ଆପଣମାନଙ୍କୁ ମୁଁ ଜଣାଇ ଦେବାକୁ ଚାହେଁ ଯେ ଏହିସବୁ ଲେଖା ଆଦୌ ଆପଣମାନଙ୍କୁ ଓଡ଼ିଶାରେ ଦଶକର୍ମଧାରା ସମ୍ପର୍କରେ ଏକ ଖୁବ୍ ସ୍ୱଚ୍ଛ ସୂଚନା ଦେଇପାରି ନଥିବ । ତଥାପି ଏଥିରୁ ନିଶ୍ଚୟ କିଛିଟା ଧାରଣା କରି ହୋଇଥିବ ।

ଏହା ମଧ୍ୟରେ ଓଡ଼ିଶାର ୩୦ଟି ଜିଲ୍ଲାର ଜିଲ୍ଲା ସଂଯୋଜକ, ନଅଟି ଜୋନ୍‌ର ଜୋନ୍ ସଂଯୋଜକ, ବିଭିନ୍ନ ଜିଲ୍ଲାର ବ୍ଲକ୍ ସଂଯୋଜକ ଏପରିକି ଗ୍ରାମ ପଞ୍ଚାୟତ ସଂଯୋଜକମାନେ ମଧ୍ୟ ଦଶକର୍ମଧାରାକୁ ନିଜ ନିଜ ଅଞ୍ଚଳରେ ବ୍ୟାପକ କରିବା ପାଇଁ ଉଦ୍ୟମ ଚଳାଇ ଅଛନ୍ତି ।

ଆମ୍ଭେମାନେ ସମସ୍ତେ ଜାଣିଛୁ ଯେ ଦଶକର୍ମଧାରାର ପ୍ରବର୍ତ୍ତକ ହେଉଛନ୍ତି ଶ୍ରୀ ଗଦାଧର ମିଶ୍ର (ମାମୁ) । ତେଣୁ ମାମୁଙ୍କ ଜନ୍ମଦିନ ସେପ୍ଟେମ୍ବର ୨୬ ତାରିଖଟିକୁ ଓଡ଼ିଶାରେ ଦଶକର୍ମଧାରା ଦିବସ ଭାବରେ ପାଳନ କରାଯାଉଅଛି । ଏହା ପୂର୍ବରୁ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ଜନ୍ମଦିନ ୧୪ ଅଗଷ୍ଟକୁ 'ସଙ୍ଗଠନ ଦିବସ', ଶ୍ରୀ ପ୍ରପତ୍ତିଙ୍କ ଜନ୍ମଦିନ ୩୦ ଏପ୍ରିଲକୁ 'ପୂର୍ଣ୍ଣାଙ୍ଗ ଶିକ୍ଷା ଦିବସ', ଦାଦା (ଶ୍ରୀ ପ୍ରଣବ ଭଟ୍ଟାଚାର୍ଯ୍ୟ)ଙ୍କ ଜନ୍ମଦିନ ୧୮ ଅକ୍ଟୋବରକୁ 'ଶାରୀରିକ ଶିକ୍ଷା ଦିବସ' ଭାବରେ ପାଳନ କରାଯାଉଅଛି । ଏସବୁ କେବଳ ଉକ୍ତ ଦିବସଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବା ପାଇଁହିଁ କରାଯାଉଅଛି । ଏସବୁ ସହିତ ପୁଣି ଚଳିତ ବର୍ଷଠାରୁ ସେପ୍ଟେମ୍ବର ୨୬ ତାରିଖକୁ 'ଦଶକର୍ମଧାରା ଦିବସ' ଭାବରେ ପାଳନ କରାଗଲା ।

ଓଡ଼ିଶାରେ ମାତୃକର୍ମର ସଂଜ୍ଞା ବର୍ଣ୍ଣନା କରିବା ଅସମ୍ଭବ । କେଉଁ କର୍ମକୁ ମାତୃକର୍ମ ନ କହିବା ? ତେଣୁ ଆମେ କେତେ ସଚେତନ ଭାବରେ ଏବଂ ନିଷ୍ଠାପର ଭାବରେ ମାତୃକର୍ମରେ ସହଯୋଗୀ ହୋଇପାରୁଛୁ ତାହାହିଁ ମୁଖ୍ୟ କଥା ।

ବନ୍ଧୁଗଣ ! ଆମ ରାଜ୍ୟରେ ଦଶକର୍ମଧାରାରେ ଅଂଶଗ୍ରହଣ କରୁଥିବା ସମସ୍ତ ଭାଇଭଉଣୀମାନଙ୍କୁ ଏହି ଅବସରରେ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ଆନ୍ତରିକ କୃତଜ୍ଞତା ।

(ସମାପ୍ତ) ❑

ଶ୍ରୀଅରବିନ୍ଦଙ୍କ ଶିକ୍ଷାର ଏକ ଜୀବନ୍ତ ଦୃଷ୍ଟାନ୍ତ ହୋଇ ଉଠିବା ଅପେକ୍ଷା ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନର ଆଉ କିଛି ଭଲ ଉପାୟ ନାହିଁ ।

— ଶ୍ରୀମା

କାହାଣୀ :

# ନିଆଁର ସନ୍ଧାନରେ

## ମନୋଜ ଦାସ

ଶୀତ ରାତି । ଗାଁ ଚୌକିଦାର ଦୁଇ ଦୁଇ ଥର 'ହୁସିଆର !' ରଡ଼ି କରି ଗାଁ ବୁଲି ସାରିଲାଣି । ସବୁ ରାତିରେ ଯେ ସେ ନିଜେ ଏମିତି ହୁସିଆର ଥାଏ ତାହା ନୁହେଁ । କିନ୍ତୁ ମଧ୍ୟେ ମଧ୍ୟେ ତାକୁ ଅନିଦ୍ରା ରହିବାକୁ ପଡ଼େ – ଯେବେ ସେ ଖଣ୍ଡମଣ୍ଡଳର ଜମିଦାର ଆସି ସେ ଗାଁରେ ଥିବା ତାଙ୍କ କଚେରି ଘରେ ରାତ୍ରିଯାପନ କରନ୍ତି ।

କୋଡ଼ିଏ ବର୍ଷ ତଳେ ଜମିଦାର ତାକୁ ଦାନ କରିଥିବା ଗରମ ଚଦର ଖଣ୍ଡିକରେ କୋଡ଼ିଏ ସ୍ଥାନରେ ତାଳି ପଡ଼ିଲାଣି । ତଥାପି ବସ୍ତ୍ରଟି ତାକୁ ଶୀତ ଦାଉରୁ ମୋଟାମୋଟି ରକ୍ଷା କରେ । ତେବେ ସାଙ୍ଗକୁ କଲିକିରୁ ତମାଖୁ ଧୂଆଁ ସେବନ ନକଲେ ନଚଳେ ।

ସେ ଖଣ୍ଡିଏ କାଠଗଡ଼ ଉପରେ ବସିପଡ଼ି କଲିକିରେ ତମାଖୁ ପୂରାଇଲା । ଅଙ୍ଗାର ଦୁଇଖଣ୍ଡି ରହିଛି । ଖାଲି ଟିକିଏ ନିଆଁ ଦରକାର । ତା' ପାଖରେ ଦିଆସିଲି ନଥାଏ ।

''ଆରେ ହୀରା ମାଉସୀ ! କେଡ଼େ ଗହୀର ନିଦରେ ଶୋଇଛୁ ମ !'' ସେ ଗୋଟାଏ କୁଡ଼ିଆ ଦୁଆରେ କରାଘାତ କରି ଡାକ ଦେଲା ।

ଦୁଇ ତିନି ଡାକ ପରେ ବୁଢ଼ୀ ହୀରା କବାଟ ଖୋଲିଲା ।

''ତୋ ଚୁଲିରୁ ଖଣ୍ଡିଏ ଜଳନ୍ତା ଅଙ୍ଗାର ଆଣିଲୁ !'' – ଚୌକିଦାର ବରାଦ କଲା ।

''ଆରେ ପୁଅ ! ମୋ ଚୁଲି ତ ପନ୍ଦର ଦିନ ହେବ ଜଳି ନାହିଁ । ଜଳନ୍ତା ଅଙ୍ଗାର କାହୁଁ ଆସିବ ? ଦିନବେଳେ ମୋତେ କଚେରି ଘରୁ ଓଳିଏ ଖାଇବାକୁ ମିଳୁଛି । ରାତିରେ ମନ୍ଦିର ପୂଜାରୀ ମୋତେ ମୋ ଥାଳିରେ କିଛି ପ୍ରସାଦ ଓଜାଡ଼ି ଦିଅନ୍ତି । ମୋର ଆଉ ରନ୍ଧାରନ୍ଧି ଦରକାର ପଡୁ ନାହିଁ ।'' – ବୁଢ଼ୀ ହସିଦେଇ କହିଲା ।

''ଭଲ କଥା । ଯା', ଶୋଇପଡ଼ ।'' କହି ଚୌକିଦାର ବୁଢ଼ୀର ପଡ଼ୋଶୀ ଘରେ ପହଞ୍ଚିଲା ।

''ଆରେ ଭାଇ, ମୋତେ ତୁମ ଦିଆସିଲିଟା ଥରେ ଦେବ !'' – ସେ ଘର ମାଲିକକୁ କହିଲା ।

''ଦିଆସିଲି ? ମୁଁ ରବିବାର ହାଟକୁ ଗଲେ କିଣିବି ବୋଲି ଭାବିଛି । ଆଜି ଆମ ପାଖ ଘରୁ ଗୋଛାଏ ଶୁଖିଲା ଡାଳରେ ନିଆଁ ଧରାଇ ଆଣିଥିଲୁଁ । ରୋଷେଇବାସ, ଖିଆପିଆ ପରେ ଚୁଲି ଲିଭାଇ ଦେଇଛି ମୋ ସ୍ତ୍ରୀ ।'' – ସେ ଉତ୍ତର ଦେଲା ।

ଚୌକିଦାର ପାଖ ଘରକୁ ଗଲା । କିନ୍ତୁ ମନେହେଲା ସେ ପରିବାରର ସମସ୍ତେ ଘୋର ନିଦ୍ରାମଗ୍ନ । ସେମାନେ ଥିଲାବାଲା ଲୋକ । ଅଧିକ ଡାକହାକ କରିବାକୁ ଚୌକିଦାର ସାହସ କଲା ନାହିଁ ।

''ହୁସିଆର ! ହୁସିଆର !'' ସେ ବେଶ୍ ବଡ଼ ପାଟିରେ ଆବାଜ ଦେଇ ଏଥର ଜମିଦାରଙ୍କ କଚେରି ଆଡ଼େ ମୁହାଁଇଲା ।

କଚେରିରେ କିରାଣି, ଚାକର ମିଶି ସବୁବେଳେ ଚାରି ପାଞ୍ଚ ଜଣ ଥା'ନ୍ତି । ଏବେ ତ ପୁଣି ଜମିଦାର ବିଜେ କରିଛନ୍ତି । ସାଙ୍ଗରେ ଆସିଛନ୍ତି ତାଙ୍କ ଗୁମାସ୍ତା, ପୂଝାରୀ ଓ ବ୍ୟକ୍ତିଗତ ପରିଚାରକ ଜଣେ ଦୁଇ ଜଣ । କେହି ହେଲେ ବି ଚେଇଁଥିବେ । ନିଆଁ ମିଳିଯିବ । ତା'ଛଡ଼ା ସେ କେମିତି ଉଜାଗର ରହି ପହରା ଦେଉଛି, ସେମାନେ ସେତକ ବି ବୁଝିବେ ।

''କି ହୋ ଚୌକିଦାର ! ତୁମେ ବେଶ୍ କାମର ଲୋକ ଦେଖୁଛି ।'' ବାରନ୍ଦାରେ ଆରାମ ଚୌକିରେ ବସି କିରାଣି ଓ ଅନ୍ୟ ଜଣେ ଦୁଇ ଜଣଙ୍କ ସହ ଗପସପ କରୁଥିବା ଗୁମାସ୍ତା ତାରିଫସୂଚକ କଣ୍ଠରେ କହିଲେ ।

''ଆଜ୍ଞା, ହଜୁର, ଏ ଚାକର କ'ଣ କେବେ ବି ତା' କାମରେ ହେଳା କରେ ?'' ତଳେ ଲାଠି ଓ ଲଣ୍ଠନ ଥୋଇ ଚୌକିଦାର ଗୁମାସ୍ତାକୁ ଓଳଗି ହେଉଁ ହେଉଁ କହିଲା ।

''ବେଶ୍, ବେଶ୍ । ଟିକିଏ ବିଶ୍ରାମ କରିବାକୁ ଆସିଗଲ ପରା । ହେଇଟି ପଡ଼ିଛି ସପ । ଶୋଇପଡ଼ ।'' ଗୁମାସ୍ତା କହିଲେ ।

ଜହ୍ନ ଆଲୁଅରେ ଦେଖାଗଲା ଚୌକିଦାର ଜିଭ କାମୁଡ଼ିଲା । ତା'ପରେ କହିଲା, ''ହଜୁର ! ଆପଣ ଇଏ କ'ଣ କହୁଛନ୍ତି । ମୁଁ କ'ଣ ଗଲା କୋଡ଼ିଏ, ବାଇଶ ବର୍ଷ ଭିତରେ ଥରୁଟିଏ ବି ରାତିରେ ଶୋଇଛି ? ଏଇ ଗୋଡ଼ ଦୁଇଟି ଓ ହାତରେ

ଏ ଲାଠି ସମ୍ବଳ କରି ଆପଣଙ୍କର ଜମିଦାରି ଜଗିଛି । ମୁଁ ବର୍ତ୍ତମାନ ଏଠାକୁ ଚାଲି ଆସିଲି ମୋ କଲିକିରେ ଟିକିଏ ନିଆଁ ପୂରାଇବା ପାଇଁ । ମୋ ପାଖରେ ଦିଆସିଲି ନାହିଁ । ଆଉ ମୁଁ ଯେତେବେଳେ ଅନିଦ୍ରା ରହି ସମସ୍ତଙ୍କ ଘରବାଡ଼ି ଜଗୁଛି, କିଏ ବା କାହିଁକି ଚେଇଁ ରହିବ ? ସବୁ ଗାଁ ଲୋକେ ନିଘୋଡ଼ ନିଦରେ ଶୋଇଛନ୍ତି । ଖୋଦ୍ ଯମରାଜ ଆସି ଡାକିଲେ ବି କେହି ଉଠିବେ ନାହିଁ ।''

ଗୁମାସ୍ତା ସଳଖ୍ ବସିଲେ । ''କ'ଣ କହିଲ ଚୌକିଦାର ? ତମ ପାଖରେ ଦିଆସିଲି ନାହିଁ ବୋଲି ତମେ ନିଆଁ ସନ୍ଧାନରେ ବାହାରିଛ ?'' – ସେ ପ୍ରଶ୍ନ କଲେ ।

''ଆଜ୍ଞା ହଁ । କଥା କ'ଣ କି, ଟିକିଏ ତମାଖୁ ସେବନ ନହେଲେ ...''

''ଚୌକିଦାର ! ତମେ ସତରେ ଟିକିଏ ନିଆଁ ଖୋଜୁଛ ?''

''ଆଉ କ'ଣ ଖୋଜିବି ଆଜ୍ଞା ! ...''

''ତମ ହାତରେ ଲଣ୍ଠନ ଅଛି ଟି ? ତା' ଭିତରେ ଯେଉଁ ନିଆଁ ଜଳୁଥିବାର ଦେଖା ଯାଉଛି ସେଇଟା ତେବେ କ'ଣ ତୁଚ୍ଛା ମାୟା ? ନା ଆମର ଦୃଷ୍ଟିଭ୍ରମ ?''

ଚୌକିଦାରର ଆଖି ବଡ଼ ବଡ଼ ହୋଇଗଲା । ସେ ପୁନର୍ବାର ଜିଭ କାମୁଡ଼ିଲା ।

''ହେ ଭଗବାନ୍ ! ହାୟ ବିଧାତା ! ମୁଁ ନିଜେ ନିଆଁ ଧରି ବୁଲୁଛି ଅଥଚ ନିଆଁ ଖୋଜି ହେଉଛି ! କେଡ଼େ ବଡ଼ ମୂଢ଼ ମୁଁ ଆଜ୍ଞା !'' ଚୌକିଦାର ବିଳାପ କଲା ଭଙ୍ଗିରେ କହିଲା । ଗୁମାସ୍ତା ଓ ଅନ୍ୟମାନେ ଠୋ ଠୋ ହସିଲେ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃଷ୍ଠା : ୨୭୮-୨୮୦)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ନିଆଁର ସନ୍ଧାନରେ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଆମେ ଯାହା ବାହାରେ ଖୋଜୁ ଥାଉଁ (ଶାନ୍ତି ହେଉ, ସୁଖ ହେଉ, ସତ୍ୟ ହେଉ) ତାହା ଆମ ଭିତରେହିଁ ରହିଥାଏ । ଅଜ୍ଞାନ ଆମକୁ ଆବୃତ କରିଥାଏ ବୋଲି ତାହା ବୁଝି ହୁଏ ନାହିଁ । ଏ କାହାଣୀର ଏକ ସଂକ୍ଷିପ୍ତ ରୂପ ଶ୍ରୀରାମକୃଷ୍ଣ ପରମହଂସଙ୍କ ବାଣୀରେ ମିଳେ ।

(ତତ୍ରୈବ : ପୃଷ୍ଠା : ୩୪୦)

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଗାଁ ଭିତରେ ଚିତା

## ବନମାଳୀ ଆଚାର୍ଯ୍ୟ

ଅରଣ୍ୟର ଉପାନ୍ତରେ ଗୋଟିଏ ଛୋଟ ଗାଁ । ଅଳ୍ପ କେତୋଟି ପରିବାରର ଲୋକେ ସେଥିରେ ଏକତ୍ର ବସବାସ କରନ୍ତି । ଅଧିକାଂଶ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ ବି ପରସ୍ପରର ସହଯୋଗ ମଧ୍ୟରେ ସେମାନେ ଖୁସିରେ ଜୀବନ ବଞ୍ଚନ୍ତି । ସେମାନଙ୍କୁ ଦେଖିଲେ ମନେହୁଏ ଯେପରିକି ଅଭାବବୋଧ କ'ଣ ସେମାନଙ୍କୁ ଜଣା ନାହିଁ । ମୁଖ୍ୟତଃ ଦିନମଜୁରିଆ ଭାବରେ କାମ କରି କିଛି ଟଙ୍କା ସେମାନେ ଉପାର୍ଜନ କରନ୍ତି ଓ ପରିବାର ଚଳାନ୍ତି । ଘରେ ଗୋରୁଗାଈ, ଛେଳି, କୁକୁଡ଼ା ଆଦି ପାଳନ କରିବା ସେମାନଙ୍କର ଏକ ସାଧାରଣ ଅଭ୍ୟାସ । ପାଖ ଜଙ୍ଗଲରୁ ଦରକାରୀ ଜିନିଷ ସଂଗ୍ରହ କରି ସେଥିରୁ ଦି ପଇସା ରୋଜଗାର କରିବାରେ ସେମାନଙ୍କୁ ଖୁସି ମିଳିଥାଏ । ସେମାନଙ୍କର ଏ ଖୁସି ପଇସା ପାଇଁ ନୁହେଁ, ଅନ୍ୟର ଉପକାର ପାଇଁ । ଗାଁ ମଝିରେ ଲମ୍ବା ଦାଣ୍ଡ । ଦୁଇ କଡ଼କୁ ଲାଗି ଧାଡି ଧାଡି ନଡ଼ାଛପର ଥିବା ମାଟି ଘର । କେବଳ ମନ୍ଦିର ଓ ବିଦ୍ୟାଳୟର ପକ୍କାଘର ଅଛି । ବେଳେବେଳେ ଭାଲୁ ଓ ମାଙ୍କଡ଼ ଆଦି ଗାଁ ଭିତରକୁ ଅଚାନକ ପ୍ରବେଶ କରି ଆସନ୍ତି । ଗ୍ରାମବାସୀମାନେ ଏ ପ୍ରକାର ଘଟଣାବଳୀ ସହିତ ଏତେ ଅଭ୍ୟସ୍ତ ଯେ ସେମାନେ ଏହାକୁ ଏକ ସମସ୍ୟା ବୋଲି ବିଚାର କରନ୍ତି ନାହିଁ । ଶୁଦ୍ଧ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ସ୍ୱତଃ ସରଳ ଜୀବନଧାରା ସେମାନଙ୍କୁ ପୁଲକ ଦିଏ ଯାହା ବାହ୍ୟ ଚାକଚକ୍ୟ-ପୂର୍ଣ୍ଣ କୃତ୍ରିମ ଜୀବନଧାରାରେ ପୂରାପୂରି ଭାବେ ଏକ ସ୍ୱପ୍ନ ।

ଗ୍ରୀଷ୍ମକାଳର ଏକ ନରମ ସୂର୍ଯ୍ୟୋଦୟର ସମୟ । ମହୁଲ ସଂଗ୍ରହ ଉଦ୍ଦେଶ୍ୟରେ ଦୁଇ ବନ୍ଧୁ ଫୁକନ ଓ ଯତୀନ୍ ବଣ ରାସ୍ତା ଦେଇ ଆଗକୁ ବଢ଼ିଲେ । ଫୁକନର ବୟସ ଚାଳିଶ ଓ ଯତୀନ୍‌ର ବତିଶ ପାଖାପାଖି ହେବ । ବୟସରେ ତାରତମ୍ୟ ଥିଲେ ବି ସେମାନଙ୍କ ଭିତରେ ଅନ୍ତରଙ୍ଗ ସମ୍ପର୍କ ଥିଲା । ସେଦିନ ଫୁକନର ମନ ଭଲ ନଥିଲା । ମନ ଦୁଃଖରେ ସେ ପାଟି ଖୋଲିଲା, ''କାଲି ରାତିରୁ ମୋ ଛେଳିଟା କୁଆଡ଼େ ଚାଲି ଯାଇଛି । ମୁଁ ତାକୁ ବାରଣ୍ଡା ଖୁଣ୍ଟରେ ଶକ୍ତ କରି ବାନ୍ଧି ଥିଲି । ବହୁତ ଆଡ଼େ ଖୋଜିଲିଣି । ତା'ର ପତ୍ତା ମିଳୁ ନାହିଁ । ସେ କ'ଣ ଆଉ ପବନରେ ମିଳାଇଗଲା ?'' ଯତୀନ୍ ଫୁକନର ମନର ଅବସ୍ଥାକୁ ଠଉରାଇ ନେଲା । ସେ କହିଲା, ''ଛେଳିଟା କେଉଁ କଣ୍ଟାବୁଦା ତଳେ ଅଟକି ଯାଇଥିବ । କଅଁଳ ପତ୍ର ଚୋବାଉଥିବ ବା ଘାସ ଚରୁଥିବ । ବ୍ୟସ୍ତ ହୁଅ ନାହିଁ । ଅନ୍ଧାର ହେବା ପର୍ଯ୍ୟନ୍ତ ଅପେକ୍ଷା କର । ବେଳେବେଳେ ସମୟ ବହୁତ କିଛିକୁ ଠିକ୍ କରି ଦିଏ ।'' ଫୁକନ କିଛିଟା ଆଶ୍ୱସ୍ତ ହେଲା । ଯେ ଯତୀନ୍‌ର କଥାକୁ ବିଶ୍ୱାସ କରୁଥିଲା । ମନକୁ ମନ ଭାବିଲା, ପଶୁଟା ଖାଇବା ଲୋଭରେ ବେଶୀ ଦୂର ଯାଇ ନଥିବ । ପୂର୍ବ ରାତିରେ ସେ ତାକୁ ତଣ୍ଟି ପର୍ଯ୍ୟନ୍ତ ଖାଇବାକୁ ଦେଇଥିଲା । ଘଟଣାଟା ତାକୁ ଖାପଛଡ଼ା ଲାଗୁଥିଲା । ସେ ଖୁସି ହୋଇ ପାରୁ ନଥିଲା । ସନ୍ଧ୍ୟା ଗଡ଼ିଗଲା, ମାତ୍ର ଫୁକନର ଛେଳି ଘରକୁ ଫେରିଲା ନାହିଁ ।

ପ୍ରାୟ ମଧ୍ୟରାତ୍ର ପୂର୍ବର ଘଟଣା ଥିଲା । ଗାଁ ଦାଣ୍ଡରେ ଗୋଟିଏ କୋଣକୁ ଥିବା ପିଣ୍ଡି ଉପରେ କେତେଜଣ ଗାଁ ଲୋକ ଗାମୁଛା ପାରି ଥଣ୍ଟା ମେଣ୍ଟାଉ ଥିଲେ ଓ ଖୁସି ଗପରେ ମଜା ଅନୁଭବ କରୁଥିଲେ । ମୁକ୍ତ ବଣୁଆ ପବନରେ କେତେ ଜଣଙ୍କୁ ନିଦ ଲାଗି ଯାଇଥିଲା । ହଠାତ୍ ଏକ ବୁଲା କୁକୁର ଲଗାତର ଭାବେ ଭୁକିବାରେ ଲାଗିଲା । ଗୋଟିଏ କୁକୁଡ଼ା ଘରୁ ମଧ୍ୟ କୁକୁଡ଼ାଗୁଡ଼ିକର ଭୟାର୍ତ୍ତ ଚିତ୍କାର ଶୁଭିଲା । ସେପ୍ରକାର ଶବ୍ଦ ସମ୍ପୂର୍ଣ୍ଣ ଅସ୍ୱାଭାବିକ ମନେ ହେଉଥିଲା । ବିପଦର ଆଶଙ୍କା କରି ସେମାନେ ହାତରେ ଠେଙ୍ଗା ଧରି ଶବ୍ଦ ଆସୁଥିବା ଦିଗକୁ ଦୌଡ଼ିଲେ । ମଳିନ ଜହ୍ନ ଆଲୁଅରେ ଶିଆଳ ଠାରୁ ଯଥେଷ୍ଟ ବଡ଼ ଆକାରର ବିଚିତ୍ର ବନ୍ୟ ଜନ୍ତୁଟିଏ ସେମାନଙ୍କ ନଜରକୁ ଆସିଲା । ଗୋଟିଏ ଛଣଗଦା ପଛପଟେ ପଶୁଟା ଲୁଚି ଯିବାକୁ ଚେଷ୍ଟା କରୁଥିଲା । ତା'ର କାର୍ଯ୍ୟକଳାପ ଭୟଙ୍କର ମନେ ହେଉଥିଲା । ଗୋଟିଏ କୁକୁରର ତଣ୍ଟିକୁ କାମୁଡ଼ି ଧରି ଜନ୍ତୁଟା ଘୋଷାରି ଘୋଷାରି ନେଉଥିଲା । ଜଣେ ବୟସ୍କ ବ୍ୟକ୍ତି ଚିତ୍କାର କରି ଉଠିଲେ, ''ପଶୁଟା ଗୋଟିଏ ଚିତାବାଘ ! ଶିକାର ପାଇଁ ଛପି ବୁଲୁଛି । ମୁଁ ତା' ଦେହରେ ଥିବା କଳା ଚିହ୍ନଗୁଡ଼ିକୁ ଦେଖି ପାରୁଛି । ତା' ଆଡ଼କୁ ଆଗାଅ ନାହିଁ ।''

ସମସ୍ତେ ନିଜକୁ ଯଥେଷ୍ଟ ଦୂରରେ ରଖି ଭୟ ଓ ଆଶ୍ଚର୍ଯ୍ୟରେ ଚିତାବାଘ ଆଡ଼କୁ ଚାହିଁ ରହିଲେ । କିଛିକ୍ଷଣ ପରେ ଏହା ବୁଦାଗହଳରେ ଅଦୃଶ୍ୟ ହୋଇଗଲା । ସେମାନେ ପିଣ୍ଡି

ନିକଟକୁ ଲେଉଟି ଆସିଲେ । ଚିତାର ଅଚାନକ ଉପସ୍ଥିତି ସେମାନଙ୍କ ଆଖିରୁ ନିଦ ହଜାଇ ଦେଇଥିଲା । ପରଦିନ ଖବରଟି ଗାଁ ଭିତରେ ଖେଳିଗଲା । ଚିତାବାଘ ଗାଁ ଭିତରେ ବୁଲି ଶିକାର କରୁଛି କଥାଟି ସେମାନଙ୍କୁ ଭୟଭୀତ କରିଦେଲା । ସେମାନେ କବାଟ ବନ୍ଦ କରିଦେଲେ, କାଳେ ଚିତାବାଘ ସେମାନଙ୍କ ଅଗଣାରେ ଛପି ରହିଥିବ । ପରଦିନ ସକାଳେ ଫୁକନ ଓ ଯତୀନ୍ ନିଖୋଜ ଛେଳିର ଅନୁସନ୍ଧାନରେ ବାହାରି ଗଲେ । ଫୁକନ ହାତରେ ଧନୁତୀର ଓ ଯତୀନ୍ ହାତରେ ଟାଙ୍ଗିଆ ଥିଲା । ସେମାନେ ଗାଁ ପୋଖରୀ ନିକଟକୁ ଆସିଲେ । ପୋଖରୀ ହୁଡ଼ାରେ ଠିଆ ହୋଇଥିବା ପ୍ରକାଣ୍ଡ ବରଗଛ ଛାଇରେ ବସିଲେ । ସେମାନଙ୍କ ଆଗରେ ଶୁଖିଲା ମାଟି ଉପରେ ପଡ଼ିଥିବା ଟଟକାରକ୍ତ ସେମାନଙ୍କ ଦୃଷ୍ଟିକୁ ଆସିଲା । ଆଶ୍ଚର୍ଯ୍ୟ ହୋଇ ସେମାନେ ମୁଣ୍ଡ ଉଠାଇ ଉପରକୁ ଚାହିଁଲେ । ଏକ ଅଦ୍ଭୁତ ଦୃଶ୍ୟ ସେମାନଙ୍କୁ ଅପେକ୍ଷା କରୁଥିଲା । ଫୁକନ ଯତୀନ୍‌କୁ କହିଲା, ''ମୁଁ ଯାହା ଦେଖୁଛି, ତୁମେ ଦେଖି ପାରୁଛ ତ ? ମୋ ଛେଳିର ମୁଣ୍ଡ ଗଛ ଉପରେ ଥିବା ସେହି ଛକିରୁ ତଳକୁ ଝୁଲୁଛି, ଦେହ କହିଲେ ଖାଲି ହାଡ଼ ଆଉ ଚମ । ଶବଟା ଭୟଙ୍କର ଲାଗୁଛି ।'' ଫୁକନ କାନ୍ଦି ପକାଇଲା । ଯତୀନ୍ ସବୁ ଦେଖି ପାରୁଥିଲା । ମନରେ ତା'ର ଭୟମିଶା ଘୃଣା ଭାବ । ସେ ବିରକ୍ତି ପ୍ରକାଶ କରି କହିଲା, ''ଏଭଳି ପୈଶାଚିକ କାର୍ଯ୍ୟ ସେ ଚିତାର । ଛେଳିର ଅଧା ଦେହ ଖାଇ ଯାଇଛି । କେଡ଼େ ନିର୍ମମ ଭାବରେ ତାକୁ ଚିରି ପକାଇଛି ! ଚାଲ, ଆମେ ପୋଖରୀ କଡ଼ ଦେଇ ବୁଲି ଆସିବା । ଆମକୁ ଚିତାର ପାଦଚିହ୍ନ ମିଳି ଯାଇପାରେ । ପେଟପୂରା ଖାଇବା ପରେ ନିଶ୍ଚୟ ପାଣି ପିଇବାକୁ ଆସିଥିବ ।''

ବିଷଣ୍ଣ ମନରେ ଉଭୟେ ପାଣି ପାଖ ଶୁଖିଲା ମାଟି ଉପରେ ଚାଲିଲେ । ସ୍ଥାନେ ସ୍ଥାନେ ନରମ ମାଟି ଓ କାଦୁଅ ରହିଥିଲା । ସେଥିରେ ଚିତାର ପାଦଚିହ୍ନ ଦେଖା ଯାଉଥିଲା । ଏହାକୁ ଅନୁସରଣ କରି ସେମାନେ ପୋଖରୀର ପକ୍କା ପାହାଚ ଶ୍ରେଣୀ ନିକଟରେ ପହଞ୍ଚିଲେ । ପାହାଚ ଶ୍ରେଣୀର ବିପରୀତ ପାର୍ଶ୍ୱରେ ବିସ୍ତୃତ ପଡ଼ିଆ ଜମି ଦୂରକୁ ଲମ୍ବି ଯାଇଥିଲା । ସ୍ଥାନଟି ସାନବଡ଼ ବୁଦା ଓ ଗୁଳ୍ମରେ ପୂର୍ଣ୍ଣ ଥିଲା । ଯଥେଷ୍ଟ ବ୍ୟବଧାନରେ ବଡ଼ ବଡ଼ ବଣୁଆ ଗଛ ମୁଣ୍ଡଟେକି ରହିଥିଲା । ସର୍ପ ଭୟ କାରଣରୁ ଇଲାକାଟି ପ୍ରାୟତଃ ପରିତ୍ୟକ୍ତ ଅବସ୍ଥାରେ ଥିଲା । ତାହାରି ଭିତରଦେଇ ସେମାନେ ଆଗକୁ ବଢ଼ିଲେ ଏବଂ ଏକ ବଡ଼ ମହୁଲ ଗଛ ନିକଟରେ ପହଞ୍ଚିଲେ । ଡାଳପତ୍ରଭରା ବୃକ୍ଷଟିରେ ଚିତାବାଘ ଦେହ ଛପାଇ ରହିଥିଲା । କେବଳ ତା'ର ଲାଞ୍ଜଟି ବାହାରକୁ ଦେଖା ଯାଉଥିଲା । କ୍ରୋଧ ଓ ଘୃଣାରେ ମୁହଁ ଫୁଲାଇ ଫୁକନ ଚିତ୍କାର କଲା, ''ସେ ଚିତାକୁ ଦେଖ, ବିରାଡ଼ି ଭଳି ଛପି ରହିଛି । ମୋ ଛେଳିର ମାଂସ ଗିଳି ପେଟକୁ ଓଜନିଆ କରିଛି । ଗୋଟେ ପୋଷା କୁକୁରକୁ ମଧ୍ୟ ହଜମ କରି ସାରିଛି । ତା' ତଣ୍ଟିକୁ ବନ୍ଦ କରିଦେବା ପାଇଁ ମୋର ଏହି ଗୋଟିଏ ତୀର ଯଥେଷ୍ଟ । ତୁମେ କିଛି କହୁ ନାହଁ କାହିଁକି ?''

ଯଥାସମ୍ଭବ ନିଜକୁ ଆୟତ୍ତରେ ରଖି ଯତୀନ୍ ଉତ୍ତର ଦେଲା,''ଧୈର୍ଯ୍ୟ ଧର । ଆମେ ଏ ପଶୁକୁ ହତ୍ୟା କରିପାରିବା ନାହିଁ । ଆମେ ଏହାର କୌଣସି କ୍ଷତି କରି ପାରିବା ନାହିଁ । ଚିତା ବନ ବିଭାଗର । ଆମେ ବନ ଅଧିକାରୀଙ୍କୁ ଚିତାର ଉତ୍ପାତ ବିଷୟରେ ଜଣାଇ ପାରିବା ।'' ସେଦିନ ରାତିରେ ଗାଁରୁ ବାଛୁରୀଟିଏ ଉଭାନ ହୋଇଗଲା । ପରଦିନ ଲୋକମାନେ ତା'ର ବୀଭତ୍ସ ଶବକୁ ପୋଖରୀ ନିକଟରେ ପାଇଲେ । ଶବଟିକୁ ଚିହ୍ନି ହେଉ ନଥିଲା । ଏହା ଚିତାର କାମ ବୋଲି ସେମାନେ ନିଶ୍ଚିତ ହେଲେ । ପ୍ରତି ରାତିରେ ଶିକାର – ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ପଡ଼ିଲେ । ନିଜ ନିଜର ମାରଣାସ୍ତ୍ର ଧରି ସେମାନେ ଦାଣ୍ଡକୁ ବାହାରି ଆସିଲେ । ଉତ୍ତେଜିତ ସ୍ୱରରେ ଚିତ୍କାର କଲେ ...

– ଆମ ଛୁଆପିଲାଙ୍କ ଜୀବନ ଆଦୌ ନିରାପଦ ନୁହେଁ ।

– ଚିତା ଆମ୍ଭମାନଙ୍କୁ ଉଠାଇ ନେବାର ବାଟ କରୁଛି ।

– କେଡ଼େ ହିଂସ୍ର ଆଉ ରକ୍ତମୁଖା ।

– ଆମ ଛେଳି, କୁକୁର, ବାଛୁରୀକୁ ଖାଇଗଲା ।

– ଆମେ ତା'ର ରକ୍ତ ପିଇଯିବୁ ...

ଯତୀନ୍ ବହୁ କଷ୍ଟରେ ଗ୍ରାମବାସୀଙ୍କୁ ଶାନ୍ତ କରାଇଲା । ସେ କହିଲା, ''ସବୁ ଅଶାନ୍ତିର କାରଣ ଏହି ଚିତା । ପଶୁଟା ସରକାରଙ୍କର । ବନବିଭାଗର ଦାୟିତ୍ୱରେ ଅଛି । ଆମେ ତା'ର କ୍ଷତି କଲେ, ବନବିଭାଗ ଆମକୁ ଛାଡ଼ିବ ନାହିଁ । ଆମେ ଗୁମ୍ଫାରେ ରହୁଥିବା ମଣିଷ ନୁହଁନ୍ତି ଯେ ପଶୁଟାକୁ ମାରି ଖାଇଯିବା । ଆମେ ଜଙ୍ଗଲ ଅଧିକାରୀଙ୍କୁ ଭେଟି ଚିତାକୁ ଏଠାରୁ ନେଇଯିବା କଥା କହିବା ।''

ଲୋକମାନଙ୍କ ଉତ୍ତେଜନା ଥମି ଆସୁଥିଲା । ସେମାନେ ରେଞ୍ଜ ଅଫିସର୍‌ଙ୍କୁ ଭେଟି ଚିତାର ଉତ୍ପାତ ବିଷୟରେ କହିଲେ ।

ଲୋକ ଗହଳି ଓ ପରିସ୍ଥିତିକୁ ହୃଦୟଙ୍ଗମ କରି ବନ ଅଧିକାରୀ ସେ ଦିଗରେ ତୁରନ୍ତ ପଦକ୍ଷେପ ନେଲେ । ଚିତାବାଘକୁ ଧରିବା ପାଇଁ ପ୍ରଶିକ୍ଷିତ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଲେ । ଉତ୍ତେଜିତ ଜନତାଙ୍କ ସୁରକ୍ଷା ସକାଶେ ପୁଲିସର ସହାୟତା ନେଲେ । ଆବଶ୍ୟକୀୟ ସରଞ୍ଜାମ ସହ କର୍ମଚାରୀମାନେ ଚିତା ଆତ୍ମଗୋପନ କରିଥିବା ମହୁଲ ଗଛ ନିକଟରେ ପହଞ୍ଚିଲେ । ଲୋକଙ୍କ ଭିଡ଼ କାରଣରୁ ଚିତା ଗଛ ଉପରୁ ତଳକୁ ଆସିଲା ନାହିଁ । ସାମୟିକ ଭାବେ ପଶୁଟିକୁ ଅଚେତ କରାଇ କର୍ମଚାରୀମାନେ ଯତ୍ନ ସହକାରେ ଜନ୍ତା ମଧକୁ ବୋହି ନେଲେ । ଚିତା-ସମସ୍ୟାର ଅନ୍ତ ହେଲା । ସେଦିନ ରାତିରେ ଅଧିକାଂଶ ଗାଁ ଲୋକେ ପିଣ୍ଡି ଉପରେ ଏକାଠି ହୋଇଥିଲେ । ଦିନର ଘଟଣା ଉପରେ ଖୁସି ମନରେ ଆଲୋଚନା କଲେ । ସମସ୍ତେ ଯତୀନ୍ ଓ ଫୁକନକୁ ସେମାନଙ୍କର ଧୈର୍ଯ୍ୟ ଓ ସାହସ ପାଇଁ ପ୍ରଶଂସା କଲେ । ଯତୀନ୍ କହିଲା, ‘‘ଯେପର୍ଯ୍ୟନ୍ତ ବନବିଭାଗର କର୍ମଚାରୀମାନେ ଆମ ସହିତ ଅଛନ୍ତି, ଆମର ଭୟଭୀତ ହେବାର କୌଣସି କାରଣ ନାହିଁ ।’’

କାହାଣୀରେ ଯତୀନ୍‌ର ସଚେତନତା ଓ ଧୈର୍ଯ୍ୟ ଗ୍ରାମବାସୀମାନଙ୍କୁ ଶାନ୍ତ କରାଇ ପାରିଛି । ସେମାନେ ଭୁଲ୍ କାର୍ଯ୍ୟ କରିବାରୁ ନିବୃତ୍ତ ହୋଇଛନ୍ତି । ସରକାରୀ ନିୟମ ମାନି ଉଚିତ କାର୍ଯ୍ୟ କରିଛନ୍ତି ।

ଦିବ୍ୟଜନନୀ ମା’ଙ୍କ ଭାଷାରେ –

“With patience any difficulty can be overcome.” (CWM, Vol. 14, p. 166)

ଅର୍ଥାତ୍, ‘‘ଧୈର୍ଯ୍ୟ ରହିଥିଲେ ଯେକୌଣସି ବାଧାକୁ ଅତିକ୍ରମ କରାଯାଇ ପାରିବ ।’’

(ମାତୃବାଣୀ, ଚତୁର୍ଦ୍ଦଶ ଖଣ୍ଡ, ପୃ. ୨୧୭)

*

“Yes, it is not good to be impatient and agitated — you must do everything peacefully and quietly without excessive haste.”

(CWM, Vol. 14, p. 166)

ଅର୍ଥାତ୍, ‘‘ହଁ, ଧୈର୍ଯ୍ୟ ହରାଇ ବସିବା ଏବଂ ଉତ୍ତେଜିତ ହୋଇ ପଡ଼ିବା ମୋଟେ ଭଲ ନୁହେଁ – କୌଣସି ଅତିରିକ୍ତ ତ୍ୱରା ନରଖି ଶାନ୍ତ ଓ ସ୍ଥିର ଭାବରେ ତୁମକୁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ହେବ ।’’

(ମାତୃବାଣୀ, ଚତୁର୍ଦ୍ଦଶ ଖଣ୍ଡ, ପୃଷ୍ଠା - ୨୧୮) ❑

Let us meditate on the most auspicious (best) form of Savitri on the Light of the Supreme which shall illumine us with the Truth.

– Sri Aurobindo

ତତ୍ ସବିତୁ ର୍ବରଂ ରୂପଂ ଜ୍ୟୋତିଃ ପରସ୍ୟ ଧୀମହି ।
ଯନ୍ନଃ ସତ୍ୟେନ ଦୀପୟେତ୍ ॥
(ଶ୍ରୀଅରବିନ୍ଦଙ୍କ ଗାୟତ୍ରୀ ମନ୍ତ୍ର)

# ହରି ଯାହାକୁ ରଖନ୍ତି

ଶମୀକ ମୁନିଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେବାର ପଦ୍ଧତି ଟିକିଏ ଭିନ୍ନ ଧରଣର ଥିଲା; ଶାସ୍ତ୍ର ଅଭ୍ୟାସ କରିବା ବା ପାଠ ମୁଖସ୍ଥ କରିବା, ତା'ର ଅର୍ଥ ଓ ବ୍ୟଞ୍ଜନା ପଛରେ ଅଧିକ ମନଧ୍ୟାନ ଦେବାକୁ ବିଦ୍ୟାଶିକ୍ଷାର ଶେଷ କଥା ବୋଲି ସିଏ ମନେକରୁ ନ ଥିଲେ । ସିଏ କହୁଥିଲେ, ଚକ୍ଷୁ ଖୋଲା ରଖ – ଏ ଜଗତ୍ ସଂସାରରୁ, ଜୀବଜଗତରୁ, ଘଟଣାସମୂହରୁ ଶିକ୍ଷା ପାଇପାରିବ; ଯାହା ଦେଖୁଛ ତାକୁ ବାହ୍ୟିକ ଭାବେ ନଦେଖି, ତା'ର ପଶ୍ଚାତକୁ ଯାଇ ତା'ର କାରଣଟିକୁ ଦେଖ । ସେଇଥିରୁ ଭଗବତ୍ ଲୀଳା ପ୍ରତ୍ୟକ୍ଷ କରି ପାରିବ; କିଛି ବି ଜିନିଷ ହଠାତ୍ ଘଟିଯାଏ ନାହିଁ, ତାହାର ପୂର୍ବାପର ସଂପର୍କ ଥାଏ, କାର୍ଯ୍ୟ-କାରଣ ସଂପର୍କ ଥାଏ । ତେଣୁ କାର୍ଯ୍ୟଟାଏ ଦେଖିଲେ କାରଣଟିକୁ ଅନୁସନ୍ଧାନ କର, ବାହ୍ୟ ରୂପରେ ଅଟକି ନଯାଇ, ତା' ପଶ୍ଚାତରେ ସୂକ୍ଷ୍ମାକାରରେ ସୂକ୍ଷ୍ମଲୋକରେ ଯେଉଁ ଅଦେଖା ହାତ ଏସବୁକୁ ନିୟନ୍ତ୍ରଣ କରୁଛି – ସେଇ ସର୍ବନିୟନ୍ତାର ପରିଚାଳନାକୁ ଲକ୍ଷ୍ୟକର । ସେ ଶିଷ୍ୟମାନଙ୍କୁ କହୁଥିଲେ, ''ଆହୁରି ପଛକୁ ଯାଅ, ଆହୁରି ଗଭୀରକୁ ଯାଅ, ପ୍ରତ୍ୟକ୍ଷର ଗଭୀରରେ ଥିବା ଅପ୍ରତ୍ୟକ୍ଷକୁ ପାଇବାକୁ ଯତ୍ନବାନ୍ ହୁଅ, ସେଇଟିକୁ ଅନୁଧ୍ୟାନ କର । ଜୀବନ ଏକ ମୁକ୍ତ ପୁସ୍ତକ, ସେଇଥିରୁହିଁ ଶିକ୍ଷାଲାଭ କର ।''

ସମୟ ଥିଲା ମହାଭାରତ ଯୁଦ୍ଧର । ସେଇ କୁରୁକ୍ଷେତ୍ରର ନିକଟସ୍ଥ ଅଞ୍ଚଳରେ ଶମୀକ ମୁନିଙ୍କର ଆଶ୍ରମ ଥିଲା । ମଝିରେ ମଝିରେ ସେ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ଭ୍ରମଣରେ ବାହାରୁଥିଲେ, ରାସ୍ତାଘାଟରେ କିଛି ଦର୍ଶନୀୟ ଜିନିଷ ଦେଖିଲେ ଅଟକିଯା'ନ୍ତି ଓ ସେମାନଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତି – ବସ୍ତୁସ୍ଥିତି ଦେଖି, ପର୍ଯ୍ୟାଲୋଚନା କରି ଅନୁଭବପୂର୍ଣ୍ଣ ଜ୍ଞାନ ସେ ଦିଅନ୍ତି ସେମାନଙ୍କୁ; ଯାହାଫଳରେ ସେମାନଙ୍କର ଜଗତ୍ ସଂପର୍କୀୟ ଜ୍ଞାନ ଆତ୍ମଜ୍ଞାନର ସହାୟକ ହେବ । ସେଦିନ ସିଏ ପ୍ରଭାତ ହେବା ଆଗରୁ ମହାଭାରତ ଯୁଦ୍ଧର ପ୍ରାନ୍ତରକୁ ସେମାନଙ୍କୁ ନେଇଗଲେ । ସେଠାରେ ମୃତ୍ୟୁନାମ୍ନୀ ମହାକାଳର କରାଳଲୀଳା ସେମାନଙ୍କୁ ଦେଖାଉ ଥିଲେ – କେଉଁଠି କେଉଁ ବୀରର ମୁଣ୍ଡ, କେଉଁଠି ମସ୍ତକବିହୀନ ଶବ, କେଉଁଠି ବିରାଟକାୟ ହାତୀ ମରିପଡ଼ିଛି, କେଉଁଠି ଦ୍ରୁତଗାମୀ ଅଶ୍ୱ ରଥଚାପାରେ ମୃତ୍ୟୁଲାଭ କରିଛି, ପ୍ରାନ୍ତର ଚତୁର୍ଦ୍ଦିଗରେ ବୀରମାନଙ୍କ ହାତରୁ ଖସିପଡ଼ିଥିବା ଅସ୍ତ୍ରଶସ୍ତ୍ର ବିକ୍ଷିପ୍ତ ହୋଇ ପଡ଼ିଛି । ଏସବୁ ଦେଖାଇ ସେ ଗର୍ବସ୍ଫୀତ ମଣିଷମାନଙ୍କର ଅହଂକାରର ପରିଣାମ ବୁଝାଉଥିଲେ । ସେତିକିବେଳେ ଶିଷ୍ୟଟିଏ ଦୌଡ଼ିଯାଇ ବିରାଟ ଘଣ୍ଟିଟିକୁ ଉଠାଇ ପକାଇଲା ସତେ ଯେମିତି ଦୈବ ପ୍ରେରିତ ହୋଇ । ଏତେ ବଡ଼ ଘଣ୍ଟି କେଉଁ ହସ୍ତୀର ଗଳାଦେଶରୁ ଛିଣ୍ଡିପଡ଼ିଛି ! ଗୁରୁଙ୍କୁ ଦେଖାଇବାହିଁ ତା'ର ଉଦ୍ଦେଶ୍ୟ ଥିଲା, ମାତ୍ର ଏ କ'ଣ ସେ ଦେଖୁଛି – ସେଇ ଘଣ୍ଟି ତଳେ ସୁରକ୍ଷିତ ପକ୍ଷୀଶାବକ ଦୁଇଟି ଏକ ଛୋଟ ନୀଡ଼ ସହିତ ପଡ଼ି ରହିଛନ୍ତି । ଯେଉଁଠି ହଜାର ହଜାର ସଂଖ୍ୟାରେ ମନୁଷ୍ୟ ତଥା ହାତୀଘୋଡ଼ାଙ୍କର ଭୟଙ୍କର ମୃତ୍ୟୁ, ତାହାରି ଭିତରେ ସଦ୍ୟ ଅଣ୍ଡାଫୁଟାଇ ବାହାରିଥିବା ଦୁଇଟି ପକ୍ଷୀ ଶାବକଙ୍କର ଜନ୍ମ – ଆଶ୍ଚର୍ଯ୍ୟଚକିତ ହୋଇ ପକ୍ଷୀ ଶାବକ ଦୁଇଟିକୁ ବାଳକଟି ଗୁରୁଙ୍କ ନିକଟକୁ ଉଠାଇ ନେଲା । ଶିଷ୍ୟମାନେ ରୁଣ୍ଡ ହୋଇଗଲେ ଗୁରୁଙ୍କୁ ଘେରି ଏହି ଆଶ୍ଚର୍ଯ୍ୟକର ଘଟଣାଟି କେମିତି ଘଟିଲା ଜାଣିବାକୁ, ଗୁରୁ କହିଲେ – ଏଇ ପ୍ରାନ୍ତରରେ କେଉଁଠି କେଉଁଠି ବୃକ୍ଷ ରହିଛି । ବୃକ୍ଷ-କୋଟରରେ ପକ୍ଷୀମାନେ ନୀଡ଼ ବାନ୍ଧି ରହିଛନ୍ତି । ମାତ୍ର ଏ ଘୋର ଯୁଦ୍ଧ ସମୟରେ କେତେ ବୃକ୍ଷ ସହିତ ବିହଙ୍ଗ ଯେ ଆହତ ଓ କ୍ଷତିଗ୍ରସ୍ତ ହେଲେ, ତା'ର ଠିକଣା ନାହିଁ । ସେଥିରୁ ଗର୍ଭିଣୀ ପକ୍ଷୀଟିଏ ବାହାରି ଆକାଶ ମାର୍ଗରେ ଉଡ଼ିଯାଉଥିଲା । ସେତେବେଳେ ତା' ଦେହରେ ଶରଟିଏ ଆସି ଆଘାତ କଲା । ସେଇ ମୁହୂର୍ତ୍ତରେ ସେ ଡାକିଲା – ହେ ହରି, ନାରାୟଣ, ମୋର ଏ ଗର୍ଭର ଶିଶୁ ଦୁହିଁଙ୍କୁ ରକ୍ଷାକର । ମୋର ମୃତ୍ୟୁ ତ ନିଶ୍ଚିତ, ତଥାପି ମୋ ଗର୍ଭର ଏଇ ଅଣ୍ଡା ଦୁଇଟି ଯେପରି ମୃତ୍ୟୁ ଲାଭ ନ କରି ବଞ୍ଚି ରହିବେ । ତୁମ ହାତରେହିଁ ସେଇ ଦୁଇଟିକୁ ମୁଁ ଅର୍ପଣ କଲି, ହେ ଶରଣ-ବତ୍ସଳ, ସେମାନଙ୍କ ଜୀବନ ତୁମ ହାତରେ ।

ଏଇପରି କହିବା ବେଳେ ପକ୍ଷିଣୀଟିର ମୃତ୍ୟୁ ହେଲା । ତା' ଗର୍ଭରୁ ଅଣ୍ଡା ଦୁଇଟି ଆକାଶରୁ ଖସିପଡ଼ିଲେ । ଦୈବକୃପାରୁ ନ ଭାଙ୍ଗି ଯୁଦ୍ଧପ୍ରାନ୍ତରରେ ଆସି ପଡ଼ିଲେ ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ଦୌଡ଼ି ଯାଉଥିବା ଗୋଟିଏ ହାତୀର ଗଳାରୁ ଛିଡ଼ିପଡ଼ି ବଡ଼ ଘଣ୍ଟିଟିଏ ତା' ଉପରେ ପଡ଼ିଗଲା – ଯେପରି ତାକୁ ବାହାର ଆଘାତରୁ ଘୋଡ଼ାଇ ରଖିବାକୁ । ସେଇ ପ୍ରାନ୍ତରରେ କେତେ ଦଳାଦଳି, କେଡ଼େ ବେଗରେ ରଥୀ ମହାରଥୀ ସୈନ୍ୟସାମନ୍ତ, ଅଶ୍ୱ ଓ ହସ୍ତୀର

ଯିବା ଆସିବା, ଅଥଚ ସେସବୁ ଭିତରେ ଏଇ ଅଣ୍ଡା ଦୁଇଟି ଅକ୍ଷତ ରହିଗଲା – ପ୍ରଭୁଙ୍କର କି ବିଚିତ୍ର ଲୀଳା ! ମୃତ୍ୟୁଦେବତାଙ୍କର ପ୍ରତିକ୍ଷଣର କାର୍ଯ୍ୟବ୍ୟସ୍ତତା ଭିତରେ ଜୀବନଯଜ୍ଞର ଏଇ ଲୀଳାଟି କି ଅଦ୍ଭୁତ ! ହେ ବାଳକବୃନ୍ଦ ! ପ୍ରତ୍ୟକ୍ଷ କର – ଶ୍ରୀହରିଙ୍କ ବାହୁଛାୟାର ଅଦ୍ଭୁତ ଅନୁପ୍ରବେଶ ଫଳରେ ଅଣ୍ଡାଦୁଇଟି ଏହା ଭିତରେ ଶାବକ ହୋଇଗଲେଣି– ଘଣ୍ଟି ଭିତରର ଉଷ୍ଣତା ମାତୃ-ଡେଣାର ଉଷ୍ଣତା ପ୍ରଦାନ କରିଛି । ସେଥିରୁ ସଦ୍ୟଜାତ ଶାବକ ଦୁଇଟି ବାହାରି ଆସିଛନ୍ତି । ସେହିପରି କୌଣସି ଦୈବ-ପ୍ରେରଣା ବଶରେ ଆମ୍ଭେମାନେ ଏଠାରେ ପହଞ୍ଚିଗଲେ, ସତେ ଯେମିତି କେହି ଆମକୁ ଏ ଦୁଇଟିଙ୍କୁ ଅଭୟ ଆଶ୍ରୟ ଦେବାକୁ ପଠାଇ ଦେଇଛି ।

ଭଗବାନଙ୍କ ଲୀଳା ମାନୁଷୀ କାର୍ଯ୍ୟକାରଣକୁ ଅପେକ୍ଷା କରେ ନାହିଁ, ଆମର ପାଇବାର ଯୋଗ୍ୟତାକୁ ପରୀକ୍ଷା କରେ ନାହିଁ; ତାହା ତାଙ୍କର ଦିବ୍ୟତାର ଧାରାକୁହିଁ ଅନୁସରଣ କରେ । ଯାହାକୁ ଅନନ୍ତଦେବ ରକ୍ଷା କରିବାକୁ ହାତ ବଢ଼ାଇ ଦେଇଛନ୍ତି, ବଳଶାଳୀ କାଳ ତା'ର କି କ୍ଷତି କରିପାରିବ !

ଏହା କହି ଆଚାର୍ଯ୍ୟ ଶମୀକ ତାଙ୍କ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ଆଶ୍ରମକୁ ଫେରି ଆସିଲେ । ସଦ୍ୟଜାତ ଶାବକ ଦୁଇଟିଙ୍କର ପାଳନ ପୋଷଣର ଭାର ଶିଷ୍ୟମାନଙ୍କ ହାତରେ ସମର୍ପି ଦେଲେ । ସେ କହିଲେ, ଯେଉଁ ଯୋଗେଶ୍ୱର ଏ ଜଗତ୍ ସଂସାରର ନିୟନ୍ତା, ତାଙ୍କ ପାଖରେ କ୍ଷୁଦ୍ର ବୋଲି କିଛି ନାହିଁ । ପକ୍ଷିଣୀଟିର କାତର ପ୍ରାର୍ଥନା ସେ ଶୁଣି ତୁରନ୍ତ ତା'ର ସନ୍ତାନର ରକ୍ଷାର୍ଥେ ଆପଣା ଇଚ୍ଛାମୟ ସ୍ୱରୂପକୁ ପ୍ରକଟ କଲେ । ସାମାନ୍ୟତମ ଆନ୍ତର ଆବେଦନ ତାଙ୍କର ଅଗୋଚର ରହେ ନାହିଁ । କ୍ଷୀଣ ଦୁର୍ବଳ କଣ୍ଠର ପ୍ରାର୍ଥନାଟି ମଧ୍ୟ ତାଙ୍କ କାନରେ ପହଞ୍ଚିବାକୁ ବାଟ ଭୁଲେ ନାହିଁ । ସେଇ କୃପାମୟ ଜୀବର କଲ୍ୟାଣ ନିମିତ୍ତ, ତା'ର ସୁରକ୍ଷା ଓ ବିକାଶ ନିମିତ୍ତ ସଦା ତତ୍ପର । ସେ ସହସ୍ର-ପାଣି, ସହସ୍ରପାଦ, ଅନନ୍ତ ଚକ୍ଷୁ ଓ କର୍ଣ୍ଣ ବିଶିଷ୍ଟ ସଦାଜାଗ୍ରତ୍ ପ୍ରଭୁଙ୍କୁ ଅନନ୍ତ ପରମେଶ୍ୱରଙ୍କୁ ସର୍ବଦା ସ୍ମରଣ ରଖ, ତୁମ ସମ୍ମୁଖରେ ରହିଛନ୍ତି ବୋଲି ଅନୁଭବ କର ।

ସଂଗ୍ରହ : କୃଷ୍ଣାଦେବୀ

❑❑❑


"In the sincerity of our trust lies the certitude of our victory."

*(MCW, Vol 15, page 82)* - The Mother

**Collected Works of the Mother 17 Vols. (CR) (PB)** **– Rs. 3500**

**The Great Adventure - A Diary for all times: (New Revised Edition)** **– Rs. 400**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo** **– Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : +91 9489063512, website: www.vakbooks.in

# ଦେବଦୂତ ସଂଖ୍ୟା

## ଧର୍ମକୁମାର ଶତପଥି

ଚଳିତ ବର୍ଷ ଲୋକପ୍ରିୟ ଆମୋଦ-ପ୍ରମୋଦଭରା ସାଂସ୍କୃତିକ ପର୍ବ 'ରଜ' ସରିବା ପରର ଘଟଣା । ତିନିଦିନର ଏଇ ରଜମଉଜର ସମୟ କେମିତି ସରିଗଲା, ଜଣା ପଡ଼ିଲା ନାହିଁ । 'ସର୍ବଂସହା ଧରଣୀ ରଜସ୍ୱଳା' ହେଲା । ଏହା ପରେ ସେ ଫସଲ ପ୍ରସବିନୀ ହେବ, ହେବ ସ୍ୱର୍ଣ୍ଣପ୍ରସୂ ! ଚାଷୀ ଧରଣୀକୁ ଚଷି ବିଭିନ୍ନ ଫସଲ ଉତ୍ପନ୍ନ କରିବ । ସମୟର ମାପକାଠିରେ ରଜସଂକ୍ରାନ୍ତି ପରେ ପରେ ଆକାଶରେ ଦେଖାଦିଏ କଳାବଉଦ । ଯେଉଁ ଧରଣୀରାଣୀ ନିଦାଘର ଉତ୍ତାପରେ ତପ୍ତ ହୋଇ ହା'ହୁତାଶ ହୋଇ ପଡୁଥିଲା, ତତ୍ପରେ ତା' ବକ୍ଷରେ ପ୍ରଭୁଙ୍କ ଆଶୀର୍ବାଦ ଭଳି ଅଜାଡ଼ି ହୋଇ ପଡ଼ିବ କଳାମେଘ କୋଳରୁ ଅବାରିତ ବାରିଧାରା ! ଧରଣୀ ହେବ ସୁଜଳା, ସୁଫଳା ! ଏହାର ବକ୍ଷରେ ଜୀବଜନ୍ତୁ ଶାନ୍ତି ଲଭିବେ । କବିଙ୍କ ଭାଷାରେ –

''ବରଷା ହେଲେ ମହୀ ହେବ ଶୀତଳ,
ଶାନ୍ତି ଲଭିବେ ଜୀବଜନ୍ତୁ ସକଳ ।।''

ସତକୁ ସତ ବର୍ଷା ଆସିଲେ ଜୀବଜନ୍ତୁଙ୍କ ମନରେ ଆଶା ସଞ୍ଚାର ହୁଏ । ସମସ୍ତେ ଜୀବନର ଜଞ୍ଜାଳମୟ ଘନଘଟା ମଧ୍ୟରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ପ୍ରୀତିର ମଧୁରତା ଆସ୍ୱାଦନ କରିଥା'ନ୍ତି ।

ମୁଁ ଅଗଣାକୁ ଲାଗି ବାରଣ୍ଡାର ଏକ କୋଣକୁ ମୋର ସନାତନ ଚଉକିକୁ ଆଉଜି ଅନ୍ୟମନସ୍କ ଭାବେ ଖବରକାଗଜ ଓଲଟାଉ ଥିଲି । ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଛି । ସକାଳୁ ସୂର୍ଯ୍ୟଙ୍କ କିରଣ ପଡ଼ି ନାହିଁ କିଂବା ନିଦାଘର ସେଇ ରୌଦ୍ରଦଗ୍ଧ ବିଷଣ୍ଣତା ବି ନାହିଁ । ବରଂ ଆମ କାବ୍ୟ କବିତାରେ ଏଇ ବର୍ଷାକୁ ନେଇ ବିଭିନ୍ନ ଚିତ୍ରଣ, କାଳିଦାସଙ୍କ ''ଆଷାଢ଼ସ୍ୟ ପ୍ରଥମ ଦିବସେ ...''ରୁ ମଧୁସୂଦନ ରାଓଙ୍କ ''ବରଷାକାଳ ଅଟେ ମଙ୍ଗଳକାରୀ, ପାଳଇ ପରଜାଙ୍କୁ ବରଷି ବାରି'' ଏବଂ ପରେ ପରେ ରାଧାନାଥଙ୍କ 'ତୁଳସୀ ସ୍ତବକ'ର ସେଇ ଲୋକପ୍ରିୟ ''ବର୍ଷା'' କବିତା, ଯାହା ମୁଁ ମୋ ହାଇସ୍କୁଲ ପାଠ୍ୟକ୍ରମରେ ଆମୂଳଚୂଳ ଗାଇ ଶିକ୍ଷକଙ୍କ ଠାରୁ ସାବାସି ପାଇଥିଲି, ଯେଉଁଥିରେ ବର୍ଷା ବର୍ଣ୍ଣନା ସହିତ କବିବର ପ୍ରତ୍ୟେକ ପଙ୍କ୍ତିରେ ମଣିଷ ଜୀବନର ଛବିକୁ ଚିତ୍ରିତ କରିଛନ୍ତି – ଏସବୁକୁ ମନେ ପକାଇ ବେଶ୍ ଭାବଗମ୍ଭୀର ଓ ତଲ୍ଲୀନ ହୋଇ ଉଠୁଥିଲି । ସବୁଠାରୁ ବେଶୀ ଆମୋଦିତ କରୁଥିଲା ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟର ସେଇ ଦୁଇଟି ପଙ୍କ୍ତି –

''ବାଲ୍ମିକୀ ଆଶ୍ରମ ରାଜ୍ୟରେ ଶାନ୍ତି ରାଜତ୍ୱ କରେ,
କୋଷପୂର୍ଣ୍ଣ କରି ପାଦପ ଦଣ୍ଡ ସୁଛାୟା କରେ । ...
କରି ବରଷାର ବ୍ୟାୟାମେ ଅଙ୍ଗ-ପୁଷ୍ଟି ସାଧନ,
ଆତପଙ୍କୁ ଜିଣି ଆଣନ୍ତି ତା'ର ଆଲୋକ-ଧନ । ...''

ଇତ୍ୟାଦି । ବର୍ଷାର ତାଳେ ତାଳେ ପାଦପମାନେ ବ୍ୟାୟାମ କରି ଅଙ୍ଗକୁ ହୃଷ୍ଟପୁଷ୍ଟ କରନ୍ତି ଏବଂ ଗ୍ରୀଷ୍ମ, ବର୍ଷା ଓ ଶୀତ ସହିତ ଲଢ଼ାଇ କରି ପ୍ରକୃତିକୁ ପରାସ୍ତ କରନ୍ତି । ଏମିତି ଏକ ସୂକ୍ଷ୍ମ ଚିତ୍ରର ଆବେଗରେ ମନ ଭିତରେ ଏକ ଶିହରଣର ସୌଦାମିନୀ ଖେଳୁଥାଏ ।

ରଥାଯାତ୍ରା ଆହୁରି ସପ୍ତାହେ ବାକୀ । ପରେ ପରେ ବାହୁଡ଼ାଯାତ୍ରା । ପୁଣି ଆହୁରି କେତେ କ'ଣ । ବାରମାସରେ ତେର ପର୍ବ !

ହଠାତ୍ ବିଜୁଳି ଘଡ଼ଘଡ଼ି ହୋଇ ଟପ୍ ଟପ୍ ବର୍ଷା ମାଡ଼ି ଆସିଲା । ଏଇ ଆଦ୍ୟ ଆଷାଢ଼ର ଘଡ଼ଘଡ଼ି କାନରେ ଅତଡ଼ା ପକାଏ । ଦର୍ପଣର କାଚକୁ ଚୁନା ଚୁନା କରି ଭାଙ୍ଗି ପକାଇବା ପରି ଆକାଶକୁ ଗୁଣ୍ଡ ଗୁଣ୍ଡ କରି ପକାଇବା ପରି ବୋଧ ହୁଏ । ମୁଁ ଘରର ବିଦ୍ୟୁତ୍ ସରଞ୍ଜାମ ସବୁରୁ ବିଦ୍ୟୁତ୍ ସେବା କାଟି ଦେଇଥିଲି । ହଠାତ୍ ଏକ ଆଖି ଝଲସା ବିଜୁଳିର ଚମକ ସହ ଏକ ପ୍ରଚଣ୍ଡ ଘଡ଼ଘଡ଼ି ସବୁଆଡ଼କୁ ଦୋହଲାଇ ଦେଲା ପରି ଲାଗିଲା । ତା'ର ଆବାଜରେ ଝିଅ ଆମର ମୋ ପାଖକୁ ଦୌଡ଼ି ଆସି ମୋ ଉପରେ ଆଉଜି ପଡ଼ିଲା । ମୁଁ କୌଣସି ମତେ ସମ୍ଭାଳି ନେଇ କହିଲି, ''ବର୍ଷା ଦିନରେ ବିଜୁଳି ଘଡ଼ଘଡ଼ି ଏକ ଚିରାଚରିତ ଘଟଣା । ପୁଣି ଆମେ ଘର ଭିତରେ ଅଛୁ । ଏଣୁ ଡରିବାର କୌଣସି କାରଣ ନାହିଁ ।'' ତଥାପି ଝିଅ କାନରେ ଆଙ୍ଗୁଠି ଗେଞ୍ଜି ଆଖି ବନ୍ଦ କରି ନିଶ୍ଚଳ ରହିଲା । ମୁଁ ପଚାରିଲି – ''ସେଇ ଘରେ ତୁ ଏକା ଏକା କ'ଣ କରୁଥିଲୁ ? ତୁ କୁଆଡ଼େ ସାଙ୍ଗମାନଙ୍କ ପାଖକୁ ବୁଲିଯାଇଛୁ ବୋଲି ମୁଁ ଭାବୁଥିଲି । ଆଉ ଏମିତି ଆକସ୍ମିକ ମେଘ ଘଡ଼ଘଡ଼ିରେ କେମିତି ଫେରିବୁ ଚିନ୍ତା କରୁଥିଲି ।''

''ମୁଁ ତ ମୋ ପଢ଼ା ଘରେ ଏକ ଘଣ୍ଟାରୁ ଅଧିକ ସମୟ ହେବ ପଢ଼ାପଢ଼ି କରୁଥିଲି, ଅଙ୍କ କଷୁଥିଲି । ଆଉ ଏବେ ଟିକିଏ ବେଳ ହେଲା, ତୁମେ ମୋତେ କହିଥିବା କିଛି କୌତୁକିଆ ସଂଖ୍ୟା କଥା ମୋ ଟିପା ଖାତାରୁ ଦେଖୁଥିଲି ।'' – ଝିଅ ଉତ୍ତର ଦେଲା ଏକ କୈଫିୟତ ଦେବା ଭଙ୍ଗିରେ ।

ମୁଁ ପୁଣି ପଚାରିଲି – ''କି କୌତୁକିଆ ଅଙ୍କ ବା ସଂଖ୍ୟା କଥା ? କେବେ କହିଥିଲି ? ଟିକେ ମନେ ପକାଇ ଦେବୁ ।'' ଝିଅ କହିଲା – ''ଏଇ ଯୁଗ୍ମ, ଅଯୁଗ୍ମ ସଂଖ୍ୟାର ସଂଜ୍ଞା କଥା ଓ ଅଯୁଗ୍ମ ସଂଖ୍ୟାର କୌତୁକ ଗୁଣ; ଯଥା, ପ୍ରତ୍ୟେକ ଅଯୁଗ୍ମ ସଂଖ୍ୟା ହେଉଛି ଦୁଇଟି କ୍ରମିକ ସଂଖ୍ୟାର ସମଷ୍ଟି, ପୁଣି ସେଇ ଅଯୁଗ୍ମ ସଂଖ୍ୟାଟି ସେଇ କ୍ରମିକ ସଂଖ୍ୟା ଦୁଇଟିର ବର୍ଗର ଅନ୍ତରଫଳ ସହିତ ସମାନ, ... ଇତ୍ୟାଦି ।''

''ଆଚ୍ଛା, ଏହାର ଗୋଟିଏ ଉଦାହରଣ ଦେବୁ ?'' – ମୁଁ ପୁଣି ତା'ର ସ୍ମୃତିଶକ୍ତିର ପ୍ରଖରତାକୁ ପରୀକ୍ଷା କରିବା ପାଇଁ ପଚାରିଲି ।

ସେ କହିଲା – ''ହଁ ବାପା ! ୨୭ ଏକ ଅଯୁଗ୍ମ ସଂଖ୍ୟା । ଏହା ଦୁଇଟି କ୍ରମିକ ସଂଖ୍ୟା ୧୩ ଓ ୧୪ର ମିଶାଣ ଫଳ । ଖାଲି ସେତିକି ନୁହେଁ, ୧୪ର ବର୍ଗରୁ ୧୩ର ବର୍ଗକୁ ବିଯୋଗ କଲେ ଆମେ ୨୭ ପାଇବା । – ଏମିତି ଯେକୌଣସି ଅଯୁଗ୍ମ ସଂଖ୍ୟାର ଏହାହିଁ ବିଶିଷ୍ଟ ଗୁଣ ।

– ''ଧନ୍ୟବାଦ ! ତୁ ଠିକ୍ କହିଛୁ ଆଉ ଠିକ୍ ମନେ ରଖିଛୁ । ଗଣିତ ପ୍ରତି ତୋର ଆଗ୍ରହ ଅଛି ବୋଲି ତୁ ଏମିତି ସୂକ୍ଷ୍ମ ବିଷୟଟି ମନେ ରଖିପାରିଛୁ । ଆଉ ସେଇଟାହିଁ ମୁଁ ପରୀକ୍ଷା କରୁଥିଲି ।'' ମୁଁ ତାକୁ ଉତ୍ସାହ ଦେଲି ।

ମାତ୍ର ମୋ ଉତ୍ସାହ-ବାକ୍ୟ ମୋ ପାଇଁ ବୁମେରାଂରେ ପରିଣତ ହେଲା । ସିଏ ମୋତେ ଉତ୍ସାହିତ କରି କହିଲା, ''ବାପା, ତୁମେ କୌତୁକିଆ ସଂଖ୍ୟା କଥା କହିବ, ଆଉ ମୁଁ ତାକୁ ଭୁଲି ଯିବି ? ଏହା କେମିତି ସମ୍ଭବ ? ଏପର୍ଯ୍ୟନ୍ତ ତୁମେ ମୋତେ ଗଣିତର ଯେତେ ମଜାଦାର କଥା, କୌତୁକିଆ ବିଷୟ କହିସାରିଛ, ଯାହା ପରୀ-କାହାଣୀ କି ପଞ୍ଚତନ୍ତ୍ରର କାହାଣୀ ପରି ବେଶ୍ ମନୋମୁଗ୍ଧକର ଓ ଆନନ୍ଦ ଦେଇଥାଏ । ତୁମର ମୋ ପ୍ରତି ଏ ଅନୁଗ୍ରହ ପାଇଁ ମୁଁ ଧନ୍ୟ ହୋଇଛି । ଆମ ଶ୍ରେଣୀରେ ମୋ ସହପାଠୀମାନଙ୍କ ସହ, ବେଳେବେଳେ ଆମ ଗଣିତ ଶିକ୍ଷକଙ୍କ ସହ ସେସବୁ ବିଷୟ ଆଲୋଚନା କରୁ, ମଜା ନେଉ । ସମସ୍ତେ ଖୁସୀରେ କେତେ ସୁନ୍ଦର ମନ୍ତବ୍ୟ ଦେଇଥା'ନ୍ତି । ସେସବୁ ଶୁଣିଲେ ମୋତେ ଢେର୍ ଖୁସୀ ଲାଗେ ।''

ଅନୁଭବ କଲି ମୋ ଉତ୍ସାହ-ବାକ୍ୟ ଅପେକ୍ଷା ତା'ର ବକ୍ତବ୍ୟର ପ୍ରୋତ୍ସାହନ ଢେର୍ ଅଧିକ ହେବ । କିନ୍ତୁ ଯାହା ସେ କହିଛି, ଯଥାର୍ଥ କହିଛି । ମୁଁ ନୀରବରେ ତାକୁ ଚାହିଁ ରହିଥାଏ । କେତେ କଥା ମନ ତଳେ ଛାୟାଛବି ପରି ଭାସି ବୁଲୁଥାଏ । ସେ ବି ମୋତେ ଏକଲୟରେ ଅନାଇ ରହିଥାଏ । ତା' କଥାରେ କିଛି ଭୁଲ୍ ରହିଲା କି ଏବଂ ଯଦି ଭୁଲ୍ ରହିଲା ତେବେ ସେଥିରେ ମୋର ପ୍ରତିକ୍ରିୟା କ'ଣ ? ମୁଁ କ'ଣ କହିବି – ସେ ବିଷୟରେ ଉତ୍କର୍ଣ୍ଣ ଥାଏ, ବେଶ୍ ଡରକୁଳା ଆଖିରେ ।

ମାତ୍ର ଆମେ ଦୁହେଁ ନୀରବ । କୁହାଯାଏ – ନୀରବତା କୁଆଡ଼େ ଦୁନିଆର ଶ୍ରେଷ୍ଠ ଓ ବଳିଷ୍ଠ ଭାଷା ! ନୀରବରେ ଯେତେ କଥା କୁହାଯାଏ, ତାହା ପାଟି ମାଧ୍ୟମରେ କୁହାଯାଇପାରେ ନାହିଁ ।

କିଛି ମୁହୂର୍ତ୍ତ ପରେ ମୁଁ ଆରମ୍ଭ କଲି – ''ଆଚ୍ଛା ! ଯୁଗ୍ମ, ଅଯୁଗ୍ମ ସଂଖ୍ୟା ସମ୍ପର୍କରେ ଆଜି ଆଉ କିଛି ଆଲୋଚନା କରିବା । ଶୁଣିବୁ ?'' ଝିଅ ଛିଟିକି ପଡ଼ିଲା ପରି ନାଚିଉଠିଲା । ବିଶେଷ କରି ମୋ ଠାରୁ ସଂଖ୍ୟାର କୌତୁକ ଗୁଣ ଶୁଣିବାର ସୁଯୋଗ ତାକୁ ଦେଲେ ସେ ଯେପରି ସମୁଦ୍ର ଲହରିର ଧର୍ମ ପାଇଯାଏ, ଆଉ ସେ ଚାଲେ ନାହିଁ । ଉତ୍ତାଳ ତରଙ୍ଗମାଳା ଡେଇଁ ପଡ଼ିଲା ପରି ହୁଏ । କେତେ ମୁଗ୍ଧ ବଚନ ତା' ମୁହଁରୁ ବାହାରି ପଡ଼େ । ସିଏ ଧାଇଁ ଗଲା ତା' ପଢ଼ା ଘରକୁ । ଖାତା କଲମ ଧରି ଝପଟି ଆସିଲା କେଇ ମୁହୂର୍ତ୍ତର ବ୍ୟବଧାନରେ ।

ବାହାରେ ମେଘ ଘଡ଼ଘଡ଼ି କମିଗଲାଣି । ମର୍ତ୍ତ୍ୟବାସୀଙ୍କୁ ତା'ର ଆସିବାର ସୂଚନା ଦେଇ ବର୍ଷାରାଣୀ କହିଗଲାଣି – ''ମୁଁ ଆସୁଛି ତୁମ ସମସ୍ତଙ୍କୁ ଆନନ୍ଦ, ଉଲ୍ଲାସ ଓ ଶାନ୍ତି ଦେବା ପାଇଁ । ଆଜି ପାଇଁ ମୋର ଏଇ ପ୍ରାକ୍ ଆଗମନୀ ସୂଚନା । ହେ ମର୍ତ୍ତ୍ୟବାସୀ ! ଥୟ ଧର ।''

ମୁଁ ଝିଅକୁ କହିଲି – ''ଝିଅ, ତୁ ତ ଯୁଗ୍ମ ସଂଖ୍ୟା ଓ ଅଯୁଗ୍ମ ସଂଖ୍ୟାର ବିଷୟ ଠିକ୍ ଜାଣିଛୁ । ଯେକୌଣସି ଏକ ସଂଖ୍ୟା ଖାତାରେ ଲେଖ । ସେଇଟି ଏକ ଅଙ୍କ, ଦୁଇ ଅଙ୍କ ଅବା ତିନି ଅଙ୍କ ବିଶିଷ୍ଟ ହୋଇପାରେ । ଯଦି ଯୁଗ୍ମ ସଂଖ୍ୟା, ତେବେ ୨ରେ ଭାଗ କରିବୁ । ଯଦି ଅଯୁଗ୍ମ ସଂଖ୍ୟା ହୋଇଥାଏ ତେବେ ୩ରେ ଗୁଣନ କରିବୁ । ଆଉ ଗୁଣଫଳରେ ୧ ଯୋଗ କରିବୁ । ଏବେ ତୁ ଏକ ଯୁଗ୍ମ ସଂଖ୍ୟା ନିଶ୍ଚୟ ପାଇବୁ । ତାକୁ ପୁଣି ୨ରେ

ହରଣ କରିବୁ । ଏପରି ତୁ ଯେଉଁ ସଂଖ୍ୟା ପାଇବୁ ତାକୁ ଏପରି କରି କରି ଆଗକୁ ଆଗକୁ ମାଡ଼ି ଚାଲିବୁ । ଶେଷରେ କ'ଣ ପାଇବୁ କହିବୁ ।''

ସିଏ ଖାତା କଲମ ବାହାର କଲା । ଲେଖିଲା ୯୦; ଏହା ଏକ ଯୁଗ୍ମ ସଂଖ୍ୟା ହେତୁ ଏହାକୁ ୨ରେ ଭାଗ କଲା । ୯୦÷୨=୪୫ । ଏହା ଅଯୁଗ୍ମ ସଂଖ୍ୟା । ଏହାକୁ ୩ରେ ଗୁଣନ କଲା, ୪୫x୩=୧୩୫ । ଏଥିରେ ୧ ଯୋଗ କଲା, ୧୩୫+୧=୧୩୬ । ୧୩୬ କୁ ୨ରେ ହରଣ କଲା, ୧୩୬÷୨=୬୮ । ଏହା ପୁଣି ଯୁଗ୍ମ । ଏଣୁ ୬୮÷୨=୩୪ । ଏହା ଯୁଗ୍ମ ହେତୁ ୩୪÷୨=୧୭ ପାଇଲା । ଏଥର ଅଯୁଗ୍ମ ସଂଖ୍ୟା ହେତୁ ୩ରେ ଗୁଣି ୧ ଯୋଗ କଲା । ପାଇଲା ୧୭x୩+୧=୫୨ । ଏହା ଯୁଗ୍ମ ହେତୁ ୨ରେ ଭାଗ କଲା : ୫୨÷୨=୨୬ । ୨୬କୁ ପୁଣି ୨ରେ ଭାଗ କଲା । ପାଇଲା ୨୬÷୨=୧୩ । ଏହା ଅଯୁଗ୍ମ । ତେଣୁ ଏହାକୁ ୩ରେ ଗୁଣନ କରି ୧ ଯୋଗ କଲା । ୧୩x୩+୧=୪୦ । ଏବେ ୪୦ ଏକ ଯୁଗ୍ମ ସଂଖ୍ୟା ହେତୁ ଏହାକୁ ୨ରେ ଭାଗ କରି ଭାଗଫଳ ପାଇଲା ୪୦÷୨=୨୦ । ଏହା ପୁଣି ଯୁଗ୍ମ ହେତୁ ପୁଣି ୨ରେ ଭାଗ କଲା, ପାଇଲା ୨୦÷୨=୧୦ । ଏହାକୁ ପୁଣି ୨ରେ ଭାଗ କଲା, ପାଇଲା ୧୦÷୨=୫ । ଏହା ଅଯୁଗ୍ମ ସଂଖ୍ୟା ହେତୁ ଏଥିରେ ୩ ଗୁଣନ କରି ୧ ଯୋଗ କଲା । ୫x୩+୧=୧୬ ହେଲା । ଏହାକୁ କ୍ରମଶଃ ୨ରେ ଭାଗ କରି ୧୬÷୨=୮, ୮÷୨=୪, ୪÷୨=୨ ଓ ୨÷୨=୧ ପାଇଲା ଶେଷରେ । ଅଟକି ଗଲା ଏଇଠି ଧଇଁ ସଇଁ ହୋଇ । ସତେ ଯେମିତି ସେ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି, ପ୍ରାଣପଣେ ଚେଷ୍ଟା କରି ତୃତୀୟ ସ୍ଥାନଟେ ବଜାୟ ରଖି ପାରିଛି ।

ମୁଁ କହିଲି – ''ଅଟକି ଗଲୁ ଯେ ! ୧, ଏହିଟି କି ସଂଖ୍ୟା ?'' ସେ ଉତ୍ତର ଦେଲା – ''ଅଯୁଗ୍ମ'' – ''ତେବେ ଏହାକୁ ୩ରେ ଗୁଣି ୧ ଯୋଗ କରି ଆଗକୁ ଯାଇପାରିବୁ ।'' ସିଏ ଆଗକୁ ବଢ଼ିଲା । ପାଇଲା ୪, ତା'ପରେ ୨ ଓ ଶେଷରେ ପୁଣି ୧ ! ସେ ଦୀର୍ଘଶ୍ୱାସ ଛାଡ଼ିଲା ଓ କହିଲା – ''ବାପା, କପିଳାସ ପର୍ବତରେ ଚନ୍ଦ୍ରଶେଖର ଶିବଙ୍କୁ ଦର୍ଶନ ପାଇଁ ପାହାଚ ଚଢ଼ି ଚଢ଼ି ଗଲେ ଭକ୍ତମାନେ ଯେମିତି ଅନୁଭବ କରନ୍ତି ସେମିତି ଲାଗିଲା । ସେଠାରେ କିନ୍ତୁ ପାହାଚଚଢ଼ା ପରେ ଚନ୍ଦ୍ରଶେଖର ମହାଦେବଙ୍କୁ ଦର୍ଶନ, ଶାନ୍ତ-ଶୀତଳ ପରିବେଶ ଓ ପାତିମାଙ୍କଡ଼ମାନଙ୍କ ଉତ୍‌ଫୁଲ୍ଲ ଡିଆଁଡେଇଁ ମନକୁ ଆନନ୍ଦିତ କରିପକାଏ । ଏଠାରେ କିନ୍ତୁ କି କୌତୁକ ରହିଲା ଜାଣି ପାରିଲି ନାହିଁ ।''

ମୁଁ ଫିକ୍ କରି ହସି ଦେଇ କହିଲି – ''ଏଥର ତୁ ଗୋଟିଏ ଯୁଗ୍ମ ସଂଖ୍ୟା ନେ', ତାରାତାରିଣୀ ମନ୍ଦିର ଚଢ଼ିବା ପରି ପାହାଚ ସବୁ ଚଢ଼ି ଚଢ଼ି ଚାଲ । ଦେଖିବୁ କ'ଣ ମିଳିଲା ?''

ସିଏ ଲେଖିଲା ୧୪୪ । ତାକୁ ୨ରେ ହରଣ କଲା । ପାଇଲା ୧୪୪÷୨=୭୨ । ଏହା ଯୁଗ୍ମ ହେତୁ ତାକୁ ପୁଣି ୨ରେ ଭାଗ କଲା, ୭୨÷୨=୩୬ । ଏହାକୁ ପୁଣି ୨ରେ ହରିଲା, ପାଇଲା ୩୬÷୨=୧୮ । ପୁଣି ଯୁଗ୍ମ ସଂଖ୍ୟାଟେ ୧୮ ମିଳିଛି । ଏହାକୁ ମଧ୍ୟ ୨ରେ ହରଣ କଲା, ୧୮÷୨=୯ । ଏବେ ଏକ ଅଯୁଗ୍ମ ସଂଖ୍ୟା ପାଇଛି । ଏହାକୁ ୩ରେ ଗୁଣନ କରି ୧ ଯୋଗ କଲା । ପାଇଲା ୯x୩+୧=୨୮ । ଏହାକୁ ୨ରେ ହରଣ କଲା, ପାଇଲା ୨୮÷୨=୧୪ । ଏହା ଯୁଗ୍ମ ହେତୁ ୨ରେ ହରଣ କଲା, ୧୪÷୨=୭ । ଏହା ଅଯୁଗ୍ମ ହେତୁ ଏହାକୁ ୭x୩+୧=୨୨ ହେଲା । ଏହାକୁ ୨ରେ ହରଣ କଲା, ପାଇଲା ୨୨÷୨=୧୧ । ୧୧କୁ ୩ରେ ଗୁଣି, ଗୁଣଫଳରେ ୧ ଯୋଗ କଲା । ମୂଲ୍ୟ ମିଳିଲା ୧୧x୩+୧=୩୪ । ଏହାକୁ ୨ରେ ଭାଗ କଲା, ୩୪÷୨=୧୭ । ଏହା ଏକ ଅଯୁଗ୍ମ ସଂଖ୍ୟା ହେତୁ ୧୭x୩+୧=୫୨ କଲା । ଏହା ପରେ ପୂର୍ବ ପରି ଯୁଗ୍ମ ହେଲେ ୨ରେ ହରଣ ଓ ଅଯୁଗ୍ମ ସଂଖ୍ୟା ହେଲେ ୩ରେ ଗୁଣନ କରି, ଗୁଣ ଫଳରେ ୧ ଯୋଗ କରି ପୁଣି ଯୁଗ୍ମ ସଂଖ୍ୟାଟେ ପାଇଲା । ଏମିତି ଆଉ କେତେ ପାହାଚ ଚଢ଼ି ସିଏ ୪, ୨ ଓ ପରେ ପରେ ୧ ପାଇଲା ।

କହିଲା – ''ବାପା ! ଏଠାରେ ମଧ୍ୟ ସେଇ ୪, ୨ ଓ ୧ ଅଙ୍କ ଶେଷରେ ମିଳୁଛି ।'' ମୁଁ ଈଷତ୍ ହସି କହିଲି – ''ଏଠାରେ ପାହାଚ ଚଢ଼ିବା ପରି ତୋତେ ହାଲିଆ ଲାଗିଲା ନାହିଁ ?'' ସେ ଉତ୍ତର ଦେଲା – ''ଲାଗିଲା, ମାତ୍ର ପୂର୍ବ ଅଙ୍କ ପରି ଢେର୍ ସୋପାନ ଏଠାରେ ନାହିଁ ।''

ମୁଁ ପଚାରିଲି – ''ଏଥିରୁ ତୁ କ'ଣ ଜାଣିଲୁ ?''

ସେ ଉତ୍ତର ଦେଲା – ''ଯେକୌଣସି ସଂଖ୍ୟା, ସିଏ ଯୁଗ୍ମ ହେଉ କି ଅଯୁଗ୍ମ, ଆମେ ତାକୁ ଉପରୋକ୍ତ ଧାରାରେ ଆଗକୁ ଆଗକୁ ନେଇ ଚାଲିଲେ ଶେଷରେ ୪, ୨ ଓ ୧ ଅଙ୍କହିଁ ବୃତ୍ତୀୟ କ୍ରମରେ ପାଇବା !''

''ତୁ ଠିକ୍ କହିଛୁ ।'' – ମୁଁ କହିଲି । ସେ କିନ୍ତୁ ମୋ

କଥା ଶୁଣୁ ନଥାଏ । ଆଖି ଦୁଇଟିକୁ ତା' ହିସାବ କରିଥିବା ପୃଷ୍ଠା ଉପରେ ନିବଦ୍ଧ ରଖିଥାଏ । ଅସ୍ପଷ୍ଟ ଭାବରେ କ'ଣ କିଛି ଗୁଣୁ ଗୁଣୁ ହେଉଥାଏ । କିଛି ଯେମିତି ତା'ର ଅବୁଝା ରହିଯାଇଛି ।

ସିଏ ପୁଣି ପଚାରିଲା – ''ବାପା ! ଏଇ ୪, ୨ ଓ ୧ରେ କୁହୁକ କ'ଣ ରହିଛି ?''

ମୁଁ ତା'ର ଆଗ୍ରହ ଉଦ୍ଦୀପକ ଜିଜ୍ଞାସାରେ ପ୍ରତ୍ୟୁତ୍ତର କଲି –''ଦେଖ୍, ଆମେ ଯେକୌଣସି ସଂଖ୍ୟାଟିଏ ବାଛି ଉପରୋକ୍ତ ମାଧ୍ୟମରେ ହରଣ, ଗୁଣନ ଓ ଯୋଗ କରି କିଛି ବାଟ ଗଲା ପରେ, ଶେଷରେ ଏଇ ୪, ୨ ଓ ୧କୁ ହିଁ ପାଇବା । ଆଉ ଆଗକୁ ଯାଇ ପାରିବା ନାହିଁ । ଏପରି ଆହୁରି ଅନେକ ସଂଖ୍ୟା ନେଇ ପରୀକ୍ଷା କରିପାରୁ ।'' ଝିଅ ମୋ ଆଡ଼କୁ ''କିମାଶ୍ଚର୍ଯ୍ୟମ୍'' ଭଙ୍ଗିରେ ଅନାଇଲା । ମୁଁ କହିଲି, ''ଏଇ ୪, ୨ ଓ ୧ ସଂଖ୍ୟାକୁ ନେଇ ଗଠିତ ସଂଖ୍ୟାଟି ହେଉଛି ୪୨୧ । ଏହାର ପୁଣି ଆହୁରି ବିଶେଷତ୍ୱ ରହିଛି ।''

– ''କି ବିଶେଷତ୍ୱ ?'' ଝିଅର ପୁଣି ଅଛିଣ୍ଡା ପ୍ରଶ୍ନବାଣ !

– ''ଏଇ ୪୨୧ ସଂଖ୍ୟାଟି ଏକ ମୌଳିକ ସଂଖ୍ୟା । ଏହା କେବଳ ୧ ଓ ୪୨୧ ଦ୍ୱାରା ବିଭାଜ୍ୟ । ଏଡ଼େ ବଡ଼ ସଂଖ୍ୟା ମୌଳିକ ସଂଖ୍ୟା ଭଳିଆ ଜଣା ପଡୁ ନାହିଁ । ପୁଣି ଏହାର ଏକକ ଅଙ୍କର ଦୁଇଗୁଣ ହେଉଛି ଦଶକ ଅଙ୍କ । ଏବଂ ଦଶକ ଅଙ୍କର ଦୁଇଗୁଣ ହେଉଛି ଶତକ ଅଙ୍କ । ପୁଣି ଏଇ ସଂଖ୍ୟାର ପ୍ରାନ୍ତ ଅଙ୍କ ଦୁଇଟି ୧ ଓ ୪, ପୂର୍ଣ୍ଣ ବର୍ଗ ସଂଖ୍ୟା ! ଏପରି ଗୁଣ ଥିବା ଏହାଠାରୁ କ୍ଷୁଦ୍ର ସଂଖ୍ୟା ଆଉ ନାହିଁ । ଆଉ ଏଇ ୪୨୧ ସଂଖ୍ୟାକୁ ସଂଖ୍ୟା ଜଗତରେ ଏକ ସ୍ୱତନ୍ତ୍ର ସଂଖ୍ୟା ବା ''ଦେବଦୂତ ସଂଖ୍ୟା'' (Angel Number) କହନ୍ତି !''

ଝିଅ ଉଠି ତା' ପଢ଼ା ଘରକୁ ବାହାରିଗଲା । ମେଘ-ମେଦୁର ଆକାଶରୁ ମେଘମାନେ ସୁଦ୍ଧା ତାଙ୍କ ଆଗମନୀର ବାର୍ତ୍ତା ଦେଇ କେଉଁ ଅଞ୍ଚଳକୁ ବାହାରି ଗଲେଣି । ଏବେ ଆକାଶ ସଫା । ମୁଁ ବି ବର୍ଷା ଭାବନାରେ ବୁଡି ଥିଲାବେଳେ କେମିତି କେଜାଣି ଏଇ ଅଦ୍ଭୁତ ସଂଖ୍ୟା ପରିସରକୁ ଚାଲି ଆସିଲି, ସେକଥା ଭାବି ହେଲି ।

ନିଜକୁ ନିଜେ ପଚାରୁଥିଲି, – ''ବୋଧହୁଏ ଏମିତି ହୁଏ ବେଳେ ବେଳେ !'' ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଚେତନାର ଦିଗ୍‌ବଳୟ :

# ସ୍ୱଧର୍ମ-ବିରୋଧୀ ଭୂମିକାରୁ ନିବୃତ ରହୁ ଚିକିତ୍ସା ବିଜ୍ଞାନ

ମାର୍ଚ୍ଚ, ୨୦୧୮ ପ୍ରଥମାର୍ଦ୍ଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ତାହା ଫଳରେ ଯଦି କୌଣସି ରୋଗୀ ନିରାମୟ ହେବାର ସମ୍ଭାବନା ସର୍ବାଦୌ ନଥିବ ବୋଲି ଚିକିତ୍ସକମାନେ ବିଚାରିବେ, ଅଥଚ ସେ ରୋଗୀ କଷ୍ଟ ଭୋଗୁଥିବ କିଂବା ତା'ର ଅଙ୍ଗପ୍ରତ୍ୟଙ୍ଗରେ ପ୍ରାଣ ସ୍ପନ୍ଦନ ନଥିବା ସତ୍ତ୍ୱେ ସେ ନାମକୁ ମାତ୍ର ଜିଇଁ ରହିଥିବ, ତେବେ ପୃଥିବୀରୁ ବିଦାୟ ନେବା ନିମନ୍ତେ ସେ ଇଚ୍ଛା କଲେ ଚିକିତ୍ସକମାନେ ତାକୁ ସେ ଦିଗରେ ସାହାଯ୍ୟ କରିବେ; ଅର୍ଥାତ୍ ତା'ର ହୃତ୍‌ସ୍ପନ୍ଦନ ବଜାୟ ରଖୁଥିବା ଯାନ୍ତ୍ରିକ ଉପକରଣମାନ ପ୍ରତ୍ୟାହାର କରି ନିଆଯିବ । ସେ ମୃତ୍ୟୁ ଲଭିବା ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କରାଯାଇପାରେ । ଏହା Euthanasia ନାମରେ ବିଦିତ ।

ମୋଟାମୋଟି ଭାବରେ ଜନସାଧାରଣ ନ୍ୟାୟାଳୟର ଏ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଯେକୌଣସି ସାଧାରଣ ଜ୍ଞାନ ସମ୍ପନ୍ନ ହେତୁବାଦୀ ମଣିଷ ଏଥିରେ ଖୁସି ହେବ । ଅନିର୍ଦ୍ଦିଷ୍ଟ କାଳ ସକାଶେ ରୋଗୀଟିଏ କଷ୍ଟ ପାଉଥିବ – ସେଥିରେ ତା' ଆତ୍ମୀୟସ୍ୱଜନ ବା ପ୍ରିୟ ପରିଜନଙ୍କ କଷ୍ଟ ମଧ୍ୟ ଅନିବାର୍ଯ୍ୟ । ଉଭୟଙ୍କ କଷ୍ଟ ସମାପିତ ହେବ – ଏଭଳି ''ଇଚ୍ଛା ମୃତ୍ୟୁ'' ଦ୍ୱାରା ।

ଅବଶ୍ୟ କେତେକ ରକ୍ଷଣଶୀଳ ଧର୍ମବାଦୀ ଏ ସିଦ୍ଧାନ୍ତ ଭୁଲ୍ ବୋଲି କହିଛନ୍ତି; ଆଉ କେତେକେ ଏ ସିଦ୍ଧାନ୍ତ କାର୍ଯ୍ୟକାରୀ କରିବା ପୂର୍ବରୁ ରୋଗୀର ପରିବାର ତଥା ଡାକ୍ତରମାନେ ଯେତେ ବିଧିବିଧାନ ପାଳନ କରିବାକୁ ବାଧ୍ୟ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି, ସେସବୁ ବିଧିବିଧାନ ଫାଙ୍କି ଦେଇ ରୋଗୀର ଆଶୁ ମୃତ୍ୟୁ ଘଟାଇବା ଭଳି ସ୍ୱାର୍ଥାନ୍ଧ ଜ୍ଞାତିକୁଟୁମ୍ବ ଥିବା ଅସମ୍ଭବ ନୁହେଁ ବୋଲି ଦର୍ଶାଇଛନ୍ତି ।

କିନ୍ତୁ ଯେଉଁ ହେତୁରୁ ଏ ସିଦ୍ଧାନ୍ତର ପୁନର୍ବିଚାର ହେବା ଆବଶ୍ୟକ, ତାହା ମାମୁଲି ହେତୁବୋଧଠାରୁ ଊର୍ଦ୍ଧ୍ୱସ୍ଥ ଏକ ଭିନ୍ନ ସ୍ତରର ହେତୁବୋଧ ।

୧୯୭୮ ମସିହାରେ ପ୍ରଥମେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (World Health Organisation ବା WHO) ମଣିଷର ସୁସ୍ଥତାର ସଂଜ୍ଞା ପ୍ରସାରିତ କରିବା ପ୍ରସ୍ତାବ ବିଚାରକୁ ନେଲେ । ସେଯାଏ ଜଣକର ଦୈହିକ, ପ୍ରାଣିକ, ମାନସିକ ଓ ପାରିପାର୍ଶ୍ୱିକ ସଂହତିରେ ସ୍ୱାଭାବିକତାକୁ ସୁସ୍ଥତା ବୋଲି ଗ୍ରହଣ କରାଯାଉଥିଲା ଏବଂ ଏଥିରୁ କୌଣସିଥିରେ ବିକଳତା ସେ ସୁସ୍ଥତାକୁ ବିପନ୍ନ କରିପାରେ ବୋଲି ଧରା ଯାଉଥିଲା । ନୂତନ ଧାରଣା ଅନୁସାରେ ମଣିଷର ବ୍ୟକ୍ତିତ୍ୱରେ ଏକ ଅପ୍ରକଟ ଚେତନା ରହିଛି ଏବଂ ଜଣକର ସୁସ୍ଥତା ବା ଅସୁସ୍ଥତା ଉପରେ ସେ ଚେତନାର ପ୍ରଭାବ ରହିଛି, ଏହା ଏକ ତଥ୍ୟ ଭାବରେ ବିଚାର୍ଯ୍ୟ ବୋଲି ସ୍ୱୀକୃତି ପାଇଲା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶ କ୍ରମେ ବେଙ୍ଗାଲୁରୁରେ ଅବସ୍ଥିତ ''ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ-ବିଜ୍ଞାନ ପ୍ରତିଷ୍ଠାନ'' (National Institute of Mental Health and Neuro-science ବା NIMHANS)ଠାରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହେଲା । ସେଥିରେ ଅଂଶଗ୍ରହଣ-କାରୀମାନେ ହେଲେ ଦେଶର ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକ, ସ୍ନାୟୁବିଶେଷଜ୍ଞ, ଆଇନ ବିଶାରଦ ଏବଂ ଦୁଇ, ତିନି ଜଣ ଆଧ୍ୟାତ୍ମିକତାର ଛାତ୍ର । ଶେଷୋକ୍ତ ଶ୍ରେଣୀଭୁକ୍ତ ଭାବରେ ଏ ଲେଖକକୁ ମଧ୍ୟ ସେଥିରେ ଭାଗ ନେବାକୁ ସୁଯୋଗ ଦିଆଯାଇଥିଲା ।

ତିନିଦିନ ବ୍ୟାପୀ ଗୁରୁଗମ୍ଭୀର ଆଲୋଚନା ଅନ୍ତେ ସର୍ବସମ୍ମତିକ୍ରମେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ଜଣାଇ ଦିଆଗଲା ଯେ ମଣିଷର ବ୍ୟକ୍ତିତ୍ୱରେ ଦେହ, ମନ ଓ ପ୍ରାଣ ବ୍ୟତିରେକେ ତଥା ସେ ତିନି ଉପାଦାନଠାରୁ ମହତ୍ତର ଏକ ଉପାଦାନ ରହିଛି । ସ୍ଥୂଳ ସ୍ୱାସ୍ଥ୍ୟ ଉପରେ ମଧ୍ୟ ତା'ର ପ୍ରଭାବ ବିପୁଳ । ସେ ଚତୁର୍ଥ ଉପାଦାନ ଆତ୍ମା । କିନ୍ତୁ ହେତୁବାଦୀ ଭାଷାରେ ତାକୁ କୁହାଗଲା : ସ୍ୱାସ୍ଥ୍ୟର ଚତୁର୍ଥ ଦିଗ : ଗୁଣ ଏକ୍ସ । (The Fourth Dimension of Health : Factor X)

ଇତିମଧ୍ୟରେ ପାଶ୍ଚାତ୍ୟରେ ଏହା ଉପରେ କେତେ ଗବେଷଣା ହୋଇ ସାରିଲାଣି । କିନ୍ତୁ ଆମ ଭାରତୀୟମାନଙ୍କ ପାଇଁ ଏହା ଗୋଟାଏ ଅତି ପରିଚିତ ତତ୍ତ୍ୱ । ଆଧ୍ୟାତ୍ମିକ ଶିକ୍ଷକମାନେ ସରଳ ଭାବରେ ଏ ତତ୍ତ୍ୱ ଏମିତି ଶୈଳୀରେ

ଉପସ୍ଥାପନ କରନ୍ତି : ଯେତେବେଳେ ମୁଁ କହେ ''ମୁଁ ଚାଲୁଛି'', ସେତେବେଳେ ମୁଁ ମୋ ଦେହକୁ ବୁଝାଉ ଥାଏଁ । ଯେତେବେଳେ କହେଁ, ''ମୁଁ ଚିନ୍ତା କରୁଛି'', ସେତେବେଳେ ମୁଁ ମୋ ମନକୁ ବୁଝାଏ । ଯେତେବେଳେ କହେଁ, ''ମୁଁ ଅନୁଭବ କରୁଛି'', ସେତେବେଳେ ମୁଁ ମୋ ଆବେଗ ସମ୍ବଳିତ ପ୍ରାଣକୁ ବୁଝାଇଥାଏଁ । କିନ୍ତୁ ଯେତେବେଳେ ମୁଁ କହିବି, ''ମୋ ଦେହ, ମୋ ମନ, ମୋ ପ୍ରାଣ'', ସେତେବେଳେ ସେ 'ମୁଁ' ଜଣକ ନିଶ୍ଚୟ ଏ ତିନିରୁ ପୃଥକ୍ ଏକ ଚତୁର୍ଥ ସତ୍ତା । ସେହି ସତ୍ତାହିଁ ମୋର ପ୍ରକୃତ ସତ୍ତା – ଯାହାକୁ ଭିତ୍ତି କରି ମୋ ପ୍ରାଣ ଓ ମନର ଅସଂଖ୍ୟ ପରସ୍ପର-ବିରୋଧିଶକ୍ତି ଏକତ୍ର ହୋଇ ରହିଛନ୍ତି । ନହେଲେ ମୋ ବ୍ୟକ୍ତିସତ୍ତା 'ଏକ' ଭାବରେ ତିଷ୍ଠି ପାରନ୍ତା ନାହିଁ । ଯେତେବେଳେ ସେ ସତ୍ତା ଆପଣାକୁ କଳେବରଟିଏ ଭିତରୁ ପ୍ରତ୍ୟାହାର କରି ନେବାକୁ ସିଦ୍ଧାନ୍ତ କରିବ ସେତେବେଳେ ଜଣକର ମୃତ୍ୟୁ ହେବ; ସତ୍ତାର ସମସ୍ତ ଉପାଦାନ ପରସ୍ପର ବିଚ୍ଛିନ୍ନ ହୋଇ ନିଜ ନିଜ ଲୋକକୁ ଚାଲିଯିବେ ।

କିନ୍ତୁ ସେହି ଆତ୍ମା ସହିତ ଆମର ସଚେତନ ସମ୍ପର୍କ କ୍ଷୀଣ । ତା'ର ସଂକଳ୍ପ ଆମେ ଜାଣୁନା । ଆମର ଶାରୀରିକ ଓ ମାନସିକ କ୍ଳେଶ ମାଧ୍ୟମରେ ଆମ ଆତ୍ମାହିଁ କୌଣସି ଅଭିଜ୍ଞତା ସଞ୍ଚୟ କରୁଥାଇପାରେ । ଏହାର ଅର୍ଥ ସାମାନ୍ୟ ସ୍ପଷ୍ଟ ହେବ ଆମେ ଯଦି ସ୍ମରଣରେ ରଖିବା ଯେ ଜନ୍ମ ଜନ୍ମ ଧରି ଅବ୍ୟାହତ ଆମ ଜୀବନ ସ୍ରୋତର ଏକ ଆଭିମୁଖ୍ୟ ରହିଛି । ପ୍ରତି ଜନ୍ମରେ ଅର୍ଜିତ ସେହି ଅଭିଜ୍ଞତା ପ୍ରଗତିର ପାଥେୟ ଭାବରେ ସଞ୍ଚିତ ରହୁଛି ଆମ ଆତ୍ମାରେ – ଏହି ପରିପ୍ରେକ୍ଷୀରେ ଆତ୍ମାର ଯେଉଁ ଭୂମିକାକୁ ଆମେ ଚୈତ୍ୟସତ୍ତା ବୋଲି କହୁଁ । ଏ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଜନ୍ମ ଶତାବ୍ଦୀ ଗ୍ରନ୍ଥମାଳାର ୨୩ ଖଣ୍ଡରେ ପୁନର୍ଜନ୍ମ ବିଭାଗରେ ତାଙ୍କ ପତ୍ର ଦ୍ରଷ୍ଟବ୍ୟ ।

(SABCL, Vol. 22, *Letters on Yoga :* "Rebirth")

ଚିକିତ୍ସା ବିଜ୍ଞାନର ଧର୍ମ ଜୀବନବାଦୀ, ମରଣବାଦୀ ନୁହେଁ । ତେଣୁ ମୃତ୍ୟୁକୁ ତ୍ୱରାନ୍ୱିତ କରିବା ସେ ବିଜ୍ଞାନ ପକ୍ଷରେ ସ୍ୱଧର୍ମ-ବିରୋଧୀ କର୍ମ ।

ଯେଉଁ ଧରଣର ରୋଗଗ୍ରସ୍ତମାନଙ୍କ ସମ୍ପର୍କରେ ଏ ପ୍ରଶ୍ନ ଉଠୁଛି, ସେମାନେ କଷ୍ଟ ପାଉଥିବା ସତ୍ୟ ହୋଇପାରେ, ଅସାଡ଼ ଥାଇ କଷ୍ଟ ମୁକ୍ତ ଭାବରେ ଅଜ୍ଞାନ ଥିବା ମଧ୍ୟ ସତ୍ୟ ହୋଇପାରେ । ତେବେ ସେମାନଙ୍କ ଦାୟିତ୍ୱରେ ଥିବା ପରିବାର ପରିଜନଙ୍କ କଷ୍ଟକୁ ବିଚାରକୁ ନେବା ଏକାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏକ ଉନ୍ନତ, ଜନହିତଭିତ୍ତିକ ରାଷ୍ଟ୍ର ପ୍ରତ୍ୟେକ ବଡ଼ ବଡ଼ ଆରୋଗ୍ୟ ନିକେତନରେ ସେମାନଙ୍କୁ ଏକତ୍ର ରଖି ନିୟମିତ ସେବାଦାନର ଯୋଜନା ପ୍ରସ୍ତୁତ କଲେ ସେ ଦିଗରେ ସରକାରୀ ବ୍ୟବସ୍ଥା ବ୍ୟତିରେକେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କର ସହାୟତା ମଧ୍ୟ ମିଳିବ । ମୃତ୍ୟୁବରଣ ପାଇଁ ରୋଗୀ ସମ୍ମତ – ସେଭଳି ଯୁକ୍ତି କିନ୍ତୁ ସେଭଳି ମୃତ୍ୟୁକୁ ଆତ୍ମହତ୍ୟା ପର୍ଯ୍ୟାୟରୁ ସ୍ୱତନ୍ତ୍ର କରିଦେଇ ପାରିବ ନାହିଁ । କୌଣସି କୌଣସି ପରିସ୍ଥିତିରେ ଯୋଗୀ, ଋଷିମାନେ ଆତ୍ମ-ବିସର୍ଜନ ଦେବାର ପରମ୍ପରା ରହିଛି । କିନ୍ତୁ ତାହା କ୍ଳେଶରୁ ବର୍ତ୍ତିବା ପାଇଁ ନୁହେଁ । ସେ ସମ୍ପର୍କରେ ବାରାନ୍ତରେ ।

– **ମନୋଜ ଦାସ**

❑❑❑

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ୍ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସନ୍ଧାନ କରେ ।

(SABCL, Vol. - 13, p. 205)

– ଶ୍ରୀଅରବିନ୍ଦ

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 12** **R.N.I. No. 18163/70.**
Navaprakash (Monthly), December, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''
— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**